ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଫେବୃୟାରୀ ୪/୨୦୧୯ (୧୬ ପୃଷ୍ଠା) | Balasore, Monday, February 4/ 2019 | ★★★★

୪୫ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ଟଣ୍ଡନଙ୍କୁ ଟାଇଟଲ

ଭାରତର ପ୍ରଫେଶନାଲ ସ୍କ୍ୱାଶ୍ ଖେଳାଳି ରମିତ ଟଣ୍ଡନ ପିଏସ୍ଏ ଚ୍ୟାଲେଞ୍ଜର ସିଆଟଲ ଓପନ୍ ଟାଇଟଲ ହାସଲ କରିଛନ୍ତି।

୧୫ ୦୨

କପିଲଙ୍କ ତୃତୀୟ ୱେଡିଂ ରିସେପ୍ଶନ

ହାସ୍ୟାଭିନେତା କପିଲ ଶର୍ମା ଶନିବାର ଦିଲ୍ଲୀରେ ତୃତୀୟ ଥର ଲାଗି ୱେଡିଂ ରିସେପ୍ଶନ ପାଳନ କରିଛନ୍ତି।

ଆଜିର ସମ୍ପାଦକୀୟ

ଏହା ଯଦି ଟ୍ରେଲର ହୁଏ

ଆଜିର ମନ୍ତବ୍ୟ

କେନ୍ଦ୍ରର ଶସ୍ୟ ବୀମା ଯୋଜନା ଚାଷୀଙ୍କ ଟଙ୍କା ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

କିଛି ତଥ୍ୟ

୨୦୧୯-୨୦ ଅନ୍ତରୀଣ ବଜେଟରେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)ର ବ୍ୟୟ ବରାଦରେ ୮.୭% ହ୍ରାସ ଘଟି ୧୨୨୭ କୋଟି ରହିଛି। ଏହା ୨୦୧୮-୧୯ରେ ୧୨୪୫ କୋଟି ଟଙ୍କା ଥିଲା।

– ଅର୍ଥ ମନ୍ତ୍ରଣାଳୟ

ଖୁଣ୍ଟରେ କେନ୍ଦ୍ରର ୮୫% ଅସଫଳତା

ସୁନୀତ ମିଶ୍ର
ଭୁବନେଶ୍ୱର, ୩।୨

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ୨୦୧୯ ସୁଦ୍ଧା ଦେଶର ପ୍ରତି ଗାଁକୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରକୁ ଆସିବାର କିଛିଦିନ ମଧ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ୩ ଡିସେମ୍ବର ୨୦୧୪ରେ ଆରମ୍ଭ କରିଥିଲେ। ଏହା ସହ ୨୮ ଏପ୍ରିଲ ୨୦୧୮ରେ ନିଜେ ପ୍ରଧାନମନ୍ତ୍ରୀ ଏକ ଟୁଇଟ୍ କରି ଦେଶର ପ୍ରତ୍ୟେକ ଗାଁରେ ବିଜୁଳି ପହଞ୍ଚି ସାରିଥିବା ଦର୍ଶାଇଥିଲେ। ସେହି ଦିନଟିକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଐତିହାସିକ ବୋଲି ମଧ୍ୟ କହିଥିଲେ। ଏ ନେଇ ଧରିତ୍ରୀ ପକ୍ଷରୁ ଓଡିଶାରେ ସର୍ଭେ ହେବା ପରେ ଦେଶର ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ବାହାରିଥିବା ଏତେବଡ କଥାଟିର ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡିଛି।

ପ୍ରତିଶ୍ରୁତି ପୂରଣ ନ କରି, ଆଗକୁ ନିର୍ବାଚନ ଥିବାରୁ ମୋଦି ସରକାର ସବୁ ଘରେ ବିଜୁଳି ପହଞ୍ଚାଇ ଦେଇଛନ୍ତି ବୋଲି ଅସତ୍ୟ ଡିଣ୍ଡିମ ପିଟୁଥିବା ସାଧାରଣ ନାଗରିକମାନେ ମଧ୍ୟ ଅଭିଯୋଗ କରିଛନ୍ତି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଏବଂ ପରବର୍ତ୍ତୀ ସମୟରେ ଅଣାଯାଇଥିବା ସୌଭାଗ୍ୟ ଯୋଜନାରେ ଏ ପର୍ଯ୍ୟନ୍ତ ସବୁ ଗାଁ ଏବଂ ପ୍ରତି ଘରେ ବିଜୁଳି ପହଞ୍ଚିନାହିଁ। ବହୁତଗୁଡିଏ ଗ୍ରାମରେ ଖୁଣ୍ଟ ପୋତି ଦେଇ ଯୋଜନାର ଶତପ୍ରତିଶତ ସଫଳତା କଥା ପ୍ରଚାର କରାଯାଉଛି। ଅପରପକ୍ଷରେ ଓପିଟିସିଏଲର ଉଚ୍ଚପଦସ୍ଥ ଅଧିକାରୀ ଜେ.ପି. ଦାସଙ୍କୁ ଏ ନେଇ ଧରିତ୍ରୀ ପକ୍ଷରୁ ପଚାରିବାରୁ ସେ କହିଛନ୍ତି ଯେ, ଲକ୍ଷ୍ୟ ରଖାଯାଇଥିବା ଟାର୍ଗେଟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବହୁତଗୁଡିଏ ଗାଁରେ ବିଦ୍ୟୁତ୍ ପହଞ୍ଚାଯାଇ ସାରିଛି ଏବଂ ଆଉ କିଛି ସ୍ଥାନରେ ରହିଯାଇଛି। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟ ବୃଦ୍ଧି କରାଯାଇଛି। ୩୧ ଡିସେମ୍ବର ୨୦୧୮ ସୁଦ୍ଧା ଟାର୍ଗେଟ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ଏବେ ସେହି ସମୟ ଅବଧିକୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି ବୋଲି ଦାସ କହିଛନ୍ତି। ହେଲେ ପାର୍ଲାମେଣ୍ଟରେ କିନ୍ତୁ ମିଛ ସଫଳତାର ଆହୁରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ୩୧ ଜାନୁୟାରୀ ୨୦୧୯ରେ ପାର୍ଲାମେଣ୍ଟରେ ହୋଇଥିବା ମିଳିତ(ଉଭୟ ରାଜ୍ୟ ସଭା ଓ ଲୋକ ସଭା) ଅଧିବେଶନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଉଦ୍‌ବୋଧନରେ ମଧ୍ୟ କହିଥିଲେ ଯେ, ଆମ ସରକାର ଦେଶର ପ୍ରତି ଗାଁ ଏବଂ ଘରେ ଘରେ ବିଦ୍ୟୁତ୍ ପହଞ୍ଚାଇ ସାରିଛନ୍ତି। ୨୦୧୪ରେ ୧୮

୯ ମାସ ତଳେ ପ୍ରଧାନମନ୍ତ୍ରୀ କରିଥିବା ଟୁଇଟ୍।

ହଜାରରୁ ଅଧିକ ଗାଁରେ ବିଦ୍ୟୁତ୍ ସେବା ପହଞ୍ଚିପାରି ନ ଥିଲା। ହେଲେ ବର୍ତ୍ତମାନ ସେ ଲକ୍ଷ୍ୟ ସମ୍ପୂର୍ଣ୍ଣ ପୂରଣ କରାଯାଇସାରିଛି। ସେହିପରି ସୌଭାଗ୍ୟ ଯୋଜନା ଜରିଆରେ ଦେଶରେ ଥିବା ୨କୋଟି ୪୭ଲକ୍ଷ ଗରିବ ଘରେ ବିଦ୍ୟୁତ୍ ସେବା ପହଞ୍ଚି ସାରିଛି। ଦେଶର କୌଣସି ଗରିବ ଆଉ ଅନ୍ଧାରରେ ରହୁ ନ ଥିବା କୋବିନ୍ଦ ନିଜ ଉଦ୍‌ବୋଧନରେ କହିଥିଲେ। ଏହାର ଦିନକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ବଜେଟ ଉପସ୍ଥାପନ କରିବା ସମୟରେ ଦେଶର ସବୁ ଘରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିଦ୍ୟୁତ୍ ସେବା ପହଞ୍ଚାଇ ସାରିଥିବା କଥା ଦୋହରାଇଥିଲେ। ଏହି ଅବସରରେ କେନ୍ଦ୍ରର ଯୋଜନାକୁ ମଧ୍ୟ ସେ ଭରପୂର ପ୍ରଶଂସା କରିଥିଲେ।

ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ସରକାରୀ ପୋର୍ଟାଲର ତଥ୍ୟ ଅନୁଯାୟୀ ମଧ୍ୟ ଲକ୍ଷ୍ୟ ରଖାଯାଇଥିବା ସମସ୍ତ ଗ୍ରାମ ଓ ଘରେ ଘରେ ବିଜୁଳି ପହଞ୍ଚାଇବାର କାର୍ଯ୍ୟ ଶତପ୍ରତିଶତ ପୂରଣ ହୋଇସାରିଥିବା ଦର୍ଶାଇ ଦିଆଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନାରେ ଓଡିଶାର ସର୍ବମୋଟ ୩୮୬୦ ଗ୍ରାମରେ ବିଦ୍ୟୁତ୍ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ସେଥିରୁ ୩୨୮୧ ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚି ସାରିଛି। ବାକି ୫୭୯ଟି ଗ୍ରାମରେ କେହି ବାସ କରୁ ନ ଥିବା ପୋର୍ଟାଲରେ ଉଲ୍ଲେଖ ରହିଛି। ଏହି କ୍ରମରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଏପ୍ରିଲ ୨୦୧୮ ସୁଦ୍ଧା ଶତପ୍ରତିଶତ ପୂରଣ କରିଦିଆଯାଇଛି। ହେଲେ ୫ ସେପ୍ଟେମ୍ବର ୨୦୧୮ରେ କୋରାପୁଟ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ପଚାରିଥିବା ଏକ ତାରକା ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ କହିଥିଲେ ଯେ, ସାଉଥ୍‌କୋଠାରୁ ମିଳିଥିବା ତଥ୍ୟ ଅନୁଯାୟୀ କୋରାପୁଟ ଜିଲାର ୧୬୦୬ଟି ପଡା ଗ୍ରାମରେ ରାଜୀବ ଗାନ୍ଧୀ ଗ୍ରାମୀଣ ☞ପୃଷ୍ଠା-୪



କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଚାଞ୍ଚେରା ଗ୍ରାମରେ ବିନା ବିଦ୍ୟୁତ୍ ସଂଯୋଗରେ ୮ମାସ ହେଲା ରହିଛି ଖୁଣ୍ଟ ଓ ତାର।

- ଧରାପଡ଼ିଲା ପ୍ରଧାନମନ୍ତ୍ରୀଙ୍କ ମିଥ୍ୟା ତଥ୍ୟ
- ଫେଲ୍ ମାରିଛି ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା
- ବାର୍ଷିକ ୮% ବିଦ୍ୟୁତ୍ ସଂଯୋଗ ଚାହିଦା ବଢୁଛି

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତର ସୁଧାକରତଇଳା ଗ୍ରାମରେ ପଡିରହିଥିବା ବିଦ୍ୟୁତ୍ ଖୁଣ୍ଟ।

ଭାରତର ଐତିହାସିକ ସିରିଜ ବିଜୟ

ୱେଲିଂଟନ, ୩।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ଭାରତ ୪-୧ରେ ବ୍ୟବଧାନରେ ବିଜୟୀ ହୋଇଛି। ଏଥିସହିତ ନ୍ୟୁଜିଲାଣ୍ଡ ମାଟିରେ ଭାରତ ସର୍ବବୃହତ୍ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ରବିବାର ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭାରତ ୩୫ ରନରେ ଘରୋଇ ଦଳକୁ ହରାଇ ଏହି ସଫଳତା ହାସଲ କରିଛି। ୯୦ ରନର ଉପଯୋଗୀ ପାଳି ଖେଳିଥିବା ଭାରତୀୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ମହମ୍ମଦ ସାମି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

(ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ)

ପଦ୍ମଶ୍ରୀ ଫେରାଇଲେ ମଣିପୁରୀ ଫିଲ୍ମ ପ୍ରଯୋଜକ

ଇମ୍ଫାଲ,୩।୨

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ପ୍ରଖ୍ୟାତ୍ ମଣିପୁରୀ ଫିଲ୍ମ ପ୍ରଯୋଜକ ଅରିବମ୍ ଶ୍ୟାମ ଶର୍ମା ରବିବାର କେନ୍ଦ୍ର ସରକାରଙ୍କୁ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି। ୮୨ ବର୍ଷୀୟ ଅରିବମ୍ ଅଦ୍ୟାବଧି ୧୪ଟି ଫିଚର୍ ଓ ୩୧ଟି ନନ୍-ଫିଚର ଫିଲ୍ମର ପ୍ରଯୋଜନା କରିଛନ୍ତି। ରାଜ୍ୟ ତଥା ଜାତୀୟ ସିନେମା ଜଗତକୁ ଅତୁଳନୀୟ ଅବଦାନ ପାଇଁ ୨୦୦୬ରେ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମ ତାଙ୍କୁ ମର୍ଯ୍ୟାଦାଜନକ ଏହି ସମ୍ମାନ ଦେଇଥିଲେ। ☞ପୃଷ୍ଠା-୪

- ୫ ସିବିଆଇ ଅଧିକାରୀ ଅଟକ ପରେ ଖଲାସ

ଜେରା କରିବାକୁ ଯାଇ ହଟହଟା

କୋଲକାତା,୩।୨

ପଶ୍ଚିମବଙ୍ଗର ରାଜଧାନୀ କୋଲକତାରେ ରବିବାର ସନ୍ଧ୍ୟାରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଏହାର ରାଜନୈତିକ ପ୍ରଭାବ ପୋଲିସ ଏବଂ ତଦନ୍ତକାରୀ ସଂସ୍ଥା ଉପରେ ପଡ଼ିଛି। ରୋଜ୍‌ଭ୍ୟାଲି ଏବଂ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ କୋଲକାତା ଯାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଏକ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ୫ ଅଧିକାରୀଙ୍କୁ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସେ 'ସ୍ୱମିଧାନ ବଞ୍ଚାଅ' ଦାବିରେ ମେଟ୍ରୋ ଚ୍ୟାନେଲ ନିକଟରେ ଧାରଣାରେ ବସିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ିଯାଇଛି।

କୋଲକାତାରେ ହାଇଡ୍ରାମା

- ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିଲା ସିବିଆଇ ଟିମ୍
- ଜିପ୍‌ରେ ବସାଇ ଥାନାକୁ ନେଇଗଲେ ପୋଲିସ ଅଧିକାରୀ
- କେନ୍ଦ୍ର ଉପରେ ବର୍ଷିଲେ, ଧାରଣାରେ ବସିଲେ ମମତା

ସିବିଆଇର ଏକ ୫ ଜଣିଆ ଟିମ୍ ରବିବାର କୋଲକାତା ଯାଇଥିଲା। ରୋଜ୍‌ଭ୍ୟାଲି ଓ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ପାଇଁ ୫ ତଦନ୍ତକାରୀ ଅଧିକାରୀ ଲୋଉଡନ୍ ଷ୍ଟ୍ରିଟ୍‌ସ୍ଥିତ ରାଜୀବଙ୍କ ☞ପୃଷ୍ଠା-୪

ସୀମାଞ୍ଚଳ ଏକ୍ସପ୍ରେସ୍ ଲାଇନଚ୍ୟୁତ: ୬ ମୃତ

ସୋନପୁର (ବିହାର),୩।୨(ପି.ଟି.)

- ୧୧ ବଗି ଲାଇନଚ୍ୟୁତ, ୩ ସମ୍ପୂର୍ଣ୍ଣ ନଷ୍ଟ
- ୨୯ ଆହତଙ୍କ ମଧ୍ୟରୁ ୨ ଗୁରୁତର
- ରେଳଲାଇନରେ ଫାଟ ଯୋଗୁ ଦୁର୍ଘଟଣା
- ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା
- ୩ ହେଲ୍ପଲାଇନ ଘୋଷଣା
- ରେଳପଥ ସୁରକ୍ଷା କମିଶନର (ପୂର୍ବାଞ୍ଚଳ ଜୋନ୍) ତଦନ୍ତ କରିବେ

ବିହାର କିଷନଗଞ୍ଜ ଜିଲାର ଯୋଗବାଣୀରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ସୀମାଞ୍ଚଳ ଏକ୍ସପ୍ରେସ ବୈଶାଳୀ ଜିଲାରେ ରବିବାର ଭୋର ପାଖାପାଖି ୪ଟା ସମୟରେ ଲାଇନଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତର ୨ ଜଣଙ୍କୁ ପାଟନା ଏବଂ ମୁଜାଫରପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ରେଳଧାରଣାରେ ଫାଟ ଯୋଗୁ ୧୨୪୮୭ ଯୋଗବାଣୀ-ଆନନ୍ଦବିହାର ସୀମାଞ୍ଚଳ ଏକ୍ସପ୍ରେସର ୧୧ଟି ବଗି ଲାଇନଚ୍ୟୁତ ହୋଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ତିନୋଟି ବଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଟ୍ରେନ୍‌ଟି ସହଦାଇ ବୁଜୁର୍ଗଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହାର ଗୋଟିଏ ସାଧାରଣ ବଗି, ଗୋଟିଏ ଏସି କୋଚ, ୩ଟି ସ୍ଲିପର କୋଚ ଏବଂ ଅନ୍ୟ ୬ଟି ବଗି ଲାଇନଚ୍ୟୁତ ହୋଇଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା ହୋଇଥିବାବେଳେ ଗୁରୁତର ଆହତଙ୍କ ଲାଗି ୧ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଘୋଷଣା କରାଯାଇଛି। ରେଳପଥ ସୁରକ୍ଷା କମିଶନର (ପୂର୍ବାଞ୍ଚଳ ଜୋନ୍) ଲତିଫ ଖାନ୍ ଏହି ଦୁର୍ଘଟଣାର ତଦନ୍ତ କରିବେ। ରେଳ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଗୋୟଲ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ରେଳପଥର ଉଚ୍ଚ ☞ପୃଷ୍ଠା-୪

ମିଶନଶକ୍ତି ସମାବେଶ, ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ଉଚ୍ଚଶିକ୍ଷା ପାଇଁ 'କାଳିଆ ଛାତ୍ରବୃତ୍ତି'

ବାରିପଦା ଅଫିସ/କେନ୍ଦୁଝର(ସ୍ୱ.ପ୍ର.), ୩।୨-ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଓ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୪ଟି ସ୍ୱତନ୍ତ୍ର ଘୋଷଣା କରିଛନ୍ତି। ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ରାଇରଙ୍ଗପୁର ବ୍ଲକର ବିକାଶ ଲାଗି ୩ଟି ଘୋଷଣା କରାଯାଇଥିବା ବେଳେ ଘଟଗାଁ ବ୍ଲକ ପଣ୍ଡାପଡା ଚାଷୀ ସମାବେଶରେ 'କାଳିଆ ଛାତ୍ରବୃତ୍ତି' ନାମରେ ଆଉ ଏକ ଯୋଜନା ଘୋଷଣା କରାଯାଇଛି।

ରାଇରଙ୍ଗପୁର ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦିଆଯାଇ ସ୍ଥାନୀୟ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ସମ୍ପ୍ରସାରଣ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପିପିପି ମୋଡରେ ୧୦୦ଟି ବେଡ୍‌କୁ ଉନ୍ନୀତ କରାଯିବ ବୋଲି କୁହାଯାଇଛି। ଏହି ଅଞ୍ଚଳର ଯୁବପିଢି କ୍ରୀଡାପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଥିବାରୁ ଏକ ଷ୍ଟାଡିୟମ ନିର୍ମାଣ କରାଯିବାକୁ ଘୋଷଣା କରାଯାଇଛି। ରାଇରଙ୍ଗପୁରକୁ ଜିଲା ମାନ୍ୟତା ଘୋଷଣା ଲାଗି ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରାଧାନ୍ୟ ଦେଇ ଏଠାରେ ଜଣେ ଅତିରିକ୍ତ ଜିଲାପାଳ ରହିବେ ବୋଲି କହିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଏହି ଦାୟିତ୍ୱରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ଘଟଗାଁ ବ୍ଲକ ପଣ୍ଡାପଡା ଚାଷୀ ସମାବେଶରେ ଘୋଷଣା ହୋଇଥିବା 'କାଳିଆ ଛାତ୍ରବୃତ୍ତି' ଯୋଜନାରେ ଉଚ୍ଚଶିକ୍ଷା ପାଇଁ ଆଶାୟୀ ଥିବା କାଳିଆ ହିତାଧିକାରୀଙ୍କ ପରିବାରର ପିଲାମାନେ ମାଗଣାରେ ଶିକ୍ଷା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଖର୍ଚ୍ଚ ସରକାର ବହନ କରିବେ ବୋଲି କୁହାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୪୦ରେ ରାଇରଙ୍ଗପୁରସ୍ଥିତ ମହୁଲଡିହା ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ସେ ପ୍ରଥମେ ଉପରୋକ୍ତ ସ୍ୱତନ୍ତ୍ର ଘୋଷଣା କରିବା ପରେ ୪୫.୦୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨୧ ପ୍ରକଳ୍ପର ଉଦ୍‌ଘାଟନ ଓ ୯୬୦.୩୪ କୋଟି ଟଙ୍କା ବ୍ୟୟ ଅଟକଳରେ ୧୫ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ମିଶନ ଶକ୍ତି କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ ମୟୂରଭଞ୍ଜ ☞ପୃଷ୍ଠା-୪

ପଣ୍ଡାପଡ଼ାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ସହାୟତା ପତ୍ର ଚାଷୀଙ୍କୁ ପ୍ରଦାନ କରୁଛନ୍ତି।

ସମ୍ପ୍ରସାରିତ ହେବ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ

SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com

NCCC NATIONAL EGG CO-ORDINATION COMMITTEE — 03.02.2019 — Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	83	136	146
CTC	85	139	149
DKL	85	139	149
BDK	86	140	150
BLS	86	140	150
ANG	85	139	149

Eggs Retail Price- 49/-Dozen
Issued in the Interest of Consumers
*Conditions Apply

କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସବୁ ଦଳର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର ରହିଛି।
-କେଶରୀନାଥ ତ୍ରିପାଠୀ,
ପଶ୍ଚିମବଙ୍ଗ ରାଜ୍ୟପାଳ

ସଂକ୍ଷେପରେ

୨ ପାକ୍ ସେନା ଅଧିକାରୀଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ମୁମ୍ବାଇ,୩।୨(ପି.ଟି.): ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପାକିସ୍ତାନର ଦୁଇ ସେନା ଅଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକ୍‌ବାଲଙ୍କୁ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ମେଜର ପାଶା ଚାକିରିରୁ ଅବସର ନେଇ ସାରିଥିବାବେଳେ ମେଜର ଇକ୍‌ବାଲ ଆଇଏସ୍‌ଆଇ ଅଫିସର ଭାବେ କାର୍ଯ୍ୟରତ ଥିବା ବିଶ୍ୱାସ କରାଯାଉଛି। ଆମେରିକା ଜନ୍ମିତ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଡାଭିଡ କୋଲେମାନ ହେଡ୍‌ଲୀ ଦୁଇ ପାକିସ୍ତାନୀ ଅଫିସରଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଉଭୟ ଇକ୍‌ବାଲ ଏବଂ ପାଶାଙ୍କ ବିରୋଧରେ ମୁମ୍ବାଇ ପୋଲିସର କ୍ରାଇମ୍ ବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିଥିଲା। ଅତିରିକ୍ତ ସେସନ୍ସ ଜଜ୍ ଗତ ୨୧ ତାରିଖରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଉଜ୍ଜ୍ୱଲ ନିକମ୍‌ଙ୍କ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

୫ମ ଦିନରେ ଆନ୍ନାଙ୍କ ଅନଶନ

ମୁମ୍ବଇ,୩।୨(ପି.ଟି.): କେନ୍ଦ୍ରରେ ଲୋକପାଳ ଏବଂ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିରେ ଆନ୍ନା ହାଜାରେ (୮୧) ରାଲେଗାଁ ସିଦ୍ଧିଠାରେ ଅନଶନରେ ବସିଛନ୍ତି। ରବିବାର ୫ମ ଦିନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି। ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଶିବ ସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି।

କଲମ୍ବିଆ ସଂଘର୍ଷରେ ୧୦ ମୃତ

ବୋଗୋଟା,୩।୨(ପି.ଟି.): କଲମ୍ବିଆର ସେନା ଓ ପୋଲିସ ସହ ଶନିବାର ସଂଘର୍ଷରେ ରିଭୋଲ୍ୟୁଶନାରୀ ଆର୍ମଡ୍ ଫୋର୍ସେସ୍ ଅଫ୍ କଲମ୍ବିଆ (ଏଫ୍‌ଏଆର୍‌ସି)ର ଅସନ୍ତୁଷ୍ଟ ବିଦ୍ରୋହୀ ଗରିଲା ଗ୍ରୁପ୍‌ର ନେତା ରୋଡ୍ରିଗୋ କାଡେଟେ (୫୨)ଙ୍କ ସମେତ ୧୦ ସଦସ୍ୟ ପ୍ରାଣ ହରାଇଛନ୍ତି। ୨୦୧୬ ଶାନ୍ତି ପ୍ରକ୍ରିୟା ଅନ୍ତର୍ଗତ ଏଫ୍‌ଏଆର୍‌ସିର ୭ହଜାର ସଦସ୍ୟ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ। ତେବେ ଏବେ ବି ୧,୭୦୦ ସଦସ୍ୟ ସରକାର ବିରୋଧୀ ବିଦ୍ରୋହରେ ସକ୍ରିୟ ରହିଛନ୍ତି। ଡ୍ରଗ୍ସ ଟଙ୍କାରେ ସେମାନେ ବଳିୟାନ ହୋଇଥିବା ପ୍ରତିରକ୍ଷା ମୁଖ୍ୟ ଗୁଇଲର୍ମୋ ବୋଟେରୋ କହିଛନ୍ତି।

ତିରୁପତି ମନ୍ଦିରରୁ ୩ ସୁନା ମୁକୁଟ ଚୋରି

ତିରୁପତି, ୩।୨(ପି.ଟି.): ତିରୁପତିର ଶ୍ରୀ ଗୋବିନ୍ଦରାଜ ମନ୍ଦିରରୁ ୧.୩ କେଜିର ୩ ସୁନା ମୁକୁଟ ଚୋରି ହୋଇଥିବା ତିରୁମାଳା ତିରୁପତି ଦେବସ୍ଥାନମ୍ସ (ଟିଟିଡି)ର ସୁରକ୍ଷା ଅଧିକାରୀ ରବିବାର ସ୍ପଷ୍ଟ କରିଛନ୍ତି। ଶନିବାର ରାତିରେ ଏହି ଚୋରି ଘଟଣା ଘଟିଛି। ଏ ନେଇ ଟିଟିଡି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଚଳାଇଛି। ସିସିଟିଭି କ୍ୟାମେରା ଫୁଟେଜର ଯାଞ୍ଚ୍ ପ୍ରକ୍ରିୟା ଆରମ୍ଭ ହୋଇଛି।

ଇତିହାସର ଆଇନାରେ

ଫେବୃୟାରୀ ୪ର ପ୍ରମୁଖ ଘଟଣା

୨୦୦୪ ଫେବୃୟାରୀ ୪ରେ ମାର୍କ ଜୁକରବର୍ଗ ଅନ୍‌ଲାଇନ୍ ସୋସିଆଲ୍ ନେଟୱାର୍କିଂ ସାଇଟ୍ ଫେସବୁକ୍ ଲଞ୍ଚ୍ କରିଥିଲେ। ଏହି ସର୍ଭିସ କମ୍ପାନୀ କାଲିଫର୍ନିଆର ମେନ୍‌ଲୋ ପାର୍କରେ ଅବସ୍ଥିତ। ଜୁକରବର୍ଗଙ୍କୁ ଏଥିରେ ସହାୟତା କରିଥିଲେ ତାଙ୍କ ସାଥୀ ତଥା ହାର୍ଭାର୍ଡ କଲେଜ ଷ୍ଟୁଡେଣ୍ଟ ଓ ରୁମ୍‌ମେଟ୍ ଏଡୱାର୍ଡୋ ସାଭେରିନ୍, ଆଣ୍ଡ୍ରୁ ମ୍ୟାକ୍ କୋଲମ୍, ଦସ୍ତିନ ମୋସ୍କୋଭିଜ୍ ଏବଂ କ୍ରିସ୍ ହୁଗେସ୍।

୧୯୭୬ ଫେବୃୟାରୀ ୪ରେ ଗୁଏଟମାଲା ଓ ହୋଣ୍ଡୁରାସ୍‌ରେ ଭୂମିକମ୍ପ ଯୋଗୁ ୨୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗୁଏଟମାଲା କେନ୍ଦ୍ରୀୟ ଆମେରିକାର ଏକ ଦେଶ। ଏହାର ଉତ୍ତର ପଶ୍ଚିମରେ ମେକ୍ସିକୋ ଏବଂ ପୂର୍ବରେ ହୋଣ୍ଡୁରାସ୍ ରହିଛି। ହୋଣ୍ଡୁରାସ୍‌କୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ହୋଣ୍ଡୁରାସ୍ କୁହାଯାଏ।

■ ସାଧାରଣ ନିର୍ବାଚନ ପୂର୍ବରୁ ହିନ୍ଦୁ ଭୋଟ ବ୍ୟାଙ୍କ ପାଇଁ ପ୍ରୟାସ

ବିବାଦରେ ନାଗରିକତ୍ୱ ବିଲ୍

ନୂଆଦିଲ୍ଲୀ,୩।୨

ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯କୁ ନେଇ ବିବାଦ ତେଜିବାରେ ଲାଗିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଏହି ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରିବାକୁ ଉଦ୍ୟମ କରୁଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଉକ୍ତ ବିଧେୟକକୁ ବିରୋଧ କରି ଅନେକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ଏହାକୁ ଗୃହୀତ କରାଇଲେ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବ ବୋଲି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ କୁମାର ମହନ୍ତ ରବିବାର ଚେତାବନୀ ଦେଇଛନ୍ତି। ସେପଟେ ପ୍ରଖ୍ୟାତ ମଣିପୁରୀ ଫିଲ୍ମ ପ୍ରଯୋଜକ ଅରିବମ୍ ଶ୍ୟାମ ଶର୍ମା ବିଲ୍ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଯାଇ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି।

ଆସୋମ ଗଣ ପରିଷଦ (ଏଜିପି) ଅଧକ୍ଷ ପ୍ରଫୁଲ୍ଲ ମହନ୍ତ ରବିବାର ନୂଆଦିଲ୍ଲୀରେ କହିଛନ୍ତି, ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ରାଜ୍ୟରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି ବିକ୍ଷୋଭ ୧୯୭୯-୮୫ ଆସାମ ଆନ୍ଦୋଳନ ଭଳି। ଏହି ବିଧେୟକ କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଉଲ୍ଲଂଘନ କରୁଛି। ଏନ୍‌ଡିଏ ସରକାର ଲୋକଙ୍କ ଭାବାବେଗକୁ ସମ୍ମାନ ନ ଦେଇ ଏହି ବିଲ୍‌କୁ ରାଜ୍ୟ ସଭାରେ ଗୃହୀତ କରାଇଲେ ଆସାମରେ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବ। ଏଥିପାଇଁ ମୋଦି ସରକାର ଦାୟୀ ହେବେ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ ରବିବାର ଏହି ବିଲ୍‌କୁ ଦେଶ ପାଇଁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' ବୋଲି ଅଭିହିତ କରିଛନ୍ତି। ଏହି ପ୍ରସଙ୍ଗରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରିବେ ବୋଲି ଶାହ କହିଛନ୍ତି। ଚାରିଆଡୁ ବିରୋଧର ସମ୍ମୁଖୀନ ହେବା ପରେ ବିଲ୍‌କୁ ସରକାର ଚଳିତ ଅଧିବେଶନରେ ରାଜ୍ୟ ସଭାରେ ଆଗତ କରି ନ ପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଶାହ ଏହି ମନ୍ତବ୍ୟ ଦେଇଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁର ବିଜୟପୁରରେ କହିଛନ୍ତି, ଯେଉଁମାନେ ପଡ଼ୋଶୀ ଦେଶଗୁଡ଼ିକରୁ ଭାରତକୁ ପଳାୟନ କରିବାକୁ ବାଧ ହୋଇଛନ୍ତି, କେନ୍ଦ୍ର ସରକାର ସେମାନଙ୍କ ସହ ଛିଡ଼ା ହେବେ। କଂଗ୍ରେସ କ୍ଷମତାରେ ଥିବାବେଳେ ଆମର ସେହି ଭଉଣୀ ଭାଇଙ୍କ ଦୁର୍ଦ୍ଦଶା ଉପରେ ଧ୍ୟାନ ଦେଇଥିଲେ ଆଜି ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା ବୋଲି ମୋଦି ସମାଲୋଚନା କରିଛନ୍ତି।

ବିଲ୍‌ରେ କ'ଣ ଅଛି

ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶର ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ ଓ ପାର୍ସୀ ସମ୍ପ୍ରଦାୟର ଲୋକଙ୍କୁ ନାଗରିକ ଅଧିକାର ପ୍ରଦାନ ଲାଗି ଉଦ୍ଦିଷ୍ଟ। ଧାର୍ମିକ ଉତ୍ପୀଡ଼ନ ଯୋଗୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଏହି ପଡ଼ୋଶୀ ଦେଶଗୁଡ଼ିକରୁ ଭାରତକୁ ପଳାୟନ କରି ଆସିଥିବା ଅଣ-ମୁସଲିମ୍‌ମାନଙ୍କୁ ନାଗରିକତ୍ୱ ଦେବା ଲାଗି ନାଗରିକତ୍ୱ ଆଇନ, ୧୯୫୫ରେ ସଂଶୋଧନ ଆଣିବା ପାଇଁ ସରକାର ଚାହୁଁଛନ୍ତି। ୧୨ ବର୍ଷ ପୂର୍ବରୁ ଦେଶ ଛାଡ଼ି ଭାରତ ଆସିଥିବା ଅଣ-ମୁସଲିମ୍‌ମାନଙ୍କୁ ଭାରତର ନାଗରିକତ୍ୱ ଦେବାର ଆଇନ ରହିଥିବାବେଳେ ଏହି ଅବଧିକୁ ୬ ବର୍ଷକୁ ହ୍ରାସ କରିବା ହେଉଛି ପ୍ରସ୍ତାବିତ ସଂଶୋଧନର ଉଦ୍ଦେଶ୍ୟ। ଏହି ବିଲ୍ ଶୀତ ଅଧିବେଶନରେ ଜାନୁୟାରୀ ୮ରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ପାସ୍ କରାଇବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ଉଚ୍ଚ ସଦନରେ ଭାଜପାର ସଂଖ୍ୟାବଳ ନ ଥିବାରୁ ଏହା ଗୃହୀତ ହୋଇ ନ ପାରେ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି।

ବିରୋଧ କାହିଁକି

ଆସାମ ଚୁକ୍ତି ଅନୁସାରେ ୧୯୭୧ ପରେ ବେଆଇନ ଭାବେ ଯେଉଁ ପ୍ରବାସୀମାନେ ଭାରତକୁ ଆସିଥିଲେ, ଧର୍ମ ନିର୍ବିଶେଷରେ ସେମାନଙ୍କୁ ନିଜ ମୂଳ ଦେଶକୁ ପ୍ରତ୍ୟର୍ପଣ କରାଯିବା କଥା। କିନ୍ତୁ ପ୍ରସ୍ତାବିତ ବିଲ୍ ଉକ୍ତ ଚୁକ୍ତିକୁ ଉଲ୍ଲଂଘନ କରୁଛି। କେନ୍ଦ୍ରର ମୋଦି ସରକାର ଭାଜପାର ଭୋଟ ବ୍ୟାଙ୍କ ତିଆରି କରିବାକୁ ଉଦ୍ୟମ କରୁଥିବା ଦର୍ଶାଇ ବିପକ୍ଷ ଏହାକୁ ବିରୋଧ କରୁଛନ୍ତି। ୧୯୮୦ ଦଶକରେ ବେଆଇନ ଅନୁପ୍ରବେଶ ନିରୋଧୀ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୦୧୬ରେ ଆସାମର ସର୍ବାନନ୍ଦ ସୋନୋୱାଲ ସରକାର ପୁରସ୍କୃତ କରିଥିଲେ। ଗତମାସ ୧୨୫ ପରିବାର ନାଗରିକତ୍ୱ ବିଲ୍ ପ୍ରତିବାଦରେ ଗୁଆହାଟୀରେ ଶୋଭାଯାତ୍ରା କରି ଉକ୍ତ ପୁରସ୍କାର ଫେରାଇ ଦେଇଥିଲେ। ଆସାମ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ୮୫୫ ଲୋକଙ୍କ ପ୍ରତି ଏହା ଅପମାନ ବୋଲି ସେମାନେ ଦର୍ଶାଇଥିଲେ।

କେନ୍ଦ୍ରର ଆଭିମୁଖ୍ୟ

ବିଭାଜନ ବେଳେ ଯେଉଁ ଭୁଲ କରାଯାଇଥିଲା, ଏହି ବିଲ୍ ଜରିଆରେ ତା'ର ପ୍ରାୟଶ୍ଚିତ୍ତ କରାଯିବାର ବ୍ୟବସ୍ଥା ରହିଛି। ବିଭାଜନ ବେଳର ପୀଡ଼ିତଙ୍କୁ ସୁରକ୍ଷା ଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟକୁ ସମ୍ବୋଧିତ କରି ଏହି ବିଲ୍ ସପକ୍ଷରେ ମତ ଦେଇଥିଲେ। ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନର ସଂଖ୍ୟାଲଘୁ ବଞ୍ଚିତ ବର୍ଗଙ୍କୁ ଭାରତର ନାଗରିକତ୍ୱ ଦିଆଗଲେ ସେମାନେ ନ୍ୟାୟ ପାଇବେ ବୋଲି ରାଷ୍ଟ୍ରପତି କହିଥିଲେ।

ବିରୋଧରେ କିଏ

ଏହି ବିଲ୍‌କୁ ଆସାମ ସମେତ ସମଗ୍ର ଉତ୍ତର-ପୂର୍ବରେ ବିରୋଧ କରାଯାଉଛି। ଉତ୍ତର-ପୂର୍ବର ୪ ମୁଖ୍ୟମନ୍ତ୍ରୀ ମଧ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିସାରିଲେଣି। ନିକଟରେ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗ୍‌ମା ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ନୂଆଦିଲ୍ଲୀ ଗସ୍ତକରି ଏହି ବିବାଦୀୟ ବିଲ୍ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ର ଉପରେ ଚାପ ପକାଇଥିଲେ। ଇତିମଧ୍ୟରେ ନାଗରିକତ୍ୱ ସଂଶୋଧନ ବିଲ୍‌କୁ ମଣିପୁରରେ ବିରୋଧ କରୁଥିବା ମିଳିତ ମଞ୍ଚ ମଣିପୁର ପିପୁଲ ଏଗେନ୍‌ଷ୍ଟ ସିଟିଜେନ୍‌ଶିପ୍ ଆମେଣ୍ଡମେଣ୍ଟ ବିଲ୍ (ଏମ୍‌ପିଏସିଏବି) ହିନ୍ଦୀ ଭାଷାକୁ ସମ୍ପୂର୍ଣ୍ଣ ବର୍ଜନ କରିବା ଲାଗି ଆହ୍ୱାନ ଦେଇଛି। ଏହାସହ ଉକ୍ତ ବିଲ୍‌କୁ ପ୍ରତ୍ୟାହାର ନ କରିବା ଯାଏ ଜାତୀୟ ସଙ୍ଗୀତ, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ ଉପରେ କଟକଣା ଜାରି କରି ଆନ୍ଦୋଳନ ଜୋରଦାର୍ କରିବାକୁ ଘୋଷଣା କରିଛି। ପ୍ରଫୁଲ୍ଲ ମହନ୍ତଙ୍କ ନେତୃତ୍ୱରେ ଏଜିପିର ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କୁ ଭେଟି ଏନେଇ ଆଲୋଚନା କରିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ବିଲ୍ ପ୍ରତିବାଦରେ ଏଜିପି ଏହା ପୂର୍ବରୁ ଏନ୍‌ଡିଏ ଛାଡ଼ି ସାରିଛି।

ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେବୁ: ମୋଦି

- ■ ଲଦାଖରେ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ
- ■ ଜମ୍ମୁରେ ଏମ୍ସ ଓ ଅନ୍ୟ ପ୍ରକଳ୍ପ ଶିଳାନ୍ୟାସ
- ■ 'କୃଷିଋଣ ଛାଡ଼କୁ କଂଗ୍ରେସ ଭୋଟ ପାଇଁ ବ୍ୟବହାର କରୁଛି'

ଶ୍ରୀନଗର/ଜମ୍ମୁ/ଲେହ, ୩।୨ (ପି.ଟି)

ସୀମାପାର ସର୍ଜିକାଲ ଷ୍ଟ୍ରାଇକ୍ କରି ଭାରତ ଆତଙ୍କବାଦ ଦମନର ନୂଆ ନୀତିରୀତି ସାରା ବିଶ୍ୱକୁ ଦେଖାଇଥିଲା। ଆତଙ୍କବାଦର ପ୍ରସାର କରି ନିରୀହ ଯୁବକଙ୍କ ଜୀବନ ନେଉଥିବା ଉଗ୍ରପନ୍ଥୀଙ୍କୁ ମୁହଁତୋଡ ଜବାବ ଦିଆଯିବ। ଜମ୍ମୁ-କଶ୍ମୀରରେ ଆମେ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେବୁ। ଶ୍ରୀନଗରଠାରେ ଏକ ସଭାକୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦୀଙ୍କୁ ଏଭଳି କଡ଼ା ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ନାଜିର ଅହମଦ ୱାନି, ଔରଙ୍ଗଜେବଙ୍କ ସମେତ ଅନ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ରବିବାର ଜମ୍ମୁ-କଶ୍ମୀର ଗସ୍ତରେ ଯାଇ ଲଦାଖରେ ପ୍ରଥମ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିବା ସହିତ ଜମ୍ମୁରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ), ଭାରତୀୟ ଗଣଯୋଗାଯୋଗ ଶିକ୍ଷାନୁଷ୍ଠାନ (ଆଇଆଇଏମ୍‌ସି), ଚେନାବ ନଦୀରେ ବ୍ରିଜ, ଦେବିକା ଓ ତାୱି ନଦୀରେ ପ୍ରଦୂଷଣ ଦୂରୀକରଣ ପ୍ରକଳ୍ପ, କଠୁଆରେ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିର ଶିଳାନ୍ୟାସ କରିଛନ୍ତି। ଏଥିସହିତ ରାଜ୍ୟରେ ୫ଟି ନୂଆ ମେଡିକାଲ କଲେଜ ସ୍ଥାପନ ଲାଗି ୭୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସର କୃଷିଋଣ ଛାଡ଼କୁ ନେଇ ବର୍ଷିଥିଲେ। ଏହି ଦଳ ପୂର୍ବରୁ ଯେଉଁ ଋଣ ଛାଡ଼ କରିଥିଲା ସେଥିରେ କେବଳ ମଧ୍ୟସ୍ଥ ଏବଂ କେତେଜଣ ନିର୍ଦ୍ଦିଷ୍ଟ ଚାଷୀ ଉପକୃତ ହୋଇଥିଲେ। ଏବେ ନିର୍ବାଚନ ଜିତିବା ଲାଗି କଂଗ୍ରେସ କୃଷିଋଣ ଛାଡକୁ ଅସ୍ତ୍ର କରିଥିବା ମୋଦି କହିଥିଲେ। ପୂର୍ବ ସରକାର ଦ୍ୱାରା ଅବହେଳିତ ହୋଇ ଆସିଥିବା କୃଷକମାନଙ୍କ କଲ୍ୟାଣ ଲାଗି ସେ ବର୍ଷକୁ ୬ ହଜାର ଟଙ୍କା ପ୍ରତ୍ୟକ୍ଷ ଆୟ ସହାୟତା ଯୋଜନା ଘୋଷଣା କରିଛନ୍ତି। କଂଗ୍ରେସ ସରକାରର କୃଷିଋଣ ଛାଡ଼ରୁ ୭୦-୮୦ ପ୍ରତିଶତ ଗରିବ ଚାଷୀ ବାଦ ପଡିଥିଲେ। ସେମାନଙ୍କ ପାଇଁ କ'ଣ କରିଛ ବୋଲି ମୋଦି ପ୍ରଶ୍ନ କରିଛନ୍ତି।

■ ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି ଅଭିଯାନ

ନିଆଯିବ ୧୦ କୋଟିଙ୍କ ମତାମତ

ନୂଆଦିଲ୍ଲୀ,୩।୨(ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ପ୍ରସ୍ତୁତି ଲାଗି ଭାଜପା ପକ୍ଷରୁ ରବିବାରଠାରୁ ମେଗା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ୧୦ କୋଟି ଲୋକଙ୍କଠାରୁ ଇସ୍ତାହାର ସମ୍ପର୍କରେ ମତାମତ ସଂଗ୍ରହ କରାଯିବ। ଦେଶର ଦୀର୍ଘମିଆଦୀ ବିକାଶ ପାଇଁ ଦୃଢ଼ ମୂଳଦୁଆ ପକାଇଥିବା ନରେନ୍ଦ୍ର ମୋଦି ସରକାର କେବଳ ସମ୍ମିଳିତ ବିକାଶ ସୁନିଶ୍ଚିତ କରିପାରିବ ବୋଲି ଭାଜପା ଅଧକ୍ଷ ଅମିତ ଶାହ କହିଛନ୍ତି। ଶାହଙ୍କ ସମେତ ବରିଷ୍ଠ ନେତା ରାଜନାଥ ସିଂ 'ଭାରତ କେ ମନ୍ କି ବାତ୍, ମୋଦି କେ ସାଥ୍'ର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଏକମାସ ଧରି ଚାଲିବ ଏବଂ ଭାଜପାର ନିର୍ବାଚନୀ ସଂକଳ୍ପ ପତ୍ର ପ୍ରସ୍ତୁତିରେ ସାରା ଦେଶରୁ ଲୋକମାନଙ୍କ ମତାମତ ସଂଗ୍ରହ କରାଯିବ। ଇସ୍ତାହାର ପ୍ରସ୍ତୁତି ପ୍ରକ୍ରିୟାକୁ ଗଣତାନ୍ତ୍ରିକୀକରଣ କରିବା ଲାଗି ପ୍ରଥମ ଥର ଏଭଳି ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଥିବା ଶାହ କହିଛନ୍ତି।

ଫୁର୍‌ସତ

ବାମନ ଗାଲାକ୍ସି ଠାବ

ୱାଶିଂଟନ୍: ଜ୍ୟୋତିର୍ବିଜ୍ଞାନୀମାନେ ହବଲ ସ୍ପେସ୍ ଟେଲିସ୍କୋପ୍ ସହାୟତାରେ ୩୦ ନିୟୁତ ଆଲୋକବର୍ଷ ଦୂରତାରେ ଏକ ବାମନ ଗାଲାକ୍ସି ଠାବ କରିଛନ୍ତି। ଗବେଷକ ଟିମ୍ ଏଥିପାଇଁ ନାସା/ଇଏସ୍‌ଏ (ୟୁରୋପୀୟ ସ୍ପେସ୍ ଏଜେନ୍ସି)ର ଟେଲିସ୍କୋପ୍ ବ୍ୟବହାର କରି ଗ୍ଲୋବୁଲାର କ୍ଲଷ୍ଟର (ବର୍ତ୍ତୁଳାକାର ଛାୟାପଥ) 'ଏନ୍‌ଜିସି ୬୭୫୨' ମଧ୍ୟରେ ଏଭଳି ଗାଲାକ୍ସି ଠାବ କରିପାରିଛନ୍ତି। ସେମାନେ ଗ୍ଲୋବୁଲାର କ୍ଲଷ୍ଟର୍‌ର ବୟସ ଜାଣିବା ପାଇଁ ପର୍ଯ୍ୟବେକ୍ଷଣ କରୁଥିବା ବେଳେ ଅଚାନକ ଏହାକୁ ଆବିଷ୍କାର କରିଥିଲେ। ଏ ସମ୍ପର୍କି

ସଂକ୍ଷେପରେ

ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଘଟଣା

ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ମଉସା ଗିରଫ

ପୋଲିସ ଗଠନ କରିଥିଲା ଟିମ୍

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୩।୨ (ଡି.ଏନ.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣାରେ ରବିବାର ସମ୍ପର୍କୀୟ ମଉସା (ମଉସାଙ୍କ ସାନ ଭାଇ) ଗିରଫ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ସୋରଡ଼ା ଥାନା ଅଞ୍ଚଳର ଭାଗୀରଥି ମଲ୍ଲିକ। ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଲାଗିଥିବାରୁ ତାଙ୍କୁ ଫୁଲବାଣୀସ୍ଥିତ ଏଡିଜେ କୋର୍ଟରେ ହାଜର କରାଯାଇଛି। ଅଭିଯୁକ୍ତ ଭାଗୀରଥି ବିବାହିତ ଏବଂ ତାଙ୍କର ସନ୍ତାନ ଅଛନ୍ତି ବୋଲି ପୋଲିସ କହିଛି। ତାଙ୍କୁ ଧରିବା ପାଇଁ ଦାରିଙ୍ଗବାଡ଼ି ଥାନା ଆଇଆଇସି ଅଲେଖ ଗରଡ଼ିଆ, ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଜୟଚନ୍ଦ୍ର ମଲ୍ଲିକ, ସବଇନ୍ସପେକ୍ଟର ସଂଗ୍ରାମ କେଶରୀ ଜେନା, ଏଏସ୍‌ଆଇ ପ୍ରମୋଦ କୁମାର ଦିପ୍‌କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ସୋରଡ଼ା ଥାନା ଆଇଆଇସି ପ୍ରଭାତ କୁମାର ସାହୁ ଏହି ଟିମ୍‌କୁ ସହଯୋଗ କରିଥିଲେ । ଶନିବାର ବିଳମ୍ବିତ ରାତିରେ ସୋରଡ଼ା ଥାନା ଅଞ୍ଚଳରୁ ଭାଗୀରଥିଙ୍କୁ ଧରି ପୋଲିସ ଦାରିଙ୍ଗବାଡ଼ି ଥାନାକୁ ଆଣିଥିଲା। ପଚରାଉଚୁରା ପରେ ସେ ବଳାତ୍କାର କରିଥିବା ମାନି ନେଇଥିବାରୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ଛାତ୍ରୀ ଜଣକ ଗ୍ରୀଷ୍ମ ଛୁଟିରେ ମାଉସୀଙ୍କ ସହ ତାଙ୍କ ଗ୍ରାମକୁ ଯାଇଥିଲେ। ସେଠାରେ ରହିବା ଭିତରେ ମଉସାଙ୍କ ସାନଭାଇ ଭାଗୀରଥି ଭୟଭାତ କରି ବାରମ୍ବାର ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ତେଣୁ ସେ କାହାରିକୁ ଏ ସମ୍ପର୍କରେ କହି ନ ଥିଲେ। ତେବେ କିଛିଦିନ ହେଲା ଛାତ୍ରୀଜଣକ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ଶନିବାର ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେ ୬ ମାସର ଗର୍ଭବତୀ ଥିବା ଡାକ୍ତର ଜାଣିବା ପରେ ମୋହନା ଥାନାକୁ ଜଣାଇଥିଲେ । ମୋହନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଯାଞ୍ଚ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ରାହ୍ମଣୀଗାଁ ଥାନାକୁ ଚିଠି ମାଧ୍ୟମରେ ଜଣାଇଥିଲା। ଛାତ୍ରୀଙ୍କ ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ବ୍ରାହ୍ମଣୀଗାଁ ଥାନା ପୋଲିସ ନଂ.୮/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଭାଗୀରଥିଙ୍କ ଡାକ୍ତର ମାଇନା କରାଯାଇଛି। ସେହିପରି ଛାତ୍ରୀଙ୍କୁ ଫୁଲବାଣୀରେ ଡାକ୍ତରୀ ମାଇନା ପରେ ଚାଇଲ୍ଡ ୱେଲଫେର କମିଟି (ସିଡବ୍ଲୁସି)କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

ଟ୍ରକ୍‌କୁ ପିଟିଲା ବାଇକ୍: ୨ ମୃତ

ବେଦବ୍ୟାସ, ୩।୨ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରକ ସହିତ ବାଇକ୍ ପିଟିହୋଇଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଣାଇ ଥାନା କଣ୍ଟାବାହାଲ ଗ୍ରାମର ସରୋଜ ମୁଣ୍ଡା (୨୮) ଏବଂ ରାଜଗାଙ୍ଗପୁର ଥାନା ଧେଙ୍ଗରପାଲିର ନାରାୟଣ ଗୌଡ଼(୨୧)। ପୋଲିସ ସୂଚନାନୁଯାୟୀ, ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ରାଜଗାଙ୍ଗପୁର ପାର୍ଶ୍ୱରୁ ସରୋଜ ଏବଂ ନାରାୟଣ ରାଉରକେଲା ଆଡକୁ ହିରୋହୋଣ୍ଡା ବାଇକ୍ ନଂ. ଓଡି ୧୬ ଇ-୪୪୧୨ରେ ଦ୍ରୁତ ଗତିରେ ଆସୁଥିଲେ। ବେଲଡିହି ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପରୁ ବାହାରୁଥିବା ଟ୍ରକ ନଂ. ଜେଏଚ ୦୯ ଏଏନ-୬୫୪୦ ସହିତ ବାଇକ୍ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ହୋଇଥିବା ଦୁଇଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖାଯାଇଛି।

ପୁରୀ ତାଳବଣିଆଠାରେ ଭାଜପା ପକ୍ଷରୁ ଆୟୋଜିତ ଆଦିବାସୀ ଅଧିକାର ରାଲିରେ ଦଳୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍ ଓ ଅନ୍ୟ ନେତୃବୃନ୍ଦ।

ବିଜେଡି ପୋଡ଼ା ଟ୍ରାନ୍ସଫର୍ମର, ବଦଳାଇବାକୁ ହେବ

ଆଦିବାସୀ ଅଧିକାର ରାଲିରେ ବର୍ଷିଲେ ଶାହ

- ଦାନ ମାଝି ଘଟଣା ରାଜ୍ୟ ପାଇଁ ଲଜ୍ଜାଜନକ
- କଂଗ୍ରେସ-ବିଜେଡି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ
- ରତ୍ନଭଣ୍ଡାରର ସୁରକ୍ଷାକୁ ନେଇ ଉଠାଇଲେ ପ୍ରଶ୍ନ

ପୁରୀ ଅଫିସ,୩।୨

ବିଜେଡି ସରକାରର ଟ୍ରାନ୍ସଫର୍ମର ପୋଡ଼ିଗଲାଣି। ଏହି ପୋଡ଼ା ଟ୍ରାନ୍ସଫର୍ମରକୁ ବଦଳାଇବାକୁ ପଡ଼ିବ। ନବୀନ ବାବୁଙ୍କ ସରକାରଙ୍କୁ ଉପାଡ଼ି ଫିଙ୍ଗି ଦେବାକୁ ହେବ ବୋଲି ଆହ୍ୱାନ ଦେଇଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ। କେନ୍ଦ୍ର ସରକାରଙ୍କୁ ବଡ଼ ବିଦ୍ୟୁତ୍ କାରଖାନାର ଉଦାହରଣ ଭାବେ ନେଇ ସେଠାରୁ ଆସୁଥିବା ବିଦ୍ୟୁତ୍ (କେନ୍ଦ୍ରୀୟ ଯୋଜନା) ପୋଡ଼ା ଟ୍ରାନ୍ସଫର୍ମର (ବିଜେଡି ସରକାର) ଯୋଗୁ ଓଡ଼ିଶାର ତୃଣମୂଳସ୍ତରରେ ପହଞ୍ଚୁ ନାହିଁ ବୋଲି କହିଥିଲେ। ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ମହା ଅଧିବେଶନ ଉଦ୍‌ଯାପନୀ ଅବସରରେ ରବିବାର ତାଳବଣିଆଠାରେ ଆୟୋଜିତ ହୋଇଥିଲା ଆଦିବାସୀ ଅଧିକାର ରାଲି। ଏଥିରେ ଶାହ ଯୋଗଦେଇ ୨୦୧୯ରେ ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀ ବିଶେଷକରି ଆଦିବାସୀ ଜନଜାତିଙ୍କ ସହାୟତା ଲୋଡ଼ିଥିଲେ।

ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ ଭିକ୍ଷା କରି ଶାହ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଶାରେ ଜନଜାତିଙ୍କ ଏକ ବଡ଼ ଭାଗ ରହିଥିବା ସତ୍ତ୍ୱେ ସେମାନଙ୍କ ସ୍ଥିତି ଆଜି ଦୟନୀୟ ରହିଛି। କଂଗ୍ରେସ କି ବିଜେଡି କେହି ଏମାନଙ୍କ ବିକାଶ ଚିନ୍ତା କରୁନାହାନ୍ତି। କିନ୍ତୁ ଭାଜପା ସଦାସର୍ବଦା ଜନଜାତିଙ୍କୁ ଗୁରୁତ୍ୱ ଦେଇଆସିଛି। ୧୦ ବର୍ଷରେ ୟୁପିଏ ସରକାର ଜନଜାତିଙ୍କ ପାଇଁ ୩୦,୭୦୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଥିବାବେଳେ ମୋଦି ସରକାର ୫୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଲଘୁ ଜଙ୍ଗଲଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି। ୪୯ଟି ଜଙ୍ଗଲଜାତ ଦ୍ରବ୍ୟକୁ ଏଥିରେ ସାମିଲ କରାଯାଇଛି। ଦେଶର ଆଦିବାସୀ ଜନଜାତିଙ୍କ ବିକାଶ ପାଇଁ ମୋଦି ସରକାର ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) କରିଛନ୍ତି। ଡିଏମ୍‌ଏଫ୍ ଲାଗି ୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଶାହ କହିଥିଲେ। ଏହାସହିତ ଦାନ ମାଝି କଥା ଉଠାଇ ତାହା ରାଜ୍ୟ ପାଇଁ ଲଜ୍ଜାଜନକ ଘଟଣା ବୋଲି କହିଥିଲେ। ଜଣେ ଆଦିବାସୀ ମା'ର ମୃତଦେହ ସତ୍କାର ଲାଗି ବ୍ୟବସ୍ଥା କରିପାରୁ ନ ଥିବା ସରକାର କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ଶାହ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କୁ କଟାକ୍ଷ କରି ଶାହ କହିଛନ୍ତି, ବୟାସାଧିକ କାରଣରୁ ନବୀନ ବାବୁଙ୍କ କାନକୁ ଆଉ ଭଲ ଭାବେ ଶୁଭୁନାହିଁ। ଓଡ଼ିଶାର ଯୁବକ ହକ୍ ମାଗି ନିରାଶ ହେବା ପରେ ବାହାରକୁ ଯାଉଛନ୍ତି। ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, କିନ୍ତୁ ଏହି ରାଜ୍ୟ ସମୃଦ୍ଧ ନୁହଁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ କହିପାରନ୍ତି ନାହିଁ କି ବୁଝିପାରନ୍ତି ନାହିଁ। ତେଣୁ ଓଡ଼ିଆ ଭାଷାର ସମ୍ମାନ ଏବଂ ସ୍ୱାଭିମାନ ପାଇଁ ଆଗାମୀ ଦିନରେ ଓଡ଼ିଆ କହିପାରୁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଓଡ଼ିଶାର ଅଧିକାଂଶ ହସ୍ପିଟାଲରେ ଡାକ୍ତର ନାହାନ୍ତି, କୃଷକଙ୍କୁ ଧାନର ପ୍ରକୃତ ମୂଲ୍ୟ ମିଳୁ ନ ଥିବା ବେଳେ ୪୨% ଲୋକ ପାନୀୟ ଜଳ ପାଉନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ବି ସୁରକ୍ଷିତ ନୁହେଁ। ମହାପ୍ରଭୁ ହେଉଛନ୍ତି ଜଗତର ନାଥ, ତାଙ୍କ ରତ୍ନଭଣ୍ଡାରରେ ଭାରତର ସମୃଦ୍ଧି ନିହିତ ରହିଛି। ଏହାର ସୁରକ୍ଷା ରାଜ୍ୟ ସରକାରଙ୍କ ଉତ୍ତର ଦାୟିତ୍ୱ। କ'ଣ ପାଇଁ ଏଥିରେ ଦୁର୍ନୀତି ହୋଇଛି, ଏହାର ହିସାବ କାହିଁକି ଦିଆଯାଉ ନାହିଁ, ଏହି ଜବାବ ଆଜି ଓଡ଼ିଶା ମାଗୁଛି ବୋଲି ଶାହ କହିଥିଲେ।

ବଜେଟରେ କୃଷକଙ୍କ ବିକାଶ ପାଇଁ ଥିବା ଯୋଜନା ସମ୍ପର୍କରେ ଆଲୋକପାତ କରି କହିଲେ, ୨୦୦୯ରେ କଂଗ୍ରେସ ସରକାର କୃଷକମାନଙ୍କର ୫୭ ହଜାର କୋଟି ଟଙ୍କା ଋଣ ଛାଡ଼ କରିଥିଲେ। ଭାରତର ମାତ୍ର ୩ କୋଟି କୃଷକ ଏହାର ଫାଇଦା ପାଇଥିଲେ। ବର୍ତ୍ତମାନ ମୋଦି ସରକାର କୃଷକଙ୍କ ପାଇଁ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଆଗାମୀ ୧୦ ବର୍ଷରେ କୃଷକଙ୍କୁ ସାଢେ ୭ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବାର ଯୋଜନା ହୋଇଛି। କୃଷକଙ୍କ କଥା କହୁଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବି ଏବଂ ଖରିଫ ଫସଲ କ'ଣ ଜାଣନ୍ତି ନାହିଁ ବୋଲି କଟାକ୍ଷ କରିଥିଲେ ଶାହ।

କଂଗ୍ରେସ ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିଏ କାହାର ବି ଟିମ୍ ତାହା ଜଣାପଡୁ ନାହିଁ। ଓଡ଼ିଶାରେ କଂଗ୍ରେସ କ୍ଷମତାରେ ଥିବା ବେଳେ କୌଣସି ବିକାଶ ହେଉ ନ ଥିଲା କି ଏବେ ବିଜେଡି ସରକାରରେ ହେଉନାହିଁ। କେନ୍ଦ୍ରରେ କଂଗ୍ରେସ ସରକାର ସମୟରେ ଓଡ଼ିଶାକୁ ୭୯ ହଜାର କୋଟି ଟଙ୍କା ମିଳିଥିଲା। ନରେନ୍ଦ୍ର ମୋଦି ସରକାର ସମୟରେ ଓଡ଼ିଶାକୁ ୨ ଲକ୍ଷ ୧୧ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। କେନ୍ଦ୍ର ସରକାର ୧୨୯ଟି ଯୋଜନାରେ ଅନୁଦାନ ଦେଉଥିବା ଶାହ କହିବା ସହ ଆୟୁଷ୍ମାନ୍ ଯୋଜନାକୁ ରାଜ୍ୟ ସରକାର ଗ୍ରହଣ କରୁ ନ ଥିବାରୁ ସମାଲୋଚନା କରିଥିଲେ।

ଆଦିବାସୀଙ୍କ ଅଧିକ କ୍ଷତି କରିଛି ବିଜେଡି: ଧର୍ମେନ୍ଦ୍ର

ଜନଜାତି କାହା ନିୟନ୍ତ୍ରଣରେ ଚାଲନ୍ତି ନାହିଁ: ଜୁଏଲ

ପୁରୀ ଅଫିସ,୩।୨

ରବିବାର ତାଳବଣିଆଠାରେ ଭାଜପା ପକ୍ଷରୁ ଆୟୋଜିତ ଆଦିବାସୀ ଅଧିକାର ରାଲିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଓଡ଼ିଶାର ଆଦିବାସୀ ଭାଇଭଉଣୀଙ୍କ ସବୁଠୁ ଅଧିକ କ୍ଷତି କରିଛି। କଳିଙ୍ଗନଗର ଗୁଳିକାଣ୍ଡକୁ ଆଦିବାସୀ ଜନତା ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। କଳକାରଖାନା କିମ୍ବା ଉଦ୍ୟୋଗକୁ କେହି ବିରୋଧ କରୁନାହାନ୍ତି, କିନ୍ତୁ ପୁଞ୍ଜିପତିଙ୍କୁ ସନ୍ତୁଷ୍ଟ କରିବା ଲାଗି ନିରୀହ ଆଦିବାସୀଙ୍କୁ ହତ୍ୟା କରି କଳକାରଖାନା ବସାଇବା ହେଉଛି ରାଜ୍ୟ ସରକାରଙ୍କ ଚରିତ୍ର। କନ୍ଧମାଳର ଗୁମୁଡୁମାହାରେ ନିରୀହ ଆଦିବାସୀଙ୍କୁ ବିନା କାରଣରେ ହତ୍ୟା କରାଗଲା। କିନ୍ତୁ କ'ଣ ପାଇଁ ଏବଂ କିଏ ଦୋଷୀ ତାହାର ଉତ୍ତର ଏ ପର୍ଯ୍ୟନ୍ତ ମିଳିଲା ନାହିଁ। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ିପଡିଛି। ଏହାଦ୍ୱାରା ଆଦିବାସୀ ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି। କେନ୍ଦ୍ର ସରକାର ଡିଏମ୍‌ଏଫ୍ ବାବଦ ଅନୁଦାନ ପଠାଇଥିଲେ ବି ତାହା ଖର୍ଚ୍ଚ ହୋଇପାରୁ ନାହିଁ। ଓଡ଼ିଶାରେ ଏକ ଅପାରଗ, ଦୁର୍ନୀତିଗ୍ରସ୍ତ, ମିଛ କହୁଥିବା ସମ୍ବେଦନହୀନ ସରକାର ଶାସନରେ ବସିଛି। ଏ ସରକାରକୁ ବଦଳାଇବାର ସମୟ ଆସିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ, କଂଗ୍ରେସ ସବୁବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ କଥା କୁହେ, କିନ୍ତୁ କେବେହେଲେ ସେମାନଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦିଏ ନାହିଁ। କିନ୍ତୁ ଭାଜପା ମନ୍ତ୍ରିମଣ୍ଡଳରେ ଅନୁସୂଚିତ ଜନଜାତିର ଲୋକେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ଜନଜାତି ସମାଜ କାହା ନିୟନ୍ତ୍ରଣରେ ଚାଲନ୍ତି ନାହିଁ। ସେମାନଙ୍କୁ କେହି ନଚାଇ ପାରନ୍ତି ନାହିଁ। ଟାଇଗର ଏବଂ ଟ୍ରାଇବାଲ କେବଳ ନିଜ ନିୟନ୍ତ୍ରଣରେ ଚାଲନ୍ତି ବୋଲି ଜୁଏଲ କହିଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଥିଲେ, ଜଙ୍ଗଲ ଭିତରେ ଥିବା ଗାଁକୁ ବିଜେଡି ସରକାର ରାଜସ୍ୱ ଗ୍ରାମ ଘୋଷଣା କରୁନାହିଁ। ଅନେକ ଆଦିବାସୀ ଅଞ୍ଚଳ ରହିଛି ଯେଉଁଠିକୁ ରାସ୍ତା, ବିଜୁଳି ନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି। ତେଣୁ ଏବେ ଜବାବ ଦେବାର ସମୟ ଆସିଛି ବୋଲି ସେ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ସାମ୍ବିଧାନିକ ହକ୍‌ର କଥା ଉଠାଇ ଆଦିବାସୀ ଜନଜାତିଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କୁ ପେସା ଆଇନ ଲାଗୁ କରିବା ପାଇଁ କହିଥିଲେ। ଏଥିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ସମୟ କହିବ, କିଏ ପୋଡ଼ା ଟ୍ରାନ୍ସଫର୍ମର

ନବୀନଙ୍କ ଦୃଢ଼ୋକ୍ତି

- ଶାହଙ୍କ ବକ୍ତବ୍ୟ ଉପରେ ରଖିଲେ ଜବାବ
- ନିଜ ବଳରେ 'ଏ' ଟିମ୍
- ବହୁସଂଖ୍ୟକ ଆସନରେ ଜିତିବୁ

ଭୁବନେଶ୍ୱର,୩।୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ଅପେକ୍ଷା କର। କେଉଁ ସରକାରକୁ ଫୋପାଡିବାକୁ ପଡ଼ିବ, ସେ କଥା କେବଳ ଓଡ଼ିଶାର ଜନସାଧାରଣ ହିଁ ନିର୍ଣ୍ଣୟ ନେଇପାରିବେ। ମୋ ଦଳ ଏବଂ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟକରୁଛି। ତେଣୁ କିଏ ପୋଡ଼ା ଟ୍ରାନ୍ସଫର୍ମର ଏବଂ କିଏ ଓଡ଼ିଶାବାସୀଙ୍କ ପ୍ରକୃତ ଟ୍ରାନ୍ସଫର୍ମର, ତାହା ସମୟ କହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଧାନସଭାରେ ଦଳର ବିଧାୟକ ବୈଠକ ପରେ ଏହି ମନ୍ତବ୍ୟ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପୁରୀଠାରେ ଆୟୋଜିତ ଦଳର ଆଦିବାସୀ ସମାବେଶରେ ବିଜେଡି ସଭାପତିଙ୍କୁ ପୋଡ଼ା ଟ୍ରାନ୍ସଫର୍ମର କହିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପୂର୍ବାପେକ୍ଷା ଅଧିକ ଆକ୍ରମଣାତ୍ମକ ହୋଇଥିବାରୁ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଜେଡିକୁ ଭାଜପାର 'ବି' ଟିମ୍ ଏବଂ ଭାଜପା ସଭାପତି ବିଜେଡିକୁ କଂଗ୍ରେସର 'ବି' ଟିମ୍ ଭାବେ ଆଖ୍ୟାୟିତ କରିଛନ୍ତି। ଏହା ଉପରେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଉଭୟ କଂଗ୍ରେସ ଓ ଭାଜପାର କଥା କହିବାର ସ୍ୱାଧୀନତା ରହିଛି। ହେଲେ ବିଜେଡି ନିଜ ବଳରେ 'ଏ' ଟିମ୍, ଏଥିସହିତ ଉଭୟ କଂଗ୍ରେସ ଓ ଭାଜପାଠାରୁ ପୂର୍ବଭଳି ସମଦୂରତ୍ୱ ବଜାୟ ରଖିଛି। ସେହିଭଳି ଭାଜପାର ମିଶନ୍-୧୨୦ ସମ୍ପର୍କରେ ମତ ରଖି ନବୀନ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ଅସମ୍ଭବ କଥା। ରାଜ୍ୟବାସୀ ପୂର୍ବାପେକ୍ଷା ବିଜେଡିକୁ ଅଧିକ ସଂଖ୍ୟକ ଆସନ ଦେଇ ବିପୁଳ ଭାବେ ବିଜୟୀ କରିବେ।

ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୋର୍ଟ ଚାଲାଣ

ଧର୍ମଶାଳା,୩।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ଏକ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଧର୍ମଶାଳା ପୋଲିସ ରବିବାର ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ପ୍ରଧାନ ଶିକ୍ଷକଙ୍କୁ ଯାଜପୁର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ସ୍ଥାନୀୟ ନେଉଳପୁର ଗ୍ରାମର ବିନୋଦ ବିହାରୀ ସେଠୀ। ପ୍ରକାଶ ଯେ, ବିନୋଦ ଦୁଇବର୍ଷ ହେବ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେଇଥିଲେ। କିନ୍ତୁ ଶିକ୍ଷୟିତ୍ରୀ ଜଣକ ବିବାହ ପାଇଁ ଜିଦ୍ କରିବାରୁ ବିନୋଦ ଶନିବାର ତାଙ୍କୁ ମାରପିଟ୍ କରିଥିଲେ। ଏହା ଜଣାପଡ଼ିବା ପରେ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ସମ୍ପୃକ୍ତା ଶିକ୍ଷୟତ୍ରୀଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ଶନିବାର ସନ୍ଧ୍ୟାରେ ଧର୍ମଶାଳା ଥାନାରେ ଅଭିଯୋଗ କରି

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ଦିବ୍ୟାଜ୍ୟୋତି
ପରିବାରବର୍ଗ

ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

real estate

SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65808

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

BDA yellow zone sthitiban plot at Khandagiri 30 feet Main Road, 30 feet Sub Road. 9437426733. D-10890

Just pay 1lac book a studio, 1BHK, 2BHK flat prime location at Puri. Contact: 9438389359. D-10926

Gharabari boundary plots, AIIMS price- 1250/- gharabari boundary plots 200 ft. road side, KIIT price- 900/-, 750/-. 8249483868. D-10876

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65351

healthcare

New opening ayurvedic full body massage. 7077444583. D-10885

Now Matrimonial ads. only on Wednesday & Sunday Book 1 Get 1 FREE

18th Happy Birthday

Prangya Priyadarsini Sahoo
Ekamra Villa, Bhubaneswar
May the joy that you have spread in the past come back to you and god bless you. Wishing you a very happy birthday. **Wishes from: Family, friends and relatives.**
D-65556

Happy Birthday

Santanu Kumar Sahoo
Bandhamunda, Balanga
"We wish for all of your wishes to come true. Happy Birthday Maam"
Best wishes from
Gunu (Appulu)
D-10934

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

'ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ନିର୍ବାଚନୀ ସଂସ୍କାର ଅଟକିଛି'

ନୂଆଦିଲ୍ଲୀ,୩।୨(ପି.ଟି.)

ରାଜନୈତିକ ଦଳଗୁଡ଼ିକର ଇଚ୍ଛାଶକ୍ତି ଏବଂ କ୍ରିୟାଶୀଳତାର ଅଭାବରୁ ଅନେକ ନିର୍ବାଚନୀ ସଂସ୍କାର ଦୀର୍ଘଦିନ ହେଲା କାର୍ଯ୍ୟକାରୀ ହୋଇ ନ ପାରି ପଡିରହିଥିବା ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍.ୱାଇ. କ୍ୟୁରେଶୀ କହିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉନ୍ନତି ଲାଗି ଅନେକ ସୁଯୋଗ ରହିଛି। ପ୍ରଚାର ଲାଗି ଅର୍ଥ ବ୍ୟୟ ଏବଂ ରାଜନୀତିର ଅପରାଧୀକରଣରେ ସଂସ୍କାର, ସିଇସି ଭଳି ସାମ୍ବିଧାନିକ ପଦବୀରେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଉପଯୁକ୍ତ ଆଇନ ଆଣିବା ଆଦି ବିଭିନ୍ନ ସଂସ୍କାର ଲାଗି ନିର୍ବାଚନ କମିଶନ ବାରମ୍ବାର ସରକାରଙ୍କୁ ପତ୍ର ଲେଖି ଆସୁଛନ୍ତି। ବିଶେଷଜ୍ଞଙ୍କ ପ୍ରସ୍ତାବିତ ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିଲେ ରାଜନୀତିରେ ଅର୍ଥବଳ ଓ ବାହୁବଳର ପ୍ରଭାବକୁ ରୋକାଯାଇପାରିବ ବୋଲି କ୍ୟୁରେଶୀ 'ଦି ଗ୍ରେଟ ମାର୍ଚ୍ଚ ଅଫ ଡେମୋକ୍ରାସି: ସେଭେନ ଡିକେଡ୍ସ ଅଫ ଇଣ୍ଡିଆସ୍ ଇଲେକ୍ସନ' ପୁସ୍ତକରେ ଲେଖିଛନ୍ତି।

ଦାୟିତ୍ୱହୀନତା ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁ ପାଣି ପାଣି

କଟକ ଅଫିସ, ୩।୨-ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଯୋଗୁ ରବିବାର ଏସ୍‌ସିବି ମେଡିକାଲ ସେଣ୍ଟ୍ରାଲ ଆଇସିୟୁ ଭିତର ପାଣି ପାଣି ହୋଇଯାଇଥିଲା। ସେଣ୍ଟ୍ରାଲ ଆଇସିୟୁ ବାଥ୍‌ରୁମ୍ ଜଳସଂଯୋଗ ବ୍ୟବସ୍ଥାର ମରାମତି ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ କାମ ଅଧାରୁ ଛାଡ଼ି ପଳାଇଥିଲେ। ଅପରାହ୍ନରେ ହଠାତ୍ ବାଥ୍‌ରୁମ୍ ଭିତରୁ ସୁଅ ଭଳି ପାଣି ସେଣ୍ଟ୍ରାଲ ଆଇସିୟୁ ଭିତରକୁ ପଶିଥିଲା। ଏହାଦେଖି ରୋଗୀଙ୍କ ଆଟେଣ୍ଡାଣ୍ଟମାନେ ପାଟିତୁଣ୍ଡ କରିଥିଲେ। ଆଇସିୟୁ ଦାୟିତ୍ୱରେ ଥିବା ନର୍ସମାନେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ଇତିମଧ୍ୟରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲା। ଖବର ପାଇ ହସ୍ପିଟାଲ ମ୍ୟାନେଜର ବିରଞ୍ଚି ସାହୁ ଭୁବନେଶ୍ୱରରୁ କଟକ ଆସି ଜନସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ବିଭାଗୀୟ ଯନ୍ତ୍ରୀମାନେ ସେଣ୍ଟ୍ରାଲ ଆଇସିୟୁରେ ପହଞ୍ଚି ପାଣି ସୁଅକୁ ବନ୍ଦ କରିଥିଲେ। ମାତ୍ର ସେତେବେଳକୁ ସେଣ୍ଟ୍ରାଲ ଆଇସିୟୁ ଭିତରେ ପାଦ ବୁଡ଼ିବା ଭଳି ପାଣି ଲହଡି ମାରୁଥିଲା। ସେହି ସମୟରେ ସେଠାରେ ୧୭ ଜଣ ରୋଗୀ ଚିକିତ୍ସିତ ହେଉଥିଲେ। ରୋଗୀଙ୍କ ଆଟେଣ୍ଡାଣ୍ଟମାନେ ଭୟଭୀତ ହୋଇପଡ଼ିଥିଲେ। କାରଣ ଆଇସିୟୁ ଭିତରେ ପାଣି ପଶିବା ଦ୍ୱାରା ଶର୍ଟସର୍କିଟ ଆଶଙ୍କା ଥିଲା। ଏଭଳି ଦାୟିତ୍ୱହୀନ ଘଟଣାର ତଦନ୍ତ କରାଯିବ ବୋଲି ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି କହିଛନ୍ତି।

ଉଚ୍ଚଶିକ୍ଷା ପାଇଁ...

ଜିଲାକୁ ମିଶନ ଶକ୍ତିର ଗତ ବୋଲି କହିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟା ରଞ୍ଜିତା ଲେଙ୍କା ଓ ରମାମଣି ମହାନ୍ତି ନିଜ ସଂଘର୍ଷମୟ କାହାଣୀ ମୁଖ୍ୟମନ୍ତ୍ରୀଙ୍କୁ ଶୁଣାଇଥିଲେ। ସମାବେଶରେ ନୂତନ ଭାବେ ଗଠନ କରାଯାଇଥିବା ଏସ୍‌ଏଚ୍‌ଜିଙ୍କୁ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକର ୭୪୫୩ଟି ଏସ୍‌ଏଚ୍‌ଜିଙ୍କୁ ୧୬କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସମଗ୍ର ରାଜ୍ୟରେ ୩ଲକ୍ଷ ଗୋଷ୍ଠୀଙ୍କୁ ୪୫୦କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସମାବେଶରେ କୁହାଯାଇଥିଲା। ସେହିପରି ଡିଜିଟାଲ ବା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ମହିଳାମାନେ ସହଜରେ ରୋଜଗାର ବୃଦ୍ଧି, ଅନଲାଇନ ବ୍ୟାଙ୍କସେବା, ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହେବା, ତଦାରଖ, ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ଲାଗି ବିଭିନ୍ନ କ୍ଷେତ୍ରରେ ସୁବିଧା ପାଇପାରିବେ। ଏଥିପାଇଁ ସବୁ ଏସ୍‌ଏଚ୍‌ଜିକୁ ୩ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକରେ ୭୪୬୭ଟି ଏସ୍‌ଏଚ୍‌ଜିଙ୍କୁ ୨କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଏସ୍‌ଏଚ୍‌ଜିର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଲାଗି ବ୍ଲକସ୍ତରରେ ମହାସଂଘ ଗଠନ କରାଯାଇଛି। ତେବେ ଏହି ମହାସଂଘକୁ ସୁଦୃଢ଼ କରିବା ପାଇଁ ୨୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଅନୁରୂପ ଭାବେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକସ୍ତରୀୟ ମହାସଂଘକୁ ମୋଟ ୩କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିଭଳି ଅଙ୍ଗନୱାଡ଼ି କର୍ମୀ ଓ ଅଙ୍ଗନୱାଡି ସହାୟିକା ନିଜର ନିୟମିତ କାର୍ଯ୍ୟ ସହିତ ଗ୍ରାମ୍ୟ ପରିଦର୍ଶନ ପାଇଁ ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ପିଛା ୫ଶହ ଏବଂ ସହାୟିକାଙ୍କ ପିଛା ୨ଶହ ଟଙ୍କା ହିସାବରେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକର ୧୭୯୮ଟି ଅଙ୍ଗନୱାଡି କର୍ମୀ ଏବଂ ଅଙ୍ଗନୱାଡି ସହାୟିକାଙ୍କୁ ମୋଟ ୪୮.୬୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ସମାବେଶରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିବା ସହ ୬ଜଣ ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ମହିଳା ବିକାଶ ସମବାୟ ନିଗମର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ମଧ୍ୟାହ୍ନ ସାଢେ ୧୨ଟାରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଅଭିମୁଖେ ଯାଇଥିଲେ। ଘଟଗାଁ ବ୍ଲକ ପଣ୍ଡାପଡ଼ାଠାରେ 'କାଳିଆ' ଯୋଜନାର କୃଷକ ମହା ସମାବେଶରେ ସେ ଯୋଗଦେଇ ୬୬ କୋଟି ଟଙ୍କାର ୧୭ ପ୍ରକଳ୍ପ ଉଦ୍‌ଘାଟନ ଓ ୨୧ ଶହ କୋଟି ଟଙ୍କା ବ୍ୟୟରେ ୪୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କାଳିଆ ଛାତ୍ରବୃତ୍ତି ଯୋଜନା ଘୋଷଣା କରିଥିଲେ।

ପଦ୍ମଶ୍ରୀ ଫେରାଇଲେ...

କେନ୍ଦ୍ର ସରକାର ନାଗରିକତ୍ୱ ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ହିନ୍ଦୁ ଭୋଟବ୍ୟାଙ୍କ ତିଆରି କରିବା ପାଇଁ ଉଦ୍ୟମ ଚଳାଇଥିବା ସମାଲୋଚକମାନେ ଅଭିଯୋଗ ଆଣିଛନ୍ତି। ଏହି ପ୍ରସ୍ତାବକୁ ମୁସଲମାନ ବିରୋଧୀ ଭାବେ ଅନେକେ ଅଭିହିତ କରିଛନ୍ତି। ପଡ଼ୋଶୀ ଦେଶଗୁଡ଼ିକର ଅଣ-ମୁସଲିମମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ସରକାର ଉଦ୍ୟମ ଚଳାଇଥିବାରୁ ସମଗ୍ର ଉତ୍ତର-ପୂର୍ବରେ ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ

ପ୍ରଥମ ପୃଷ୍ଠାରୁ...

ଟେକିଛି। ଏହିକ୍ରମରେ ପ୍ରଯୋଜକ ଆରିବମ୍ ଇମ୍ଫାଲସ୍ଥିତ ବାସଭବନରେ ରବିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡାକି ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯କୁ ବିରୋଧ କରିଛନ୍ତି। ସେ କହିଛନ୍ତି, ମଣିପୁରବାସୀଙ୍କୁ ଏବେ ସୁରକ୍ଷା ଜରୁରୀ। ୫୦୦ରୁ ଊର୍ଦ୍ଧ୍ୱ ଆସନ ବିଶିଷ୍ଟ ସଦନ (ଲୋକ ସଭା)ରେ ରାଜ୍ୟର ମାତ୍ର ଜଣେ କି ଦୁଇଜଣ ସଦସ୍ୟ ଅଛନ୍ତି। ଏମିତିରେ ପାର୍ଲାମେଣ୍ଟରେ ଉତ୍ତର-ପୂର୍ବର ପ୍ରତିବାଦ ସ୍ୱର କିପରି ଶୁଣାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଏହି ଜନବିରୋଧୀ ବିଲ୍ ପ୍ରତ୍ୟାହାର କରିବା ଦାବିରେ ସେ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି। ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।

ସୀମାଞ୍ଚଳ ଏକ୍ସପ୍ରେସ୍...

ପଦାଧିକାରୀ, ଜିଲାପାଳ, ଏସ୍‌ପି ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଏନ୍‌ଡିଆର୍‌ଏଫର ଦୁଇଟିଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ସେମାନଙ୍କୁ ସହାୟତା କରିଥିଲେ। ଘଟଣାସ୍ଥଳକୁ ଡାକ୍ତରୀ ଟିମ୍ ପଠାଯାଇଥିଲା। ଯାତ୍ରୀଙ୍କ ଲାଗି ପର୍ଯ୍ୟାପ୍ତ କ୍ୟାଟରିଂ ବ୍ୟବସ୍ଥା ଦାନାପୁର ଓ ହାଜିପୁରରେ କରାଯାଇଥିଲା। କେତେଜଣ ଯାତ୍ରୀଙ୍କୁ ୧୦ଟି ବସ୍ ସହାୟତାରେ ହାଜିପୁର ନିଆଯାଇଥିଲା। ସୋନପୁର, ହାଜିପୁର ଏବଂ ବରାଉଣୀ ଲାଗି ରେଳବାଇ ପକ୍ଷରୁ ଯଥାକ୍ରମେ ତିନୋଟି ହେଲ୍ପଲାଇନ ୦୬୧୫୮୨୨୧୬୪୫, ୦୬୨୨୪୨୭୨୨୩୦ ଏବଂ ୦୬୨୭୯୨୩୨୨୨୨ ଜାରି କରାଯାଇଛି।

ଜେରା କରିବାକୁ...

ବାସଭବନରେ ପହଞ୍ଚିଥିଲେ। ମାତ୍ର ସ୍ଥାନୀୟ ପୋଲିସ ସେମାନଙ୍କୁ ଜିପ୍‌ରେ ବସାଇ ଏକ ଥାନାକୁ ନେଇଯାଇଥିଲା। ସିବିଆଇ ଅଧିକାରୀମାନଙ୍କୁ ଥାନାରେ ଅଟକ ରଖାଯାଇଥିବା ନେଇ ବିବାଦ ସୃଷ୍ଟି ହେବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ସିବିଆଇ ଅଫିସରମାନେ ରାଜୀବଙ୍କୁ ପ୍ରଶ୍ନ କରିବା ପୂର୍ବରୁ ଆବଶ୍ୟକ ଦସ୍ତାବିଜ ସେମାନଙ୍କ ପାଖରେ ଥିଲା କି ନାହିଁ ତାହା ଜାଣିବା ଲାଗି ଯାଞ୍ଚ କରିବା ପାଇଁ ସେମାନଙ୍କୁ ଥାନାକୁ ନିଆଯାଇଥିଲା ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜୀବଙ୍କ ବାସଭବନକୁ ଧାଇଁଥିଲେ। ପରେ ମମତା 'ସମ୍ବିଧାନ ବଞ୍ଚାଅ' ନାମରେ ମେଟ୍ରୋ ଚ୍ୟାନେଲ ନିକଟରେ ଧାରଣାରେ ବସିଥିଲେ। ଏହା ପୂର୍ବରୁ ନିର୍ବାଚନ କମିଶନଙ୍କ ଏକ ଟିମ୍ କୋଲକାତାକୁ ବୈଠକ ପାଇଁ ଯାଇଥିବାବେଳେ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରାଜୀବ କୁମାର ଅନୁପସ୍ଥିତ ରହିଥିଲେ। ଚିଟ୍‌ଫଣ୍ଡ ମାମଲାର ତଦନ୍ତକାରୀ ଏସ୍‌ଆଇଟିର ନେତୃତ୍ୱ ନେଉଥିବା ରାଜୀବ ଜେରାର ସମ୍ମୁଖୀନ ହେବାକୁ ଥିବାରୁ ଏହାକୁ ଏଡାଇବା ଲାଗି ଫେରାର ହୋଇଯାଇଥିବା ଶନିବାର ସିବିଆଇ ପକ୍ଷରୁ କୁହାଯାଇଥିଲା। ସେପଟେ ମମତା ରାଜୀବଙ୍କ ସମର୍ଥନରେ ଆସିଥିଲେ। ଭାଜପା କ୍ଷମତାର ଅପବ୍ୟବହାର କରି ପୋଲିସକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଥିଲେ। ସିବିଆଇ ଅଧିକାରୀମାନେ ରାଜୀବଙ୍କୁ ଜେରା କରିବାକୁ ଯାଇଥିବାବେଳେ 'ଯେସାକୁ ତେସା' ନ୍ୟାୟରେ କୋଲକାତା ପୋଲିସ ଅଧିକାରୀମାନେ ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇର ରାଜ୍ୟ ମୁଖ୍ୟାଳୟକୁ ଘେରିଥିଲେ। ସେପଟେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିଜେନ୍ଦ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ରାଜୀବଙ୍କ ଘରେ ପହଞ୍ଚିଥିଲେ।

ଖୁଣ୍ଟରେ କେନ୍ଦ୍ରର...

ବିଦ୍ୟୁତୀକରଣ ଦ୍ୱାଦଶ ଯୋଜନା ଏବଂ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଏବେ ଚାଲୁ ରହିଛି। ଖୁବ୍‌ଶୀଘ୍ର ଏହିସବୁ ଗ୍ରାମକୁ ବିଜୁଳି ପହଞ୍ଚିଯିବ। ତେଣୁ ସବୁ ଗାଁକୁ ବିଦ୍ୟୁତ୍ ଯୋଗାଣ ସରିଥିବା ନେଇ ଯାହା ସରକାରୀ ପୋର୍ଟାଲରେ ଦର୍ଶାଯାଉଛି ତାହା କେତେ ନିର୍ଭରଯୋଗ୍ୟ ସ୍ପଷ୍ଟ ବୁଝାପଡୁଛି। ସେହିପରି ସୌଭାଗ୍ୟ ଯୋଜନାରେ ମଧ୍ୟ ସମାନ ଭାବେ ମିଛକୁ ସତ ବୋଲି ଦର୍ଶାଯାଇଛି। ୨୦୧୭ ଅକ୍ଟୋବର ୧୧ତାରିଖରେ କେନ୍ଦ୍ର ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲେ। ଡିସେମ୍ବର ୩୧, ୨୦୧୮ ସୁଦ୍ଧା ସବୁ ଗରିବ ପରିବାରକୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କେନ୍ଦ୍ର ହିସାବ ଅନୁଯାୟୀ ଓଡିଶାର ୨୪,୦୧,୮୮୭ ଘରେ ବିଦ୍ୟୁତ୍ ସେବା ପାଇବାରୁ ଲୋକେ ବଞ୍ଚିତ ଥିଲେ। ଏହିସବୁ ଘରେ ବିଜୁଳି ସେବା ଯୋଗାଯାଇ ସାରିଥିବା ସରକାରୀ ପୋର୍ଟାଲରେ ଦର୍ଶାଯାଇଛି। ଯଦି ସବୁ ଘରେ ବିଜୁଳି ପହଞ୍ଚିସାରିଛି ତେବେ ସମୟ ଅବଧିକୁ କାହିଁକି ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ଧରିତ୍ରୀ ପକ୍ଷରୁ ଏହାର ସତ୍ୟତା ଜାଣିବାକୁ କେତେଗୁଡିଏ ଗାଁକୁ ଯିବା ପରେ ବିଦ୍ୟୁତ୍ ସେବା ନ ଦେଇ କେବଳ ଖୁଣ୍ଟ ପୋତି ଶତପ୍ରତିଶତ କାମ ସରିଥିବାର ପ୍ରଚାର କରାଯାଉଥିବା ପ୍ରମାଣିତ ହୋଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତର କୁଶିଆ ଗ୍ରାମ ଏବଂ କାନପୁରା ପଞ୍ଚାୟତରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚିନାହିଁ। କେବଳ ଗାଁରେ ୮ମାସ ତଳୁ ଖୁଣ୍ଟ ପକାଇ ଦେଇ ଏବଂ ସବୁ ଘରେ ବୋର୍ଡ ଲଗାଇ କାମ ଶେଷ କରି ଦିଆଯାଇଛି। ଏନେଇ କୁଶିଆ ଗ୍ରାମର ଜୀବନ କୁମାର ଜେନା କହିଛନ୍ତି ଯେ ସେସୁ, ଠିକାଦାର ଏବଂ ରାଜନେତାମାନଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଯେଉଁମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ କଳାତାଲିକା ଭୁକ୍ତ କାହିଁକି କରାଯାଉ ନାହିଁ ବୋଲି ସେ କହିଛନ୍ତି।

ଚିତ୍ତରଞ୍ଜନ ସେଠୀ
କାନପୁରା ସରପଞ୍ଚ

ସେହିଭଳି କାନପୁରା ପଞ୍ଚାୟତରେ ମଧ୍ୟ ସମଦଶା। ଏଠାରେ ମଧ୍ୟ ବସବାସ କରୁଥିବା ଲୋକମାନଙ୍କ ଘରେ ମିଟର ଓ ବୋର୍ଡ ଲଗାଇ ଦିଆଯାଇଛି। ହେଲେ ଗାଁରେ ଏଯାବତ୍ ଖୁଣ୍ଟ କିମ୍ବା ତାର ଟଣାଯାଇନାହିଁ। ସରପଞ୍ଚ ଚିତ୍ତରଞ୍ଜନ ସେଠୀ କହିଛନ୍ତି ଯେ, ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦେବା ଲାଗି ବାରମ୍ବାର ଅନୁରୋଧ ସତ୍ତ୍ୱେ କାର୍ଯ୍ୟ ହୋଇପାରୁ ନାହିଁ। ଟ୍ରାନ୍ସଫର୍ମର ଅଭାବରୁ କାମ ହୋଇପାରୁ ନ ଥିବା ସେସୁ ଅଧିକାରୀ କହୁଛନ୍ତି। ଯେତେବେଳେ ପଚାରିଲେ ଆଜି, କାଲି କହି ସମୟ ଗଡାଇ ଚାଲିଛନ୍ତି ବୋଲି ସେଠୀ କୁହନ୍ତି।

କଳାହାଣ୍ଡି ଜିଲାର ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଚାଞ୍ଚେର ଗ୍ରାମପଞ୍ଚାୟତର ଚିକ୍ରାପଡା, ଧରାଭଟା, ଓଟଗର୍ଲା ଓ ତଳପିପିଲି ଆଦି ଗ୍ରାମରେ ଏଯାଏ ବିଦ୍ୟୁତ୍ ସେବା ପହଞ୍ଚିପାରି ନାହିଁ। ଚାଞ୍ଚେର ପଞ୍ଚାୟତ ସରପଞ୍ଚ ଅଜିତ୍ ମାଝି କହିଛନ୍ତି ଯେ, ଅଧିକାଂଶ ଗାଁରେ ଖୁଣ୍ଟ ପୋତାଯିବା ସହିତ ତାର ମଧ୍ୟ ଟାଣିଦିଆଯାଇଛି। ହେଲେ ଏ ପର୍ଯ୍ୟନ୍ତ ଲୋକେ ବିଜୁଳି ପାଇପାରି ନାହାନ୍ତି। ଆଜି, କାଲିର ପ୍ରତିଶ୍ରୁତିରେ ଦିନ କଟୁଛି ବୋଲି ସେ କହିଛନ୍ତି।

ଅଜିତ୍ ମାଝି
ଚାଞ୍ଚେର ସରପଞ୍ଚ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ପିସୁପଦର ରାଜସ୍ୱ ଗ୍ରାମର ଅତପତ ଓ କେନ୍ଦୁ ସାହିରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ

ଓଡ଼ିଶାରେ ହେବ ୬ ମଡେଲ ଡିଗ୍ରୀ କଲେଜ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରେ ମୋଟ ୩୩୦୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରବିବାର ଶ୍ରୀନଗରରୁ ୭୦ ମଡେଲ ଡିଗ୍ରୀ କଲେଜ, ୧୧ ପ୍ରଫେଶନାଲ କଲେଜ, ୬୬ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍

- ଡିଜିଟାଲ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ଉତ୍କଳ ବିଶ୍ୱବିଦ୍ୟାଳୟରେ ହେବ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍ କ୍ୟାରିୟର ହବ୍
- ଓଡ଼ିଆ ଛାତ୍ରୀଙ୍କ ସହ କଥା ହେଲେ ମୋଦି

କ୍ୟାରିୟର ହବ୍ ଏବଂ ଗୋଟିଏ ମହିଳା ବିଶ୍ୱବିଦ୍ୟାଳୟର ଡିଜିଟାଲ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ଏଥିମଧ୍ୟରେ ଓଡ଼ିଶାର କଳାହାଣ୍ଡି, ଗଜପତି, କନ୍ଧମାଳ, ବଲାଙ୍ଗୀର, ଢେଙ୍କାନାଳ ଓ କୋରାପୁଟ ଜିଲାରେ ୬ଟି ମଡେଲ ଡିଗ୍ରୀ କଲେଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍ କ୍ୟାରିୟର ହବ୍ ରହିଛି।

ଶିଳାନ୍ୟାସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ରଙ୍କ ସହିତ ପ୍ରଧାନମନ୍ତ୍ରୀ କଥା ହେବା ସହ କହିଲେ, ଶିକ୍ଷାର ଗ୍ଲୋବାଲ ଷ୍ଟାଣ୍ଡାର୍ଡ ହାସଲ କରିବାକୁ ଚାହୁଁଛୁ। ଆଇଆଇଟି, ଆଇଆଇଏମ୍ ଭଳି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ବିସ୍ତାର ପାଇ ପ୍ରୟାସ କରୁଛୁ। ବହୁ ଛାତ୍ରୀଛାତ୍ର ଶିକ୍ଷା ପାଇଁ ବିଦେଶକୁ ଯାଉଛନ୍ତି। ଆମେ ଏପରି ବ୍ୟବସ୍ଥା କରିବା ଯେପରି ଭାରତକୁ ବିଦେଶରୁ ଛାତ୍ରୀଛାତ୍ର ଆସିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରୀ ଅଙ୍କିତା କୁଣ୍ଡୁ ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଶିକ୍ଷା ସହିତ ପର୍ଯ୍ୟଟନକୁ କିପରି ଯୋଡ଼ା ଯାଇପାରିବ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିଲେ। ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ପ୍ରାଚୀନ ଐତିହ୍ୟରେ ଭରି ହୋଇଛି। କୋଣାର୍କ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି। ସାରା ଦେଶରେ ପର୍ଯ୍ୟଟନର ବିକାଶ ହୋଇଛି। ତେବେ ନିଜ ରାଜ୍ୟରେ ଟେକ୍ନୋଲୋଜି ବ୍ୟବହାର କରି ପ୍ରଚାର ପ୍ରସାର କରାଗଲେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି ଯେ, ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ ପରି ଲାଗିଲା। ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଓ ଉଚ୍ଚ ଶିକ୍ଷା ଅପେକ୍ଷା ପ୍ରଧାନମନ୍ତ୍ରୀ ସରକାରଙ୍କ ବିଭିନ୍ନ ଯୋଜନାକୁ ଅଧିକ ଉପସ୍ଥାପନା କଲେ। ଯଦି ପର୍ଯ୍ୟଟନର ବିକାଶ କଥା କହୁଛନ୍ତି ତେବେ ତା'ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେଲେ ଭଲ ହୁଅନ୍ତା ବୋଲି ମନ୍ତ୍ରୀ କହିଛନ୍ତି।

■ ୭ରୁ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

ବିଧାନସଭା ଘେରିବେ ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ବିଭିନ୍ନ ଦାବି ଓ ସରକାରଙ୍କ ଅଣଦେଖାକୁ ନେଇ ଆସନ୍ତା ୭ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ସଂଘ। ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ୍ ହୋଇ ବିଧାନସଭା ଘେରାଉ କରିବେ। ଏଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଚେତାବନୀ ଦେଇଛନ୍ତି।

ରବିବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ମହାରଣା ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ପ୍ରାଥମିକ ଶିକ୍ଷା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଞ୍ଚିଛି। ଲକ୍ଷାଧିକ ସ୍ଥାୟୀ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ସରକାର ଠିକା ନିଯୁକ୍ତି ଦେଇ କାମ ଚଳାଉଛନ୍ତି। ପୁଣି ଚୁକ୍ତି ଅନୁସାରେ, ୬ ବର୍ଷରେ ଠିକା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରୁଥିଲେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ସୁରକ୍ଷିତ ଚାକିରି ସର୍ତ୍ତାବଳୀ ପୂରଣ କରୁନାହାନ୍ତି। ସମାନ କାମକୁ ସମାନ ଦରମା ନ ଦେଇ ଉଚ୍ଚଶିକ୍ଷିତ ଯୁବତୀଯୁବକମାନଙ୍କୁ ଶୋଷଣ କରୁଛନ୍ତି। ଶିକ୍ଷା ଅଧିକାର ଆଇନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ ନ କରି ପରୋକ୍ଷରେ ଶିକ୍ଷା କ୍ଷେତ୍ରକୁ ଘରୋଇକରଣ କରିବାକୁ ଚେଷ୍ଟା କରୁଛନ୍ତି। ସବୁଠାରୁ ସ୍ପର୍ଶକାତର ପ୍ରସଙ୍ଗ ହେଲା, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ଲଗାଉଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପୁଣି ଶିକ୍ଷକମାନଙ୍କର ୭ମ ବେତନ କମିଶନରେ ଗ୍ରେଡ୍ ପେ ୨୮୦୦ ଟଙ୍କା ଦେଇ ଦରମା ସଂଶୋଧନ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ଠିକା କନିଷ୍ଠ ଶିକ୍ଷକଙ୍କ ମୂଳ ଦରମାର ୨୫% ବୃଦ୍ଧି ଓ ବାର୍ଷିକ ୧୦% ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରୁନାହାନ୍ତି। ଠିକା ଶିକ୍ଷକଙ୍କ କାର୍ଯ୍ୟକାଳକୁ ମୂଳ ଚାକିରିରେ ଇନ୍‌କ୍ରିମେଣ୍ଟ ସହ ଗଣନା କରିବା ଓ ୨୦୦୫ ମସିହା ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରି ଆସୁଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ପ୍ରବୀଣ କୁମାର ଦାସ, ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ତ୍ରିସ୍ତରୀୟ ସୁରକ୍ଷାରେ ବିଧାନସଭା

ଭୁବନେଶ୍ୱର, ୩।୨(ବ୍ୟୁରୋ)

ଯାଞ୍ଚ କଲେ ଡିଜିପି, ପୋଲିସ କମିଶନର

ସୋମବାରଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ ବିଧାନସଭାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ରବିବାର ପୋଲିସ ଡିଜି ଡ଼. ଆର୍‌ପି ଶର୍ମା ଓ ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଧାନସଭା ଭିତର ଓ ବାହାର ପରିସର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଏହି ଅବସରରେ ଡିଜିପି ଶର୍ମା ସୂଚନା ଦେଇ କହିଛନ୍ତି, ବଜେଟ ଅଧିବେଶନ ପାଇଁ ବିଧାନସଭାକୁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରଖାଯାଇଛି। ବିଧାନସଭା ଚାଲିବା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ୩୦ ପ୍ଲାଟୁନ ପୋଲିସ ଫୋର୍ସ, ୧୦୦ ଦକ୍ଷ ଅଫିସର ଓ ୨ ୟୁନିଟ ଏସ୍‌ଓଜି ପୋର୍ସ ମୁତୟନ କରାଯାଇଛି। ଏଥିସହ ବିଧାନସଭା ସମ୍ମୁଖ ଧାରଣାସ୍ଥଳରେ ଏକ ସ୍ୱତନ୍ତ୍ର ପୋଲିସ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଏସବୁ ଅଞ୍ଚଳକୁ ନଜରରେ ରଖିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ଆଇନକୁ ହାତକୁ ନେଇ ବିଶୃଙ୍ଖଳା ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଶର୍ମା କହିଛନ୍ତି।

ବାଣିଜ୍ୟ, ଗଣିତ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ

ଭୁବନେଶ୍ୱର, ୩।୨(ବ୍ୟୁରୋ)

ଓଡ଼ିଶା ବାଣିଜ୍ୟ ସଂଘ (ଓସିଏ) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପରିବାର ପକ୍ଷରୁ ରବିବାର ୩୯ତମ ଅଖିଳ ଓଡ଼ିଶା ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓସିଏ ସଭାପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଡ. ରବି ନାରାୟଣ ସେନାପତି ଓ ଓସିଏ ପ୍ରତିଷ୍ଠାତା ପ୍ରଫେସର ରମାକାନ୍ତ ଜେନା ଅତିଥି ଭାବେ ଯୋଗଦେଇଥିଲେ। ବାଣିଜ୍ୟ ଓ ଗଣିତ ପରସ୍ପର ପରିପୂରକ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ବାଣିଜ୍ୟ ବ୍ୟବସାୟର ଅଭିବୃଦ୍ଧି ପାଇଁ ବାଣିଜ୍ୟିକ ଜ୍ଞାନ ଆବଶ୍ୟକ। ଏହା ନିଜର ଆର୍ଥିକ ଉନ୍ନତି ସାଙ୍ଗକୁ ରାଜ୍ୟ ତଥା ଦେଶ ପ୍ରଗତିରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବାଣିଜ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଫେସର ଉମେଶ ଚନ୍ଦ୍ର ପଟ୍ଟନାୟକ ଓ ପ୍ରଫେସର ଟହଲୁ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଓସିଏ ସାଧାରଣ ସମ୍ପାଦକ ଏସ୍. ଏ ତାହେର ବାର୍ଷିକ ବିବରଣୀ ପାଠ ଓ ଶ୍ୟାମଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

ବିଏସ୍‌ପିରେ ମିଶିଲେ କୃଷ୍ଣ ସଗରିଆ

ଭୁବନେଶ୍ୱର,୩।୨(ବ୍ୟୁରୋ)

ମାୟାବତୀ କହିଲେ, ନବୀନଙ୍କ ବିପକ୍ଷରେ ଲଢିବି

ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ରବିବାର ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ରେ ମିଶିଛନ୍ତି। ଶଗରିଆଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର କିଛି ସଙ୍ଗଠକ ଏବଂ କେନ୍ଦ୍ରାପଡା ଜିଲାର କିଛି ଯୁବ ନେତା ମଧ୍ୟ ବିଏସ୍‌ପିରେ ସାମିଲ ହୋଇଛନ୍ତି। ମାଷ୍ଟରକ୍ୟାଣ୍ଟିନସ୍ଥିତ ଲୋୟର ପିଏମ୍‌ଜିରେ ଆୟୋଜିତ ଏକ ମିଶ୍ରଣ ପର୍ବରେ କୃଷ୍ଣ ବିଏସ୍‌ପିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ବିଏସ୍‌ପି ନେତା ତଥା ୟୁପିର ପୂର୍ବତନ ମନ୍ତ୍ରୀ ଧର୍ମବୀର ଅଶୋକ , ବିଏସ୍‌ପି ରାଜ୍ୟ ସଭାପତି ଟଙ୍କଧର ବାଗ୍ , ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମିଶ୍ରଣ ପର୍ବ ପରେ କୃଷ୍ଣ କହିଛନ୍ତି ଯେ, ନିର୍ବାଚନ ଲଢି ଜିତିବା ଅପେକ୍ଷା ଅନୁସୂଚିତ ଜାତି ବର୍ଗକୁ ସଙ୍ଗଠିତ କରିବା, ବହୁଜନଙ୍କୁ ରାଜନୈତିକ ଅଧିକାର ପାଇଁ ସଚେତନତା କରାଇବା ପ୍ରଭୃତି କାର୍ଯ୍ୟ କରିବି। ଏହି ସବୁ କାର୍ଯ୍ୟ କରିବା ପାଇଁ ବିଏସ୍‌ପି ହିଁ ପ୍ରକୃତ ପ୍ଲାଟଫର୍ମ। ଯଦି ତାଙ୍କୁ ସୁଯୋଗ ମିଳେ, ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧରେ ଲଢିବେ କି ବୋଲି ଗଣମାଧ୍ୟମ ପ୍ରତିନିଧି କୃଷ୍ଣଙ୍କୁ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ସେ କହିଥିଲେ ଯେ, ଯଦି ବିଏସ୍‌ପି ମୁଖ୍ୟ ତଥା ଭଉଣୀ ସୁଶ୍ରୀ ମାୟାବତୀ ଚାହାନ୍ତି, ତେବେ ନବୀନଙ୍କ ବିରୋଧରେ ପ୍ରାର୍ଥୀ ହେବାରେ କୌଣସି ଆପତ୍ତିନାହିଁ। କେବଳ ଅନୁସୂଚିତ ଜାତି ନୁହେଁ, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ପାଇଁ ମଧ୍ୟ ଲଢେଇ କରିବି। କୁନ୍ଦୁଲି ପୀଡିତାକୁ ନ୍ୟାୟ ନ ମିଳିବା ପ୍ରସଙ୍ଗରେ ଇସ୍ତଫାକୁ କଂଗ୍ରେସ ଦଳରେ ଭିନ୍ନ ଭାବେ ଚିତ୍ରଣ କରାଗଲା। ଏହା ତାଙ୍କ ଅନ୍ତର ଆତ୍ମାକୁ ବ୍ୟଥିତ କରିଛି। ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱ ଏବଂ ବିରୋଧୀ ଦଳ ନେତାଙ୍କ ଆଭିମୁଖ୍ୟକୁ ମଧ୍ୟ କୃଷ୍ଣ ସମାଲୋଚନା କରିଥିଲେ। ତାଙ୍କ ଦ୍ୱାରା ଆୟୋଜିତ ମିଶ୍ରଣ ପର୍ବକୁ ଆସୁଥିବା ଗାଡିକୁ ବିଭିନ୍ନ ସ୍ଥାନରେ ଅଟକାଯାଉଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ବହୁଜନ ବର୍ଗ ପ୍ରତି ସରକାର ଏପରି ଆଭିମୁଖ୍ୟ ପୋଷଣ କରନ୍ତି, ତେବେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଧରମବୀର ଅଶୋକ କହିଛନ୍ତି ଯେ, ସାମ୍ପ୍ରଦାୟିକ ଏବଂ ସ୍ୱେଚ୍ଛାଚାରୀ ଶକ୍ତିକୁ ମୁକାବିଲା ବିଏସ୍‌ପି ହିଁ କରିପାରିବ। ୟୁପିରେ ଏସ୍‌ପି ସହ ହୋଇଥିବା ମେଣ୍ଟ ଦେଶକୁ ବିକଳ୍ପର ରାସ୍ତା ଦେଖାଇବ। ଓଡ଼ିଶାରେ ଆଗାମୀ ଦିନରେ ବିଏସ୍‌ପି ନିର୍ଣ୍ଣାୟକ ଭୂମିକା ନେବ ବୋଲି ଧରମବୀର କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ନେତା ରବି ବେହେରା କହିଛନ୍ତି ଯେ, ୟୁପି ପରି ଓଡ଼ିଶାରେ ମଧ୍ୟ ଏସ୍‌ପି-ବିଏସ୍‌ପି ଏକାଠି ଲଢିବେ। ସର୍ବାଙ୍ଗୀନ ବିକାଶ ଏବଂ ପଛୁଆବର୍ଗର ଉନ୍ନତିକୁ ପ୍ରାଧାନ୍ୟ ଦେଉଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ୱାଗତ କରାଯିବ।

୩୦ତମ ଜାତୀୟ
ସଡ଼କ ସୁରକ୍ଷା ସପ୍ତାହ
୦୪ ଫେବୃଆରୀ - ୧୦ ଫେବୃଆରୀ, ୨୦୧୯

"ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ"

ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ
ଆମ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଫେବୃଆରୀ ମାସର ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳନ କରାଯାଉଥିବା ଆନନ୍ଦର କଥା।

ବେପରୁଆ ଗାଡ଼ି ଚାଳନା ଏବଂ ସଡ଼କ ବ୍ୟବହାରକାରୀ ମାନଙ୍କ ଅସାବଧାନତା ଦୁର୍ଘଟଣାର ମୁଖ୍ୟ କାରଣ। ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ବିଶେଷ ଭୂମିକା ରହିଛି।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କ ସହଯୋଗ କାମନା କରିବା ସହ ସଡ଼କ ସୁରକ୍ଷା ନିୟମକୁ ଆନ୍ତରିକତାର ସହ ପାଳନ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଉଛି।

ଜୀବନ ଅମୂଲ୍ୟ। ଏହା ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।

ନବୀନ ପଟ୍ଟନାୟକ

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"
ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି– ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ– ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ।
–ଶ୍ରୀମା

ଏହା ଯଦି ଟ୍ରେଲର ହୁଏ

ସାଧାରଣ ନିର୍ବାଚନ ୨ ମାସ ବାକି ଥିବା ବେଳେ କେନ୍ଦ୍ରର ଭାଜପା ସରକାରଙ୍କ ତରଫରୁ ଅର୍ଥମନ୍ତ୍ରୀ ପୀୟୂଷ ଗୋୟେଲ ୧ ଫେବୃୟାରୀ ୨୦୧୯ରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥନୀତି ପରିଭାଷାରେ ଏହାକୁ ଅନ୍ତରୀଣ ବା କାମଚଳା କୁହାଯାଉଥିଲେ ମଧ୍ୟ ଏହାର ଆକାର ଦେଖିଲେ ଓଜନିଆ ମନେହେଉଛି। ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ଶେଷ ଓଭରରେ ୬ ଛକା ମାରିବାକୁ ଉଦ୍ୟମ କରିଛନ୍ତି। ସେତିକି ନୁହେଁ, ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଏହା ଟ୍ରେଲର ମାତ୍ର'। ଭୋଟ ପରେ ପୂରା ସିନେମା ଦେଖିବାକୁ ମିଳିବ। ଏଥିରୁ ମନେହୁଏ ଯେପରି ଦେଶବାସୀଙ୍କୁ ଏକପ୍ରକାର ଅଧା ଲାଳସା ଓ ଅଧା ଧମକ ଦେଇ ମୋଦି ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଷୀ, ଶ୍ରମିକ ଓ ମଧ୍ୟବିତ୍ତଙ୍କୁ ସୁହାଇଲା ଭଳି କେତୋଟି ଘୋଷଣା କରିଛନ୍ତି ବୋଲି ବାରମ୍ବାର କୁହାଯାଉଛି । ଭୋଟ ପାଇବା ପାଇଁ ସରକାର ଶେଷ ବଜେଟରେ ଲୋଭନୀୟ ଉପହାର ଦେବାକୁ ଚେଷ୍ଟା କରିଛନ୍ତି। ଏହା କହିଲା ବେଳକୁ ପ୍ରଧାନମନ୍ତ୍ରୀ ଗତ ୫ଟି ବଜେଟରେ କାହିଁକି କୃଷି, ଗରିବ ଏବଂ ମଧ୍ୟବିତ୍ତଙ୍କୁ ଅଣଦେଖା କରିଥିଲେ ତାହାର କୌଣସି ଉତ୍ତର ଥିଲା ଭଳି ମନେହେଉ ନାହିଁ। ସେଥିପାଇଁ କି ମୋଦିଙ୍କ ଉପରେ ଅବିଶ୍ୱାସ ଜନ୍ମୁଛି ଯେ, ଏହା ଯଦି କେବଳ ଟ୍ରେଲର ଥିଲା, ତେବେ ପୂରା ସିନେମାରେ ପୁନର୍ବାର ସେହ ଧନୀ ଏବଂ ବ୍ୟବସାୟୀଙ୍କ ରୋମାଞ୍ଚକର କାହାଣୀ ଲୁକ୍କାୟିତ ଥିବ। କାରଣ ଟ୍ରେଲର ମାଧ୍ୟମରେ କେବଳ ଦର୍ଶକଙ୍କୁ ଆକର୍ଷିତ କରାଯାଇଥାଏ। ସମ୍ପୂର୍ଣ୍ଣ କାହାଣୀ କୌଣସି ଟ୍ରେଲରରେ ଦର୍ଶାଯାଏ ନାହିଁ।

ବିରୋଧୀ ଏହି ବଜେଟକୁ ଲାଞ୍ଚ ଦେଇ ଭୋଟ କିଣିବା ସହ ସମାନ ବୋଲି ସମାଲୋଚନା କରୁଛନ୍ତି। ଏଥିରେ ଯେଭଳି ବ୍ୟବସ୍ଥା କରାଯାଇଛି, ତାହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ବଜେଟକୁ ଦେଖିଲେ ଯେଉଁ ଚାଷୀଙ୍କର ୨ ହେକ୍ଟରରୁ କମ୍ ଜମି ଥିବ, ସେମାନଙ୍କୁ ୩ କିସ୍ତିରେ ବର୍ଷକୁ ୬ ହଜାର ଟଙ୍କା ଦିଆଯିବା ଘୋଷଣା କରାଯାଇଛି। ଏହାର ହିତାଧିକାରୀ ତାଲିକାରୁ ଭୂମିହୀନ ଓ କୃଷି ଶ୍ରମିକ ବଞ୍ଚିତ ହେଉଥିବା ବେଳେ କେଉଁ ଦୃଷ୍ଟିରୁ ସମଗ୍ର କୃଷକ ସମାଜ ଉପକୃତ ହେବେ ବୋଲି ଏବେ କଥା ଉଠିଲାଣି। କାରଣ କେନ୍ଦ୍ର ସରକାରଙ୍କ ସିଧାସଳଖ କୌଣସି ମାଧ୍ୟମ ନାହିଁ, ଯଦ୍ୱାରା ପ୍ରତ୍ୟେକ ଗ୍ରାମର ଚାଷୀଙ୍କୁ ଠାବ କରାଯାଇପାରିବ। ଏଭଳିସ୍ଥଳେ ନରେନ୍ଦ୍ର ମୋଦି ୫ ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତିକୁ ଲୋକେ ମନେ ପକାଉଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ବେଳେ ସେ କହିଥିଲେ ଯେ, କ୍ଷମତାକୁ ଆସିଲେ ବିଦେଶରୁ କଳା ଧନ ଆଣି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରାଯିବ। ସମୟ ବିତିଯାଇଥିଲେ ମଧ୍ୟ ସୁଧ ସହିତ ଟଙ୍କା ମିଳିଲା ନାହିଁ। ଆଂଶିକ ଭାବେ କିଛି କିଛି କ୍ଷୁଦ୍ର ଚାଷୀଙ୍କୁ ଦେଇ ସରକାର ଲଲିପପ୍ ଧରାଇଛନ୍ତି ବୋଲି ବିରୋଧୀ କହୁଛନ୍ତି। ଦ୍ୱିତୀୟ କଥା ହେଉଛି, ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା କ୍ଷୁଦ୍ର ଚାଷୀଙ୍କୁ ସରକାର କିଭଳି ଚିହ୍ନଟ କରିବେ, ତାହାର ମେକାନିଜିମ୍ ବା ଯନ୍ତ୍ରକ୍ରିୟା ଦେଖାଇ ନାହାନ୍ତି। ଏକ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଯେଉଁ ଦୂରଦୃଷ୍ଟିର ଆବଶ୍ୟକତା ରହିଛି, ତାହା ଏହି ବଜେଟରେ ଦେଖିବାକୁ ମିଳିନାହିଁ। ବିଶେଷକରି ବେକାର ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବଜେଟରେ କିଛି ବ୍ୟବସ୍ଥା କରାଯାଇ ନାହିଁ। ୨୦୧୪ ସାଧାରଣ ନିର୍ବାଚନ ପ୍ରଚାର ବେଳେ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦେବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସ୍ତବ ଚିତ୍ର ଏବେ ଭିନ୍ନ ଚିତ୍ର ଦେଉଛି। ନିକଟରେ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ ପ୍ରଦର୍ଶିତ ତଥ୍ୟକୁ ଦେଖିଲେ ୪୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୭–୧୮ରେ ଏହା ଥିଲା ସବୁଠାରୁ ନ୍ୟୂନ ସଂଖ୍ୟାରେ ନଯୁକ୍ତ ସୁଯୋଗ ସୃଷ୍ଟି। ଏହି ସଂସ୍ଥାର ତଥ୍ୟକୁ ନୀତି ଆୟୋଗ ତରଫରୁ ଖଣ୍ଡନ କରାଯାଇଛି। ତେବେ ମନେରଖିବାକୁ ହେବ ଯେ, ନୀତି ଆୟୋଗରେ ନିଯୁକ୍ତ ଲୋକମାନେ କୌଣସି ଯୋଗ୍ୟତା ଯୋଗୁ ନୁହେଁ, ରାଜନୈତିକ ଚାପରେ ଥଇଥାନ ବ୍ୟବସ୍ଥାର ସୁବିଧା ପାଇଛନ୍ତି।

ଅନ୍ୟ ଏକ ପ୍ରସଙ୍ଗକୁ ଦେଖାଯାଉ। ଅର୍ଥମନ୍ତ୍ରୀ ପୀୟୂଷ ଗୋୟେଲ ଯେତେବେଳେ ଘୋଷଣା କଲେ ଯେ, ବାର୍ଷିକ ଆୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଜନ କରୁଥିବା ବ୍ୟକ୍ତିଙ୍କୁ ଟିକସ ଛାଡ଼ କରାଯିବ, ସେତେବେଳେ ଭାଜପାର କେତେକ ସାଂସଦ ଟେବୁଲ ବାଡ଼ାଇବା ସହିତ ଦୀର୍ଘ ପ୍ରାୟ ୩ ମିନିଟ୍ ପର୍ଯ୍ୟନ୍ତ 'ମୋଦି–ମୋଦି–ମୋଦି...' ସ୍ଲୋଗାନ୍ ଦେଇଚାଲିଲେ। ଏଥିରୁ ମନେହେଲା ଯେପରି ସଂସଦ ଭିତରୁ ନିର୍ବାଚନୀ ପ୍ରଚାର ଆରମ୍ଭ ହେଲା। କେହି ଜଣେ ପଚାରିଲେ ନାହିଁ ଯେ, କିଛି ଦିନ ପୂର୍ବରୁ ଏହି ମୋଦି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଉଚ୍ଚଜାତିରେ ଆର୍ଥିକ ଦୁର୍ବଳଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାରେ ୮ ଲକ୍ଷ ଟଙ୍କା ବାର୍ଷିକ ଆୟ ମାପକାଠି ଭାବେ ରଖାଯାଇଥିଲା। ଯଦି ତାହା ସତ ହୁଏ, ତେବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ବୁଝିବା କଷ୍ଟକର।

ଏହି ଅନ୍ତରୀଣ ବଜେଟ–୨୦୧୯ର ପ୍ରତ୍ୟେକଟି ଅଂଶକୁ ଦେଖିଲେ ମନେହୁଏ ଯେପରି ଆତ୍ମବିରୋଧାଭାସ ଚିନ୍ତାଧାରା ପ୍ରକାଶ କରାଯାଇଛି। ସେଥିପାଇଁ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

ଚିରନ୍ତନୀ

ଶତ ଶତ କଶାଘାତ
ଚନ୍ଦନ ସମାନ ତାହା
ଅକାରଣ ପଡ଼ିଲେ ଏ ଦେହେ,
ସବୁ ଅଙ୍ଗେ ଲେପିଦିଏ ସ୍ନେହେ।

(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku | ସୁ–ଡୋ–କୁ

	7	9		4			B			3	C		0	
A	5							2						
B				7		5	8					E	9	
				8	5			7		B				
		2		9	A	0			1		E			
			A							5		8		1
8	E	0			D			B	A			9	2	3
7									3			B	C	
3			6			9					D			E
		A		0				4		E	9		7	
			4			C			8					
C	0		5			2		E	9		A			
E	4	1			9							A	8	
	A	D	B	3								2		
		5	0	2	E					1	6		B	

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

4	A	D	0	1	6	B	E	8	C	2	9	3	7	5
E	2	C	7	D	8	A	9	3	1	6	5	4	B	0
1	5	0	C	3	4	7	2	D	A	B	8	E	6	9
3	B	6	A	5	9	4	1	0	D	7	E	2	C	8
8	9	7	B	E	2	C	5	6	0	3	4	1	D	A
C	6	1	3	8	E	0	D	5	7	4	A	9	2	B
B	D	5	1	9	0	8	A	7	2	C	3	6	E	4
2	0	A	D	B	7	3	4	E	9	8	6	C	5	1
9	3	8	2	4	C	6	B	1	5	E	0	D	A	7
7	4	E	5	6	A	9	C	2	B	1	D	8	0	3
0	7	9	E	A	3	D	6	4	8	5	2	B	1	C
5	E	3	8	C	1	2	7	9	6	A	B	0	4	D
A	8	B	4	2	D	5	3	C	E	0	1	7	9	6
6	1	4	9	7	B	E	0	A	3	D	C	5	8	2
D	C	2	6	0	5	1	8	B	4	9	7	A	3	E

ଗତକାଲିର ଉତ୍ତର

ଗଣତନ୍ତ୍ରର ରାଜପୁରୁଷ

ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ବିଶ୍ୱବିଖ୍ୟାତ କଥାକାର ଓସ୍‌କାର ୱାଇଲ୍‌ଡଙ୍କ ସେଇ ଅନବଦ୍ୟ କାହାଣୀ ଯେଉଁମାନେ ପଢ଼ିଥିବେ, ପଢ଼ା ସରିବା ମାତ୍ରେ ସେମାନେ ନିଶ୍ଚୟ ହଜିଯାଇଥିବେ ନିଜ ସୁପ୍ତ ଚେତନାର କେଉଁ ଅଗମ୍ୟ ମାନସିକ ଇଲାକାରେ। ମାନବୀୟ କାରୁଣ୍ୟରେ ଭରପୂର ଏହି ଲହୁଲୁହର କାହାଣୀ ସେମାନଙ୍କୁ ନେଇ ପହଞ୍ଚାଇ ଦେଇଥିବ ଏମିତି ଏକ ଅତିମାନସର ସ୍ୱପ୍ନରାଜ୍ୟରେ, ଯେଉଁଠି ଗୋଟିଏ ପଟେ ଶୁଣାଯାଉଥିବ ରାଜତନ୍ତ୍ରରେ ବର୍ବର ଅତ୍ୟାଚାରର ଭୈରବ ହୁଙ୍କାର ଓ ଅନ୍ୟପଟେ ପ୍ରତିଧ୍ୱନିତ ହେଉଥିବ ସେଇ ଉଦାର ନୂଆରାଜାଙ୍କ ମାନବିକତାର ଓଁକାର ଉଚ୍ଚାରଣ। ଏଠାରେ ଆଲୋଚ୍ୟ ପ୍ରସଙ୍ଗଟି ଯଦିଓ ଗଣତନ୍ତ୍ରର ରାଜପୁରୁଷଙ୍କୁ ନେଇ, ତେବେ ଏହାର ପ୍ରତିପକ୍ଷ ରାଜତନ୍ତ୍ରର ଗଣପୁରୁଷ ସେଇ କାହାଣୀର ନାୟକଙ୍କ ଚରିତ୍ର ପ୍ରଥମେ ଅନୁଧ୍ୟାନ କରାଯାଉ।

ନିଜର ଏକମାତ୍ର ସୁକୁମାରୀ କନ୍ୟା ଜଣେ ଅବାଞ୍ଛିତ ନୀଚବଂଶଜକୁ ଗୋପନରେ ବାହା ହୋଇଥିବାର ଦେଖି ରାଜା କ୍ରୋଧରେ ଅସ୍ଥିର ହୋଇଉଠିଲେ। ଝିଅର ସୁଖଠାରୁ ନିଜ ବଂଶର ଆଭିଜାତ୍ୟକୁ ବଡ ବିଚାରୁଥିବା ରାଜା କେବଳ ଯେ ଗୋପନରେ ଘାତକ ଦ୍ୱାରା ନିଜ ଜ୍ୱାଇଁକୁ ହତ୍ୟା କଲେ ତାହା ନୁହେଁ, କିଛିଦିନ ପରେ ତାଙ୍କ କନ୍ୟା ଗର୍ଭରୁ ଜନ୍ମ ନେଇଥିବା ଶିଶୁପୁତ୍ରକୁ ମଧ୍ୟ ଚୋରାଇ ନେଇ ଜଙ୍ଗଲରେ ରହୁଥିବା ଜଣେ ନିଃସନ୍ତାନ ମେଷପାଳକକୁ ଦେଇ ଆସିଲେ। ଅସହ୍ୟ ଦୁଃଖରେ ଅତିଷ୍ଠ ହୋଇ ରାଜକନ୍ୟା ବି ଅଚିରେ ସଂସାର ଛାଡିଦେଲେ। କେଇବର୍ଷ ବିତିଗଲା। ବାର୍ଦ୍ଧକ୍ୟର ଆହ୍ୱାନରେ ରାଜାଙ୍କ ଶେଷ ସମୟ ଉପସ୍ଥିତ ହେଲାରୁ ସିଂହାସନରେ ଉତ୍ତରାଧିକାରୀଙ୍କୁ ନେଇ ତାଙ୍କର ଚେତା ପଶିଲା। ରାଜାଳୟଠାରୁ ଏକ ଅପହଞ୍ଚ ଦୂରତ୍ୱରେ ବଢି ଆସୁଥିବା ମେଷପାଳକ ବାଳକଟି ହିଁ ଥିଲା ତାଙ୍କ ବଂଶର ଶେଷ ଦୀପଶିଖା। ସୁତରାଂ, ନିଜର ସମସ୍ତ ଅହଂକାର ସତ୍ତ୍ୱେ ତାଙ୍କର ସେଇ ଅପାଂକ୍ତେୟ ନାତିଟିର ରାଜ୍ୟାଭିଷେକ ଶେଷ କରିବାକୁ ଆଦେଶ ଦେଇ ସେ ଆଖି ବୁଜିଦେଲେ।

ଜଙ୍ଗଲରେ ମେଣ୍ଢା ଚରାଇବାକୁ ନିଜ ଜୀବନର ଯାତ୍ରା ମନେକରୁଥିବା ଷୋଳ ବର୍ଷର ତରୁଣ ରାଜମୁକୁଟ ପିନ୍ଧିବାର ମହାର୍ଘ ଅନୁଭବ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ରାଜ୍ୟାଭିଷେକର ପୂର୍ବରାତିରେ ତିନୋଟି ସ୍ୱପ୍ନ ଦେଖିଲେ। ସ୍ୱପ୍ନ ତ ନୁହେଁ, ଦୁଃସ୍ଥ ଦରିଦ୍ର ପ୍ରଜାମାନଙ୍କ ତାଜା ରକ୍ତରେ ନିଜ କପାଳ ଉପରେ ଅଙ୍କିତ ହେବାକୁ ଯାଉଥିବା ରାଜତିଳକ ପାଇଁ ଏକ ତୀବ୍ର ଚେତାବନୀ। କ୍ରୀତଦାସଙ୍କ କଷ୍ଟଶ୍ରମର ଝାଳଗନ୍ଧରେ ସୁରଭିତ ହେବାକୁ ଥିବା ରାଜମୁକୁଟର ଭବିଷ୍ୟତ ପାଇଁ ଏକ ବିପଦର ଆଭାସବାଣୀ। ପ୍ରଥମ ସ୍ୱପ୍ନଟି ଥିଲା ଚିତ୍ତଚାଞ୍ଚଲ୍ୟକାରୀ। ଏକ ଅନ୍ଧକାରଭରା ନିବୁଜ କକ୍ଷରେ କେଇଜଣ ବୁଣାକାର ସୁନା ଜରିପକା ଲୁଗା ବୁଣିବାରେ ବ୍ୟସ୍ତ। କୋରଡଗତ ଚକ୍ଷୁ, ମଳିନ ଦର୍ଶନ ମୁହଁଟିମାନ ନେଇ ଥରି ଉଠୁଥିବା ହାତଗୁଡିକ ଲୁଗା ବୁଣୁଥିବା ଦେଖି ତରୁଣ ମେଷପାଳକ ଦୁଃଖରେ ଭାଙ୍ଗିପଡିଲେ। ପଚାରିଲେ, ''କାହା ପାଇଁ ତୁମର ଏ ଲୁଗାବୁଣା ?'' ଉତ୍ତର ମିଳିଲା, ''ଆଉ କାହା ପାଇଁ! ଆମ ନୂଆ ରାଜାଙ୍କ ପାଇଁପରା। ରାତି ପାହିଲେ ତାଙ୍କର ଅଭିଷେକ। ତାଙ୍କ ପାଇଁ ତ ସମର୍ପିତ ଆମର ଏ ହୀନ ଜୀବନ ? ଉତ୍ତର ମିଳିଲା ଜଣେ ବୁଢାଙ୍କଠାରୁ ଯିଏ କଥା ମଝିରେ କାଶି କାଶି ବେଦମ୍ ହୋଇଗଲେ ଓ ତାଙ୍କ ପାଟିରୁ ଝଲକାଏ ତାଜା ରକ୍ତ ନିଗିଡିପଡିଲା। ସ୍ୱପ୍ନଭଙ୍ଗ ପରେ ଭାବୀ ରାଜା ଚିତ୍କାର କରିଉଠିଲେ, ଏକ ଅସମ୍ଭବ ଅସ୍ୱସ୍ତିବୋଧ ନେଇ।

ନୂଆ ରାଜାଙ୍କ ଦ୍ୱିତୀୟ ସ୍ୱପ୍ନ ଥିଲା ଆହୁରି ଭୟଙ୍କର। ହସ୍ତପଦବନ୍ଧା କ୍ରୀତଦାସଙ୍କ ମଧ୍ୟରୁ ସେ ଥିଲେ ଜଣେ। ତା' ଅଣ୍ଟାରେ ଦଉଡି ବାନ୍ଧି ସମୁଦ୍ର ଗହ୍ୱରକୁ ନିକ୍ଷେପ କରାଗଲା ଓ କିଛି ସମୟ ପରେ ପୁଣି ଦଉଡି ଟାଣି ତାକୁ ନୌକା ଉପରକୁ ଅଣାଗଲା। ତା' ହାତରେ ଥିବା ମୁଣିରେ ଥିଲା ମେଞ୍ଚାଏ ଶାମୁକା। ନୌକା ଉପରେ ଥିବା ଅନ୍ୟ କ୍ରୀତଦାସମାନେ ଶାମୁକା ଭାଙ୍ଗି ମୁକ୍ତା ଖୋଜିବାରେ ଲାଗିପଡିଲେ ଓ କୌଣସି ମୁକ୍ତାର ସନ୍ଧାନ ନ ପାଇ ସେଇ ବୁଢାଳି ଦାସକୁ ଆଉଥରେ ସମୁଦ୍ର ମଧ୍ୟକୁ ନିକ୍ଷେପ କଲେ। ଏହିଭଳି ବାରମ୍ବାର ନିକ୍ଷେପ କରିବା ମଧ୍ୟରେ କ୍ରୀତଦାସଟିର ଦେହ ଅବଶ ହୋଇ ଆସିଲା। ମାତ୍ର ଶେଷରେ ସେ ଏକ ବିଶାଳ ଶାମୁକା ସଂଗ୍ରହ କରି ଉପରକୁ ଉଠିଲା କ୍ଷଣି ପ୍ରାଣତ୍ୟାଗ କଲା ସିନା, ସେଇ ଶାମୁକାଟି ମଧ୍ୟରୁ ଏକ ଉଜ୍ଜ୍ୱଳ ମୁକ୍ତା ବାହାରି ମୁକ୍ତା ସନ୍ଧାନ କସରତର ସମାପ୍ତି ଘୋଷଣା କଲା। ମୃତ କ୍ରୀତଦାସର ଶବକୁ ସମୁଦ୍ର ଭିତରକୁ ଫିଙ୍ଗି ଦେଲାବେଳେ ଅନ୍ୟ ଦାସମାନେ ଉଲ୍ଲାସରେ ଘୋଷଣା କରୁଥିଲେ, ''କାଲିର ଅଭିଷେକ ଉତ୍ସବରେ ଆମ ନୂଆରାଜାଙ୍କ ରାଜଦଣ୍ଡରେ ଏ ସୁନ୍ଦର ମୁକ୍ତାଟି ଖଚିତ ହୋଇ ବେଶ୍ ଉଜ୍ଜ୍ୱଳ ଦିଶିବ।'' ଭାବୀ ରାଜା ଆଉ ଥରେ ଚିହିଁକି ଉଠିଲେ ନିଜ ଭିତରେ।

ରାତିର ଶେଷପ୍ରହରର ଶେଷ ସ୍ୱପ୍ନଟି ମଧ୍ୟରେ ଭରି ରହିଥିଲା ରାଜ ଅତ୍ୟାଚାରର ଆଉ ଏକ ନାରକୀୟ ଚିତ୍ର। ଅନାବୃଷ୍ଟିର ଭୟଙ୍କର ପ୍ରଭାବ ମଧ୍ୟରେ ତୃଷିତ ପ୍ରଜାମାନେ କଠୋର ପରିଶ୍ରମ କରି କୂଅଟିଏ ଖୋଳୁଥିଲା ବେଳେ ଜଣେ ସିପାହି ସେମାନଙ୍କୁ ଚାବୁକ ମାରି ଏକ ପାହାଡ ଆଡକୁ ଅଡାଇ ନେଲେ ଓ ସେମାନଙ୍କୁ ପଥରକାଟି ହୀରା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଲେ। ଘଣ୍ଟା ଘଣ୍ଟା ଧରି ଦାରୁଣ ଶ୍ରମ ଓ ନିର୍ଦ୍ଦୟ ସିପାହିଙ୍କ ଚାବୁକ ମାଡରେ ତିନିଟି ଜୀବନ ଅକାଳରେ ଝଡିପଡିଲା ପରେ ଶେଷରେ ଯେଉଁ ଅନୁପମ ହୀରାଟି ଉପଲବ୍ଧ ହେଲା, ତାହା ନୂଆରାଜାଙ୍କ ମୁକୁଟରେ ଶୋଭା ପାଇବାର ସମ୍ଭାବନା ସୃଷ୍ଟି କରୁଥିଲା।

କାଳଜୟୀ କାହାଣୀଟିର ଉପସଂହାରରେ ଥିଲା ଆକାଙ୍କ୍ଷିତ ଅଭିଷେକର ଅଧ୍ୟାୟ। ଗତରାତିର ତିନିତିନିଟି ଭୟଙ୍କର ସ୍ୱପ୍ନ ଦେଖି ଚରମ ଅନ୍ତର୍ଦାହ ମଧ୍ୟରେ ଛଟପଟ ହେଉଥିବା ତରୁଣ ରାଜା ଜଙ୍ଗଲରୁ ଆଣିଥିବା ନିଜ ଭଙ୍ଗା ବାକ୍ସ ମଧ୍ୟରୁ ଛିଣ୍ଡା କାମିଜ କାଢି ପିନ୍ଧିଲେ। ହାତରେ ଥିଲା ମେଣ୍ଢା ଗୋଡାଇବା ପାଇଁ ଉଦ୍ଦିଷ୍ଟ ସେଇ ପୁରୁଣା ବାଡିଟି ଓ ମୁଣ୍ଡରେ ବନ୍ଧା ଯାଇଥିଲା ଜଙ୍ଗଲୀ ଗୋଲାପ ଗଛର କଅଁଳ ଡାଳଟିଏ। ରାଜ ପୁରୋହିତ ଓ ପାରିଷଦବର୍ଗଙ୍କ ସକଳ ବାରଣକୁ ଅବଜ୍ଞା କରି ନୂଆରାଜା ଦୃଷ୍ଟାନ୍ତଟିଏ ସୃଷ୍ଟି କଲେ। କହିଲେ, ''ପ୍ରଜାମାନଙ୍କ ସ୍ୱେଦ–ରକ୍ତରେ ଗଢା ଏ ସୁନା ଜରିପକା ରାଜପୋଷାକ, ମୁକ୍ତା ଖଚିତ ରାଜଦଣ୍ଡ ଓ ହୀରାଶୋଭିତ ରାଜମୁକୁଟ ମୋ ରାଜପଣ ପାଇଁ କେବେ ଶୁଭଙ୍କର ହୋଇ ନ ପାରେ।''

ଅତୀତ ଗର୍ଭରେ ଅବଲୁପ୍ତ ହୋଇଯାଇଥିବା ରାଜତନ୍ତ୍ରର ଏହି ଉଦାର ରାଜପୁରୁଷ ଚିରକାଳ ଏକ ବିରଳ ପ୍ରଜାତି। କେବଳ ସେ କାଳର ରାଜତନ୍ତ୍ର ନୁହେଁ, ଏ କାଳର ଗଣତନ୍ତ୍ରରେ ମଧ୍ୟ ଏମାନଙ୍କ ସଂଖ୍ୟା ସ୍ୱର୍ଗର ପାରିଜାତଠାରୁ ଆହୁରି ମହଙ୍ଗା। ସକଳ ପ୍ରକାର ରାଜକୀୟ ପରିଚର୍ଯ୍ୟାର କୋଳାହଳ ମଧ୍ୟରେ ଏବେ ବି ଗଣତନ୍ତ୍ରର ରାଜପୁରୁଷମାନେ ଅଭିଷିକ୍ତ ହେଉଥିଲା ବେଳେ ଅସହାୟ ପ୍ରଜାମାନଙ୍କ ହତାଶାର ଦୀର୍ଘଶ୍ୱାସ ନିଃଶବ୍ଦରେ ମିଳାଇଯାଏ କାଳରୁ କାଳାନ୍ତର ଯାଏ।

କେତେ କଠୋର ସଂଗ୍ରାମ ଓ ମହାନ୍ ସାଧନାର ସିଦ୍ଧି ଏହି ଗଣତନ୍ତ୍ର। ଅଥଚ ଏଠି ମଧ୍ୟ ରାଜତନ୍ତ୍ର ଭଳି ବହୁ ଆଡମ୍ବରରେ ଅଭିଷେକ ପର୍ବ ଅନୁଷ୍ଠିତ ହୁଏ। ଥରେ ସିଂହାସନରେ ଅଭିଷିକ୍ତ ହୋଇଗଲା ପରେ କାଲିଯାଏ ମେଷପାଳକ ପରି ସାଧାରଣ ଜୀବନ ବଞ୍ଚୁଥିବା ଲୋକ ହଠାତ୍ ରାଜପୁରୁଷର ମର୍ଯ୍ୟାଦା ଲାଭ କରି ଅସାଧାରଣ ହୋଇଯା'ନ୍ତି। ମୁଣ୍ଡରେ ମନ୍ତ୍ରିତ୍ୱର ମୁକୁଟ ପିନ୍ଧି, ହାତରେ କ୍ଷମତାର ରାଜଦଣ୍ଡ ଧରି ନାଲିବତି ରାଜରଥରେ ସବାର ହୋଇ ଦରବାରୀ କୋଳାହଳ ଓ ଚାଟୁକାରଙ୍କ ଜୟଧ୍ୱନି ମଧ୍ୟରେ ଏମିତି ଲୀନ ହୋଇଯା'ନ୍ତି ଯେ କେଇଦିନ ପୂର୍ବରୁ ପଛରେ ଛାଡି ଆସିଥିବା ଜଙ୍ଗଲର ଝାଉଁସ୍ୱନ ତାଙ୍କ କାନକୁ ସ୍ପର୍ଶ କରିପାରେ ନାହିଁ। ସାଧାରଣ ଜୀବନର କମନୀୟ ସଙ୍ଗୀତ ଦରବାରୀ ଭାଟର ସ୍ତବପାଠ ଆଗରେ ବେସୁରା ଜଣାପଡେ। ବଙ୍ଗଳାର ଚିଙ୍ଗୁଡି ଚିକେନର ବାସ୍ନା ଆଗରେ ଗ୍ରାମ୍ୟ ବଡ଼ିପୋଡ଼ା ଓ ଶାଗପଖାଳର ମହକ ଫିକା ପଡିଯାଏ।

କେଇବର୍ଷ ତଳେ ଜଣେ ଅଶୀତିପର ବୃଦ୍ଧଙ୍କଠୁ ଶୁଣିଥିବା ତାଙ୍କ ଅଙ୍ଗେନିଭା କାହାଣୀ ଏ ପ୍ରସଙ୍ଗରେ ବେଶ୍ ପ୍ରଣିଧାନଯୋଗ୍ୟ। ବୃଦ୍ଧ

୨୧ ପ୍ରକଳ୍ପ ଉଦ୍‌ଘାଟିତ, ୧୫ ଶିଳାନ୍ୟାସ

ମିଶନଶକ୍ତି ସମାବେଶରେ ଉପସ୍ଥିତ ମହିଳାମାନେ ।

ବାରିପଦା ଅଫିସ, ୩।୨

ରବିବାର ରାଇରଙ୍ଗପୁରସ୍ଥିତ ମହୁଲଡିହାଠାରେ ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କରଞ୍ଜିଆ ଓ ରାଇରଙ୍ଗପୁର ଉପଖଣ୍ଡବାସୀଙ୍କ ଉଦ୍ଦେଶ୍ୟରେ ୪୫.୦୫କୋଟି ଟଙ୍କା ବ୍ୟୟରେ ୨୧ଟି ପ୍ରକଳ୍ପର ଉଦ୍‌ଘାଟନ କରିବାସହ ୯୬୦୨.୩୪ କୋଟି ଟଙ୍କା ବ୍ୟୟରେ ୧୫ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାଇରଙ୍ଗପୁରକୁ ନୂତନ ଜିଲା ଭାବେ ଘୋଷଣା କରାଯିବାକୁ ନେଇ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା । ହେଲେ ଜିଲା ଘୋଷଣା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କରଞ୍ଜିଆ ଓ ରାଇରଙ୍ଗପୁର ପାଇଁ ଜଣେ ଅତିରିକ୍ତ ଜିଲାପାଳ ପାହ୍ୟାର ଅଧିକାରୀ ନିଯୁକ୍ତି କରିବା ଘୋଷଣା କରିଥିଲେ । ଏହି ଦାୟିତ୍ୱରେ ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଏହି ଦାୟିତ୍ୱରେ ରହିବ । ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ୨୧ଟି ପ୍ରକଳ୍ପ ଗୁଡିକ ହେଲା ୫ କୋଟି ଟଙ୍କା ବ୍ୟୟରେ ବାଙ୍ଗିରିପୋଷୀ ବ୍ଲକଠାରେ ବାରିପଦା ବାମନଘାଟୀ ରାସ୍ତାର ଜଉମରା ନାଳ ଉପରେ ନିର୍ମିତ ପୋଲ, ୬.୮୭କୋଟି ଟଙ୍କା ବ୍ୟୟରେ ସାରସକଣା ବ୍ଲକର ହଣ୍ଡାସିର୍ଷା ରାସ୍ତାର ବାଲିଯୋଡ ନାଳ ଉପରେ ନିର୍ମିତ ପୋଲ, କରଞ୍ଜିଆ ଚିକିତ୍ସାଳୟରେ ୮.୪କୋଟି ଟଙ୍କା ବ୍ୟୟରେ ନିର୍ମିତ ୫୦ଶଯ୍ୟା ବିଶିଷ୍ଟ ଶିଶୁ ମାତୃମଙ୍ଗଳ କେନ୍ଦ୍ର, ଠାକୁରମୁଣ୍ଡାଠାରେ ୫.୪୫କୋଟି ଟଙ୍କା ବ୍ୟୟରେ ନିର୍ମିତ ୩୦ଶଯ୍ୟା ବିଶିଷ୍ଟ ଶିଶୁମାତୃମଙ୍ଗଳ କେନ୍ଦ୍ର, ୨.୫୯କୋଟି ଟଙ୍କା ବ୍ୟୟରେ ରାଇରଙ୍ଗପୁର ବ୍ଲକଠାରେ କୁଲେଇଶୀଳା ଉଦୟପୁର ରାସ୍ତାର ଚମାଦାଦିହି ନାଳଉପରେ ନିର୍ମାଣ ହୋଇଥିବା ପୋଲ, ୨.୪୪କୋଟି ଟଙ୍କା ବ୍ୟୟରେ ରାଇରଙ୍ଗପୁର ବ୍ଲକଠାରେ ଗୁହାଳଡୁଙ୍ଗୁରିସୁରେଇଗଡା ରାସ୍ତାର ଗୁରିଆ ନାଳ ଉପରେ ନିର୍ମିତ ପୋଲ, ରାଇରଙ୍ଗପୁର ବ୍ଲକ ପୁରୁଣାପାଣିଠାରେ ୧.୭୦୪୯କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ, ରାଇରଙ୍ଗପୁର ବ୍ଲକ ଟଲକୋଠାରେ ୧.୭୫୫୪କୋଟି ଟଙ୍କା ବ୍ୟୟରେ ନିର୍ମିତ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ, ରାଇରଙ୍ଗପୁର ବ୍ଲକ କୁଲେଇଶିଳାଠାରେ ୧.୦୩୯୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗ୍ରାମ୍ୟ ପାଇପ ଜଳଯୋଗାଣ ପ୍ରକଳ୍ପ।

ସେହିପରି ବିଶୋଇ ଓ ବିଜାତଳା ବ୍ଲକର ବିଶୋଇ ରାଇରଙ୍ଗପୁର ରାସ୍ତାକୁ ୮୩.୮୬କୋଟି ଟଙ୍କା ବ୍ୟୟରେ ସମ୍ପ୍ରସାରଣ କରି ଦୁଇ ଥାକିଆ କରିବା ପ୍ରକଳ୍ପ, ବାଙ୍ଗିରିପୋଷୀ ବ୍ଲକ ବାରିପଦା-ବାମନଘାଟୀ ରାସ୍ତାର ୯.୯୩କୋଟି ଟଙ୍କା ବ୍ୟୟରେ କଳାବାଡିଆ ବାଙ୍ଗିରିପୋଷୀ ରାସ୍ତା ସମ୍ପ୍ରସାରଣ, ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାର ୨.୧୧କୋଟି ଟଙ୍କା ବ୍ୟୟରେ ସିମିଳି ନାଳ ଉପରେ ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ, ରାଇରଙ୍ଗପୁର ସବ୍‌ଡିଭିଜନ ଠାକୁରମୁଣ୍ଡା ବ୍ଲକଠାରେ ୨୨.୯୮କୋଟି ଟଙ୍କା ବ୍ୟୟରେ ରେ ଠାକୁରମୁଣ୍ଡା-ଦଙ୍ଗାଡିହା-ପୋଡାଡିହା-ଉଦଳା-ମାଣତ୍ରୀ-ବୈଶିଙ୍ଗା-ରୂପସା ରାସ୍ତାର ଉନ୍ନତୀକରଣ, ରାଇରଙ୍ଗପୁର ସବ୍‌ଡିଭିଜନ ମହାଦେବ ଦେଉଳି ଖିଟିଂ ରାସ୍ତାରେ ୯.୧୮କୋଟି ଟଙ୍କା ବ୍ୟୟରେ କଣ୍ଟାଖଇରୀ ନଦୀ ଉପରେ ପୋଲ ନିର୍ମାଣ, ରାଇରଙ୍ଗପୁର ସବଡିଭିଜନର ଆନନ୍ଦପୁର ଗୁଣ୍ଡୁରିଆ ରାସ୍ତାର ୮.୨୪କୋଟି ଟଙ୍କା ବ୍ୟୟରେ ଗୁରୁଆ ନାଳ ଉପରେ ପୋଲ ନିର୍ମାଣ, ରାଇରଙ୍ଗପୁର ସବଡିଭିଜନର ଛତ୍ରାମଣ୍ଡଳ ଭୀମକୁଣ୍ଡ ରାସ୍ତାର କାତ୍ରା ନଦୀ ଉପରେ ୬.୫୮କୋଟି ଟଙ୍କା ବ୍ୟୟରେ ପୋଲ ନିର୍ମାଣ, ଯଶୀପୁର ବ୍ଲକଠାରେ ୨୭୪.୪୫କୋଟି ଟଙ୍କା ବ୍ୟୟରେ ମେଗାଗ୍ରାମ୍ୟ ପାଇପ ଜଳଯୋଗାଣ ଆଦି ୧୫ଟି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

ଆଦିବାସୀ ସମ୍ପ୍ରଦାୟର ମାଘ ପୂଜା

କପ୍ତିପଦା, ୩।୨ (ଡି.ଏନ.ଏ.): କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ କଚୁଚିଆ ହୁଡିସାହି ଗ୍ରାମରେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ମାଘ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ନାୟକେ ସାଲୁରାମ ହାଁସଦା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମାଝି ହାଡାମ, ଜଗ, ପାରାନିକ୍ ଓ ଭୋଲଭାଇଙ୍କ ଘର ମାନଙ୍କରେ ପରମ୍ପରା ଅନୁସାରେ ଜଙ୍ଗଲଜାତ ଦ୍ରବ୍ୟ ଯଥା- କାଠ, ପତ୍ର ଆଦି ବନ୍ଧା ଯାଇଥାଏ । ଏହାପରେ ସେମାନେ ସମସ୍ତ ଜଙ୍ଗଲଜାତ ଦ୍ରବ୍ୟକୁ ଛୁଇଁଥାନ୍ତି। ଏହି ପୂଜା ନ ସରିବା ପର୍ଯ୍ୟନ୍ତ ଜଙ୍ଗଲଜାତ ଦ୍ରବ୍ୟକୁ ସେମାନେ ନ ଛୁଇଁବାର ପରମ୍ପରା ରହିଥିବାର ମାଝି ହାଡାମ୍ ଜୟ ମୁର୍ମୁ ପ୍ରକାଶ କରିଛନ୍ତି । ଗ୍ରାମରେ ଏହି ପୂଜା ପୂର୍ବରୁ ଯଦି କେହି ଗ୍ରାମବାସୀ ଜଙ୍ଗଲରୁ କାଠ, ପତ୍ର କିମ୍ବା ଅନ୍ୟ କୌଣସି ଜଙ୍ଗଲଜାତ ଦ୍ରବ୍ୟ ଘରକୁ ଆଣେ ତେବେ ତାଙ୍କ ପରିବାରକୁ ଗ୍ରାମବାସୀଙ୍କ ପକ୍ଷରୁ ଜରିମାନା ମଧ୍ୟ ଦେବାକୁ ପଡୁଥିବାର ଜଣାଯାଇଛି । ପୂଜା ପରେ ଗ୍ରାମବାସୀ ମାନେ ଭୋଜିଭାତ ଖାଇବା ସହିତ ପାରମ୍ପାରିକ ନୃତ୍ୟ ଗୀତରେ ଝୁମିଥିବାର ଦେଖାଯାଇଛି । ଏହି ପୂଜାରେ ଗୋବିନ୍ଦ ସରେନ, ଜୁନା ହାଁସଦା ଓ ରୂପାୟ ହାଁସଦା ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି ।

ବାର୍ଷିକ କ୍ରୀଡ଼ା ଉତ୍ସବ

ଯଶିପୁର, ୩।୨ (ଡି.ଏନ.ଏ.): ଯଶିପୁର ବ୍ଲକ ଅନ୍ତର୍ଗତ ଏକତାଳୀ ଗ୍ରାମର ରାଜାରାମ ଯୁବକ ସଂଘ ଆନୁକୂଲ୍ୟରେ ୪୨ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଶମ୍ଭୁ ନାଥ ନାଏକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଏକତାଳୀ ସରପଞ୍ଚ ସାଲଗେ ମାଝୀ , ଡଃ ଚିରଞ୍ଜିଲାଲ ପାତ୍ର ,ଶିକ୍ଷକ ପବିତ୍ର ମୋହନ ବାରିକ ପ୍ରମୁଖ ଯୋଗଦେଇଥିଲେ ।

ବିଶ୍ୱ ଆର୍ଦ୍ରଭୂମି ଦିବସ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବଡ଼ସାହି, ୩।୨(ସ୍ୱ.ପ୍ର.): ବଡସାହି ବ୍ଲକ ଅଧୀନ ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଆନୁକୂଲ୍ୟରେ ଶନିବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଚିତ୍ତରଞ୍ଜନ ପୁହାଣ, ପ୍ରଭାସ କୁମାର ନାୟକ, ଉମାକାନ୍ତ ସାସମଲ ଓ ପ୍ରଭାକର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବର୍ତ୍ତମାନ ବାୟୁମଣ୍ଡଳର ଦ୍ରୁତ ପରିବର୍ତ୍ତନ ପାଇଁ ଆର୍ଦ୍ରଭୁମୀ ସ୍ଥାନରେ ଗୃହ ତିଆରି କରିବା ପାଇଁ ଖାଲଖମା ଗୁଡିକୁ ପୋତାଯାଉଛି । ଗାଁ ଓ ସହରାଂଚଳରେ ଥିବା ସନ୍ତସନ୍ତିଆ ସ୍ଥାନ ଗୁଡିକରେ ଅଳିଆ ଆବର୍ଜନା ଠୁଳ କରାଯାଉଛି । ଫଳରେ ବାୟୁମଣ୍ଡଳ ପରିବର୍ତ୍ତନ ଯୋଗୁଁ ଜୀବଜଗତ ସଙ୍କଟରେ ପଡିବାର ସମ୍ଭାବନା ରହିଛି ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୋଦ କୁମାର ବିନ୍ଧାଣୀ, ସରୋଜ କୁମାର ପଣ୍ଡା ଓ ଧମେନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଛନ୍ତି । ଶେଷରେ ଶ୍ରୀହରି ମହାନ୍ତ ଧନ୍ୟବାଦ ଅର୍ପଣ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ

ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ନେତାଙ୍କ ପ୍ରାଦୁର୍ଭାବ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମର ଦିନକ ପୂର୍ବରୁ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଡ.ଅରୁଣକୁମାରସାହୁ ଓ ରାଇରଙ୍ଗପୁର ପର୍ଯ୍ୟବେକ୍ଷକ ତଥା ବିଧାୟକ ଉମାକାନ୍ତ ସାମନ୍ତରାୟ ରାଇରଙ୍ଗପୁରରେ ଡେରା ପକାଇଥିଲେ । ଏହାସହିତ ଜିଲାର ବ୍ଲକ ଓ ବିଧାନସଭା ସ୍ତରୀୟ ଦଳୀୟ ପର୍ଯ୍ୟବେକ୍ଷକମାନେ ସମସ୍ତ କାର୍ଯ୍ୟ କରିଥିଲେ । ସଭାସ୍ଥଳରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ବୁଝାବୁଝି କରୁଥିଲେ ମଧ୍ୟ ଦଳୀୟ ନେତୃବୃନ୍ଦ ସମସ୍ତ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା ।

ଗଣ ମାଧ୍ୟମକୁ ଗୁରୁତ୍ୱ

ମୁଖ୍ୟମନ୍ତ୍ରୀ ଗତ ୩୦ ତାରିଖରେ ବାରିପଦା ଗସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା କରିଥିବା ଅଭିଯୋଗ ହୋଇଥିଲା । ତେବେ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବସିବା ସହିତ ଖବର ସଂଗ୍ରହ ଲାଗି ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ସମୟରେ ଆୟୋଜକମାନେ ଆସି ବୁଝାବୁଝି କରୁଥିବା ବେଳେ କେତେକ ସରକାରୀ କର୍ମଚାରୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ ।

ନବୀନ ନିବାସକୁ ନିମନ୍ତ୍ରଣ

ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ ସୁଦ୍ଧା ସଭାମଞ୍ଚରେ ଲାଗିଥିବା ସ୍କ୍ରିନରେ ମୁଖ୍ୟମନ୍ତ୍ରୀଙ୍କ କିଛି ବାର୍ତ୍ତା ମହିଳାମାନଙ୍କ ଉଦ୍ଦେଶ୍ୟରେ ପ୍ରସାରିତ କରାଯାଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ନିବାସ ଆସିବାକୁ କହିଥିଲେ । ଯାହାକୁ ଶୁଣି ମହିଳାମାନେ ଖୁସି ହୋଇଥିଲେ ।

ପର୍ଯ୍ୟବେକ୍ଷକ-ପୋଲିସ ଅଧିକାରୀ ଧସ୍ତାଧସ୍ତି

କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସାରିବା ପାଇଁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିଲା । ଏଥିରେ ପାସ୍ ଥିବା ବ୍ୟକ୍ତିଙ୍କୁ ସଭାସ୍ଥଳ ସମ୍ମୁଖକୁ ଛାଡୁଥିଲା ପୋଲିସ । ହେଲେ ଜଣେ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ଜଣେ ପୋଲିସ ଅଧିକାରୀ ଛାଡି ନ ଥିଲେ । ଏଥିଲାଗି କଥାକଟାକଟି ହେବା ସହିତ ଧସ୍ତାଧସ୍ତି ବି ହୋଇଥିଲା । ପରେ ଦଳୀୟ ବରିଷ୍ଠନେତା ଓ ବରିଷ୍ଠ ପୋଲିସ ଅଧିକାରୀ ହସ୍ତକ୍ଷେପ କରିବା ପରେ ମାମଲାର ସମାଧାନ ହୋଇଥିଲା ।

DADLS-265



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୦୪ ଫେବୃଆରୀ, ୨୦୧୯

ସକାଳ ଘ.୧୦.୩୦ମି.
ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ।

ସମୟ: ପୂର୍ବାହ୍ନ ଘ.୧୦.୪୦ମି. ସ୍ଥାନ : ବିଧାନସଭା ପ୍ରାଙ୍ଗଣ

ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ଉପବାଚସ୍ପତି, ମାନ୍ୟବର ବିରୋଧୀ ଦଳ ନେତା, ମାନ୍ୟବର ମନ୍ତ୍ରିମଣ୍ଡଳର ବରେଣ୍ୟ ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ତଥା ବିଧାୟକଗଣ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ : ସଂଧ୍ୟା ୬ ଘଟିକା ସ୍ଥାନ : ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ,
ଶ୍ରୀମତୀ ଜ୍ୟୋତି ରେଖା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, କଟକ

ମୁଖ୍ୟ ବକ୍ତା – ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସ୍ୱରବିତାନ ଅନୁଷ୍ଠାନର କଳାକାର କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନି ଦାସ, ବିଭୁ ପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"
– ଉତ୍କଳଗୌରବ ମଧୁସୂଦନ ଦାସ

15001/13/0568/1819

ମୁଖ୍ୟମନ୍ତ୍ରୀଙ୍କ ସମାବେଶରେ ଯୋଗ ଦେଇ ପାରିଲେନି ମହିଳା

ପ୍ରତିବାଦରେ ରାସ୍ତାରୋକୋ

ଠାକୁରମୁଣ୍ଡା, ୩।୨ (ଡି.ଏନ.ଏ.): ରାଇରଙ୍ଗପୁରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରବିବାର ହେବାକୁ ଥିବା ମିଶନ ଶକ୍ତି ମହାସମାବେଶକୁ ଯାଇ ନପାରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ଦ୍ୱାରା ଠାକୁରମୁଣ୍ଡାର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରାଯାଇ ଥିଲା । ଠାକୁରମୁଣ୍ଡା ବ୍ଲକର ମିଶନ ଶକ୍ତି ପକ୍ଷରୁ ବ୍ଲକରେ ଥିବା ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀରୁ ୨ଜଣ ଲେଖାଏଁ ସଦସ୍ୟାଙ୍କୁ ରାଇରଙ୍ଗପୁରରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯୋଗ ଦେବା ପାଇଁ ଠାକୁରମୁଣ୍ଡା ମିଶନ ଶକ୍ତି ଓ ବ୍ଲକ ପ୍ରଶାସନ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସୂଚନା ଦିଆଯାଇଥିଲା । ଏଥିପାଇଁ ୩-୪ଥର ପ୍ରସ୍ତୁତି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୪ହଜାର ମହିଳାଙ୍କୁ ନେବା ପାଇଁ ୭୦ସିଟ୍ ବିଶିଷ୍ଟ ୪୯ଟି ବସ ଓ ୨୨ଟି ବୋଲେରେ ନେବା ନିମନ୍ତେ ପ୍ରସ୍ତୁତି ହୋଇଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ କମ ସିଟ୍ ବସ ୪୯ଟି ଓ ମାତ୍ର ବୋଲେରୋ ଗୋଟିଏ ଯୋଗାଇ ଦିଆଯାଇଥିଲା । ନିର୍ଦ୍ଧାରିତ ଦିନ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଯାନ ପଠାଯାଇଥିଲା । ମାତ୍ର ପଠାଯାଇଥିବା ବସ ଗୁଡିକ ଡକା ଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନଙ୍କ ପାଇଁ କମ୍ ପଡ଼ିଥିଲା । ଫଳରେ ଶହ ଶହ ସଂଖ୍ୟାରେ ସଦସ୍ୟା ମାନେ ମୁଖ୍ୟମନ୍ତ୍ରୀ ଙ୍କ ମହାସମାବେଶ କାର୍ଯ୍ୟକ୍ରମକୁ ଯାଇ ପାରି ନ ଥିଲେ । ପରେ ଅସନ୍ତୁଷ୍ଟ ସଦସ୍ୟାମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟରାଜପଥର ତରାମରା ଠାରେ ସକାଳ ୭ଟାରୁ ସମାବେଶକୁ ଯାଉଥିବା ମହୁଲଡିହା, ଭାଲିଆଡାଳ, ସାତକୋଶିଆ, ଶାଳଗୁଆ ଓ ଧାତିକିଡିହା ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ନେଇ ଯାଉଥିବା ବସ ଗୁଡିକକୁ ଅଟକାଇ ଥିଲେ । ଫଳରେ ଏହି ୫ଟି ଗ୍ରାପ.ର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ସମାବେଶକୁ ଯାଇ ପାରିନଥିଲେ । ଅସନ୍ତୁଷ୍ଟ ମହିଳା ମାନଙ୍କ ଅଭିଯୋଗ ଥିଲା ସେମାନଙ୍କୁ କାହିଁକି ଖବର ଦିଆଯାଇଥିଲା ଏବଂ ନୂଆ ଧଳା ଶାଢୀ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି କେଶଡିହା ଓ ଦିଗଧର ପଞ୍ଚାୟତର ସ୍ୱୟଂ ସହାୟିକ ଗୋଷ୍ଠୀ ସଦସ୍ୟା ମାନେ ସମାବେଶକୁ ଯିବା ପାଇଁ ଗାଡି ନ ପାଇବାରୁ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଖୋଜିଥିଲେ । ସେଠାରେ କୌଣସି ସମାଧାନ ନ ହେବାରୁ ସମସ୍ତ ସଦସ୍ୟା ଠାକୁରମୁଣ୍ଡା ହନୁମାନ ଛକଠାରେ ରାସ୍ତା ଅବରୋଧ କରିଥିଲେ । ଏଥିଯୋଗୁଁ ସମସ୍ତ ଯାନବାହାନ ଚଳାଚଳ ବନ୍ଦ ହୋଇଥିଲା । ଦିନ ୧୧ଟାରୁ ୨ଟା୩୦ ପର୍

ସଂକ୍ଷେପରେ

ହାଇସ୍କୁଲ ବାର୍ଷିକ ଉତ୍ସବ

ବଡସାହି,୩।୨(ସ୍ୱ.ପ୍ର.): ଶିକ୍ଷା ହେଉଛି ଜୀବନ ସଂଗ୍ରାମର ମୂଳଫୁଆ । ଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠା କରିବା ହେଉଛି ଛାତ୍ର ଜୀବନର ବଡ ଲକ୍ଷ୍ୟ । ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ କାର୍ଯ୍ୟ କଲେ ଅସାଧ୍ୟ କାର୍ଯ୍ୟ ସାଧିତ ହୋଇଥାଏ ବୋଲି ମୂଷାଗଡିଆ ହାଇସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଇଓ ଦେବବ୍ରତ ବାରିକ, ମୁଖ୍ୟବକ୍ତା ଭାବେ ଯତୀନ୍ଦ୍ର ମୋହନ ଶତପଥୀ, ଏପିଇଓ ପଦ୍ମଲୋଚନ ଦାସ, ସିଆରସିସି ପ୍ରଦୀପ ଚନ୍ଦ୍ର ଦାଶ, ବିଶ୍ୱନାଥ ଆଚାର୍ଯ୍ୟ ଓ ଶାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ଶିକ୍ଷକ କାହ୍ନୁଚରଣ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାର୍ଷିକ କ୍ରୀଡାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି । ସଂସ୍କୃତ ଶିକ୍ଷକ ରମେଶ ଚନ୍ଦ୍ର ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

ଇଂରାଜୀ ପାଠଚକ୍ର

ଉଦଳା, ୩।୨ (ଡି.ଏନ.ଏ.): ଉଦଳା ମହାବିଦ୍ୟାଳୟରେ ଇଂରାଜୀ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଇଂଲିଶ୍ ଲିଟରେଚର ଫ୍ରମ୍ ପୋପ୍ ଟୁ କିଟ୍ସ ଶୀର୍ଷକ ବିଷୟବସ୍ତୁ ଉପରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଫେସର ନନ୍ଦନ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଯତୀନ କୁମାର ମହାକୁଡ ଉଦଘାଟନୀ ଭାଷଣ ଦେବା ସହ ଉକ୍ତ ବିଷୟ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ରାଜନୀତି ବିଭାଗର ପ୍ରାଧ୍ୟାପକ ଡ. ମହେଶ୍ୱର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଇଂରାଜୀ ସାହିତ୍ୟ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଇଂରାଜୀ ସମ୍ମାନ ବିଭାଗର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ୧୦ ଗୋଟି ପ୍ରବନ୍ଧ ପାଠ କରିଥିଲେ। ପ୍ରାଧ୍ୟାପକ ନନ୍ଦନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ଅଧ୍ୟାପିକା ପ୍ରଫେସର ରେହେନା ସୁଲତାନ, କବିତା ବେହେରା ଓ ବର୍ଷା ବାରିକ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ରେହେନା ସୁଲତାନ ଧନ୍ୟବାଦ ଅର୍ପଣ କରିଥିଲେ ।

କେନାଲ ସୁବିଧା ନ ଥାଇ ଜଳକର ଆଦାୟ

ବଡସାହି, ୩।୨(ସ୍ୱ.ପ୍ର.)

ଜଳ କର ଦେଉଥିବା ଚାଷୀମାନେ ।

କୃଷକ ମାନଙ୍କୁ କାଳିଆ ଯୋଜନାରେ ରାଜ୍ୟ ସରକାର ସହାୟତା ରାଶି ପ୍ରଦାନ କରିଛନ୍ତି । ଅନ୍ୟ ପଟେ କେନ୍ଦ୍ର ସରକାର ୨ହେକ୍ଟର ଜମି ଥିବା ଚାଷୀଙ୍କୁ ବର୍ଷକୁ ୬ହଜାର ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । ମାତ୍ର କୃଷକଙ୍କ ଜମିରେ କେନାଲ ନଥାଇ ଜଳସେଚିତ ହେଉଥିବା ଦର୍ଶାଇ ୩୭ ବର୍ଷ ଧରି ଜଳକର ଆଦାୟ କରାଯାଉଛି । ନିରୂପାୟ ହୋଇ ଚାଷୀମାନେ ଜଳକର ଦେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ସାହି ତହସିଲ ଅଧୀନ ଭଞ୍ଜବାଟୀ ମୌଜାର କୃଷକମାନଙ୍କ କ୍ଷେତ୍ରରେ । ଜଳକର ଆଦାୟକୁ ବନ୍ଦ କରିବା ପାଇଁ ଚାଷୀମାନେ ଏକ ଅଭିଯୋଗପତ୍ର ବଡ଼ସାହି ତହସିଲଦାରଙ୍କ ନିକଟରେ ଜଣାଇଛନ୍ତି । ଅଭିଯୋଗକୁ ଭିତ୍ତି କରି ତହସିଲଦାର ସରଜମିନ ତଦନ୍ତ କରିବା ପରେ ଏହାର ନିଷ୍ପତ୍ତି ନେବେ ବୋଲି ଜଣାଯାଇଛି ।

ବଡ଼ସାହି ବ୍ଲକ ଅଞ୍ଚଳରେ ଥିବା ୨୪ହଜାର ୬୫୦ହେକ୍ଟର ଜମିରେ ଖରିଫ ଫସଲ ଓ ୧୧ହଜାର ୩୪୨ହେକ୍ଟର ଜମିରେ ରବି ଫସଲ ଚାଷ କରାଯାଇଥାଏ । ଖରିଫ ଫସଲ ମଧ୍ୟରୁ ୧୮ହଜାର ୮ଶହ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ୫ହଜାର ୮୫୦ହେକ୍ଟ ଜମିରେ ଅଣଧାନ ଚାଷ କରାଯାଇଥାଏ । ସେଥିମଧ୍ୟରୁ ୧୪ହଜାର ୮୧୩ହେକ୍ଟର ଜମି ଜଳସେଚିତ ଥିବା ବେଳେ ଅବଶିଷ୍ଟ ୯ହଜାର ୮୩୭ ହେକ୍ଟର ଜମି ଅଣଜଳସେଚିତ । ରବି ଫସଲ ପାଇଁ ୧୦ହଜାର ୪୮୨ହେକ୍ଟ ଜମି ଜଳସେଚିତ ଥିବା ବେଳେ ୮୬୦ହେକ୍ଟର ଜମି ଅଣଜଳସେଚିତ ରହିଛି । ମାତ୍ର ବଡ଼ସାହି ତହସିଲର ପ୍ରତାପପୁର ରାଜସ୍ୱ ବିଭାଗ ଅଧୀନ ଭଞ୍ଜବାଟୀ ମୌଜାରେ ଥିବା ଅଣଜଳସେଚିତ ଚାଷ ଜମିରୁ ଜଳକର ବାବଦରେ କର ଆଦାୟ କରାଯାଉଛି । ମୌଜାର ୬୨୭, ୬୨୭/୭୦୩, ୩୮୭, ୪୯୫/୬୯୭, ୪୯୬/୬୯୮, ୩୫୯,୩୬୭, ୫୮୨,୫୫୯, ୬୮୭ନମ୍ବର ପ୍ଲଟର ଚାଷ ଜମିରେ ଜଳ ସେଚନର ବ୍ୟବସ୍ଥା ହୋଇ ନ ଥିବା ବେଳେ ଜଳସେଚିତ ଜମି ଭାବେ ସରକାରୀ କାଗଜପତ୍ରରେ ଲିପବଦ୍ଧ ରହିଛି। ଚାଷ ଜମିରେ କେନାଲ ନ ଥିବା ବେଳେ ବର୍ଷା ଦିନେ ଏହି ଜମିରେ ଧାନ ଚାଷ ସମ୍ଭବ ହୋଇନଥାଏ । ଫଳରେ ଚାଷୀମାନେ ବହୁ କ୍ଷତି ସହିଥାନ୍ତି । ବର୍ଷା ଥମିଗଲେ ପାଣି ମାଡିବାର କୌଣସି ସୁବିଧା ନାହିଁ । କିନ୍ତୁ ଦୀର୍ଘ ବର୍ଷ ହେବ ଜଳକର ଆଦାୟ କରାଯାଉଛି । ରେକର୍ଡଭୁକ୍ତ ଚାଷୀମାନଙ୍କ ଠାରୁ ଜଳକର ଆଦାୟ କରାଯାଉଥିବାର ଚାଷୀ ସାଧୁଚରଣ ସିଂ, ଭଗବାନ ନାଏକ, ବିଶ୍ୱେର ନାଏକ ଓ ଭାରତୀ ନାଏକଙ୍କ ସମେତ ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି । ସେହିପରି ଚାଷୀ ଶିରିଶ ଚନ୍ଦ୍ର ଗିରି କହନ୍ତି, ଉକ୍ତ ମୌଜାର ଖାତା ନମ୍ବର ୧୦୧/୨ ପ୍ଲଟ ନମ୍ବର ୬୨୨ ପୋଖରୀ, ୬୨୧ ଓ ୬୨୩ ପୋଖରୀ ଆଦି ମଧ୍ୟ ଜଳସେଚିତ ଭାବେ ରେକର୍ଡଭୁକ୍ତ କରାଯାଇଛି। ବିଭାଗୀୟ ଅଧିକାରୀମାନେ ଅଫିସରେ ବସି ଏଭଳି ରେକର୍ଡ ପ୍ରସ୍ତୁତ କରିଥିବା ନେଇ ସାଧାରଣରେ ଆଲୋଚନା ହେଉଛି । କଂଗ୍ରେସ କୃଷକ ସେଲର ବ୍ଲକ ସଭାପତି ଆନନ୍ଦ ଶଙ୍କର ପାତ୍ର କହନ୍ତି, ଚାଷୀଙ୍କ ଠାରୁ ଆଦାୟ କରାଯାଇଥିବା ସମସ୍ତ ଜଳକର ଫେରସ୍ତ ଦିଆଯିବା ସହ ସମ୍ପୃକ୍ତ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ସାହି ତହସିଲଦାର ଅମୀୟ କୁମାର ରାଉତ କହନ୍ତି, ରାଜସ୍ୱ ଓ ଜଳସେଚନ ବିଭାଗର ମିଳିତ ତଦନ୍ତ କରାଯାଇ ଏହାର ସମାଧାନ କରାଯିବ । ଖୁବଶୀଘ୍ର ଏହାର ସରଜମିନ ତଦନ୍ତ କରାଯାଇ ଜଳକର ଆଦାୟ ବନ୍ଦ କରାନଗଲେ ଅଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଜଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଖାଇବାକୁ ଦେଲି କୁକୁରକୁ
କୁକୁର ମୁତିଲା ଉପରକୁ ।

ଯାହାକୁ ପାଳି ପୋଷି ମଣିଷ କରାଯାଇଥାଏ ତା'ପ୍ରତି ସ୍ୱତଃପ୍ରବୃତ୍ତ ମନରେ ଦରଦଭାବ ରହିବା ସ୍ୱାଭାବିକ ହୋଇଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରି ଗଢ଼ିତୋଳିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଖାଇ ଜାଣିଛି ଦୁଧସର
ଡେଇଁ ପଡୁଛି ଗଉଡ଼ଘର ।

ଗାଈ ଥିଲେ କ୍ଷୀର ସରର ଅଭାବ ରହି ନ ଥାଏ। ସାଧାରଣତଃ ଗଉଡ଼ ଗାଈ ପାଳି ଥାଏ, କ୍ଷୀର ପାଇବାକୁ ହେଲେ ଗଉଡ଼ ଘର ଯିବାକୁ ପଡ଼ିଥାଏ। ପରୋକ୍ଷରେ କିଛି ସୁବିଧାବାଦୀ ବ୍ୟକ୍ତି ନିଜେ କିଛି ନ କରି କେଉଁଠୁ ସୁବିଧାରେ ସବୁ ହାତେଇହେବ ସେ ଚିନ୍ତାରେ ରହିଥାନ୍ତି। ଯେଉଁଠି ସହଜରେ ମିଳିଯିବାର ସମ୍ଭାବନା ଥାଏ ସେଠାରେ ବଳେ ଆସି ହାଜର ହୋଇଯାଇଥାନ୍ତି। କିଛି ନ କରି ପାଇବାକୁ ଆଗଭର ହେଉଥିବା ବ୍ୟକ୍ତିର ମତିଗତିକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଜାତୀୟ କୃମି ନାଶକ ଦିବସ ପାଳିତ

କପ୍ତିପଦା, ୩।୨(ଡି.ଏନ.ଏ.)

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜାତୀୟ କୃମି ନାଶକ ଦିବସ ଅବସରରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର ଦେବାଶିଷ ଆଚାର୍ଯ୍ୟ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବୈକୁଣ୍ଠନାଥ ଦାଉଁଡିଆ, ବ୍ଲକ୍ ଶିକ୍ଷାଧିକାରୀ ଶଶିଧର ସିଂ, ସିଡିପିଓ ମିତାରାଣୀ ବସା, ରୋଗୀ କଲ୍ୟାଣ ସମିତି ସଦସ୍ୟ ଶରତ ଚନ୍ଦ୍ର ମିଶ୍ର ଓ ବ୍ଲକ୍ ପ୍ରୋଗ୍ରାମ ଅଫିସର ବିଶ୍ୱଜିତ୍ ସାହୁ ପ୍ରମୁଖ ଯୋଗ ଦେଇ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆସନ୍ତା ୮ ତାରିଖରୁ ପ୍ରତ୍ୟେକ ଅଙ୍ଗନୱାଡ଼ି ଓ ବିଦ୍ୟାଳୟ ସ୍ତରରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ କମିନାଶକ ବଟିକା ବଣ୍ଟନ କରିବାର ସ୍ଥିର ହୋଇଛି। ଏଥିରେ ଅଙ୍ଗନୱାଡି, ଆଶାକର୍ମୀ ଓ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ମାନେ ସହଯୋଗ କରିବେ ବୋଲି ସିଦ୍ଧାନ୍ତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, ମହିଳା ଓ ଶିଶୁ ବିକାଶର ସୁପରଭାଇଜର, ଏବିଇଓ, ସିଆରସିସି ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

ବାଲିଆପାଳ, ୩।୨(ସ୍ୱ.ପ୍ର.)

ଅନଶନରେ ବସିଥିବା ଗ୍ରାମବାସୀ ।

ବାଲିଆପାଳ ତହସିଲ ଅନ୍ତର୍ଗତ ଡାଲୁଆ-୨ ଗ୍ରାମରେ ଥିବା ଏକ ରକ୍ଷିତ ଗୋଚର ଜାଗା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଠିକାଦାର ରାସ୍ତା ନିର୍ମାଣ କରୁଥିଲେ। ଏହାର ପ୍ରତିବାଦରେ ଗ୍ରାମବାସୀ ଶନିବାର ବାଲିଆପାଳ ତହସିଲ ସମ୍ମୁଖରେ ଅନଶନରେ ବସିଥିଲେ। ଏ ସମ୍ପର୍କରେ ବାଲିଆପାଳ ତହସିଲଦାର ତଥା ବିଡିଓ ମିନତୀ ଜଗଦେବ ଜିଲାପାଳଙ୍କ ସହିତ ଯୋଗାଯୋଗ କରିବାରୁ ବିବାଦୀୟ ଜାଗାର ସୀମା ନିର୍ଦ୍ଧାରଣ କରିବା ପରେ ରାସ୍ତା କାମ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମବାସୀ ଅନଶନ ଏହାପରେ ପ୍ରତ୍ୟାହାର କରିନେଇଥିଲେ। ଅନଶନ ସ୍ଥଳରେ ବାଲିଆପାଳ ଅତିରିକ୍ତ ତହସିଲଦାର ନମିତା ଧଳ, ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ନାବାଳିକା ଅପହରଣକାରୀ ଗିରଫ

ଔପଦା, ୩।୨ (ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ଥାନା ଗଡ଼ସାହି ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା ଔପଦା ମହୋତ୍ସବ ଦେଖିବାକୁ ଆସି ନିଖୋଜ ହୋଇଯାଇଥିଲେ। ଏନେଇ ନାବାଳିକାଙ୍କ ବାପା ଔପଦା ଥାନାରେ ଏତଲା ଦେଇଥିଲେ। ଔପଦା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ଏବଂ ଏଏସ୍‌ଆଇ ନଗେନ ଦାସ ସଦଳବଳେ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଖଇରା ଥାନା ବ୍ରାହ୍ମଣ ପୋଖରୀ ରାସ୍ତାରୁ ଗାଡ଼ିରୁ ପଳାଇ ଯାଉଥିବା ବେଳେ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ରବିବାର ଡାକ୍ତରୀମାଇନା ପରେ ଗିରଫ ଆସାମୀଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ଏନେଇ ଔପଦା ଥାନାରେ ମାମଲା (ନଂ .୬/୨୦୧୯) ରୁଜୁ ହୋଇଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

■ ଆମ ଗାଁ ଗୁରୁଜନ ପୂଜନ ଉତ୍ସବ

'ମାତାପିତାଙ୍କ ପୂଜାରେ ସନ୍ତାନଙ୍କ ମଙ୍ଗଳ ହୋଇଥାଏ'

ଉଦଳା, ୩।୨ (ଡି.ଏନ.ଏ.): କପ୍ତିପଦା ଉପଖଣ୍ଡ ଉଦଳା ବ୍ଲକ ଅଧୀନରେ ଥିବା ଆଧ୍ୟାତ୍ମିକବାଦ ଏବଂ କଳାସଂସ୍କୃତିର ଗ୍ରାମ ଭାବେ ପରିଚିତ ଡିହିରାକୁଳ ଗ୍ରାମରେ ରବିବାର ଆମ ଗାଁ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗୋପୀନାଥଜୀଉ ମେଲଣ ପଡିଆରେ ଆୟୋଜିତ ଏକ ମଞ୍ଚରେ ଗ୍ରାମର ଶତାଧିକ ମହିଳା ପୁରୁଷ ବୟୋଜ୍ୟେଷ୍ଠ ନାଗରିକ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୁରୁଜନ ପୂଜନ କମିଟିର ସଦସ୍ୟମାନେ ଯୋଗ ଦେଇଥିବା ମହିଳା ପୁରୁଷ ଗୁରୁଜନମାନଙ୍କୁ ପଦ ପୂଜା କରି ଆଶୀର୍ବାଦ କାମନା କରିଥିଲେ । ତା'ଛଡା ସମସ୍ତ ଗୁରୁଜନମାନଙ୍କୁ ଫୁଲଚନ୍ଦନ ଦେଇ ପୂଜାର୍ଚ୍ଚନା ପରେ ଉପଢୌକନ ପ୍ରଦାନ କରାଯାଇଥିଲା । ଆଧ୍ୟାତ୍ମିକ ଭାବଧାରାରେ ନାମ ସଂକୀର୍ତ୍ତନ, ଭଜନ ଏବଂ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଢୋ କେଜିବିଭିର ଛାତ୍ରୀମାନେ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଭକ୍ତିପୂତ ଭଜନ ଗାନ କରିଥିଲେ । ଏହାଛଡା ପୂଜନ ଉତ୍ସବ କାର୍ଯ୍ୟକ୍ରମରେ ଆୟୋଜିତ ମଞ୍ଚରେ ଏକ ସଭାର ଆୟୋଜନ କରାଯାଇଥିଲା । ଡିହିରାକୁଳ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ବରିଷ୍ଠ ଶିକ୍ଷାବିତ୍ ଗୌରୀଶଙ୍କର ହାତୀ, ପଲ୍ଲୀଗୌରବ ହରମୋହନ ପୃଷ୍ଟି, ସାମାଜିକ କର୍ମୀ ସୋମନାଥ ପୃଷ୍ଟି ଏବଂ ମୁଖ୍ୟଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁମୋହନ ବେହେରା ଯୋଗ ଦେଇ ଏହି ଗୁରୁଜନ ପୂଜନ ଉତ୍ସବ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଯୁବ ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ୧୦୩ ଗୁରୁଜନ ମହିଳା ପୁରୁଷ ଯୋଗ ଦେଇଥିଲେ। ତେବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ହରେକୃଷ୍ଣ ପାତ୍ରଙ୍କୁ ପଚାରିବାରୁ ସେ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଆଜିର ଯୁବପିଢି ପଥଭ୍ରଷ୍ଟ ହେଉଥିବା ବେଳେ ଡିହିରାକୁଳ ଗ୍ରାମର ଯୁବକମାନେ ଏଭଳି ଏକ ଗୁରୁଜନ ପୂଜନ କାର୍ଯ୍ୟକ୍ରମ ଆୟୋଜନ କରି ସମାଜ ପାଇଁ ଏକ ସୁବାର୍ତ୍ତା ପ୍ରଦାନ କରିଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଜେନା, ରତିକାନ୍ତ ପାତ୍ର, ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଭିକାରୀ ଚରଣ ପୃଷ୍ଟି ପ୍ରମୁଖ ଯୋଗଦେଇ ପିତାମାତାଙ୍କୁ ପୂଜନ କଲେ ସନ୍ତାନଙ୍କର ମଙ୍ଗଳ କାମନା ହୋଇଥାଏ ବୋଲି କହିଛନ୍ତି। ଦିବସ ବ୍ୟାପୀ ଏହି କାର୍ଯ୍ୟକ୍ରମ ସମସ୍ତ ବୟୋଜ୍ୟେଷ୍ଠ ଗୁରୁଜନମାନଙ୍କୁ ବେଶ୍ ଆନନ୍ଦ ଦେଇଥିଲା ବୋଲି ମତବ୍ୟକ୍ତ କରିଛନ୍ତି । ପରେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି କରାଯାଇ ଗୁରୁଜନଙ୍କୁ ପରଷା ଯାଇଥିଲା । ଗ୍ରାମର ମହିଳା ଏବଂ ଝିଅମାନେ ଏହି କାର୍ଯ୍ୟକୁ ସମ୍ପାଦନ କରିଥିଲେ। ଗୁରୁଜନ ପୂଜନ କମିଟି ଉତ୍ସବର ବରିଷ୍ଠ ସଦସ୍ୟ ସର୍ବେଶ୍ୱର ହାତୀ, ମଧୁସୂଦନ ହାତୀ, ଜୟନ୍ତ ବେହେରା, ଶ୍ରୀକାନ୍ତ ବେହେରାଙ୍କ ସମେତ ସମସ୍ତ ସଦସ୍ୟାସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଉତ୍ସବରେ ରାଢୋ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସେନ ମାରାଣ୍ଡିଙ୍କ ସମେତ ଉଦଳା ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍

ସଂକ୍ଷେପରେ

୪ ବଖରା ଜଳିଗଲା

ଚାନ୍ଦବାଲି,୩।୨(ଡି.ଏନ.ଏ.)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଚଡ଼ଦିଆ ପଞ୍ଚାୟତ ରାଜରାଜେଶ୍ୱରପଲ୍ଲୀରେ ଅଗ୍ନିକାଣ୍ଡ ଘଟି ପ୍ରବୀର ମଣ୍ଡଳଙ୍କ ୪ ବଖରା ଘର ଜଳିଯାଇଛି। ଘରେ ଥିବା ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଚାନ୍ଦବାଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

ବଳରାମ ଜିଲା ଛାତ୍ର କଂଗ୍ରେସ ସଭାପତି

ଭଦ୍ରକ ଅଫିସ,୩।୨- ଓଡ଼ିଶାର ଛାତ୍ର କଂଗ୍ରେସକୁ ଆବଶ୍ୟକ ସ୍ଥାନରେ ପୁନର୍ଗଠନ କରାଯାଇଛି। ଭଦ୍ରକ ଜିଲାରେ ଛାତ୍ର କଂଗ୍ରେସକୁ ଅଧିକ କ୍ରିୟାଶୀଳ କରିବାକୁ ରାଜ୍ୟ ସଭାପତି ଇତିଶ ପ୍ରଧାନ ଛାତ୍ରନେତା ବଳରାମ ରାଉତଙ୍କୁ ଦଳର ଜିଲା ସଭାପତି ଭାବେ ମନୋନୀତ କରିଛନ୍ତି। ବଳରାମଙ୍କ ନିଯୁକ୍ତି ପରେ ଜିଲା ଛାତ୍ର କଂଗ୍ରେସ ଅଧିକ କାର୍ଯ୍ୟକ୍ଷମ ହେବ ବୋଲି ହେମନ୍ତ ମହାପାତ୍ର, ନିରାକାର ସାହୁ, ଅରୁଣ କୁମାର ବେହେରା, ଦିବ୍ୟଜ୍ୟୋତି ରାଜେଶ ନାୟକ, ପ୍ରଫୁଲ୍ଲ ପୃଷ୍ଟି, ତପନ କୁମାର ମାଝି, ଲକ୍ଷ୍ମୀଧର ମୁଦୁଲି, ସମ୍ମିତ ଦାସ, ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଖୁସିବ୍ୟକ୍ତ କରିବା ସହ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଜିଲାରେ ଛାତ୍ର କଂଗ୍ରେସକୁ ସୁଦୃଢ଼ କରି ଛାତ୍ର ସମାଜର ସ୍ୱାଭିମାନ ଓ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଲାଗି ଉଦ୍ୟମ କରିବେ ବୋଲି ବଳରାମ ତାଙ୍କ ପ୍ରତିକ୍ରିୟା ରଖିଥିଲେ। ଭଦ୍ରକ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ସହିତ ବରପଦାଠାରେ ଏକ ବୈଷୟିକ ବିଶ୍ୱବିଦ୍ୟାଳୟ, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଛାତ୍ର ଆନ୍ଦୋଳନ ଗଢ଼ି ତୋଳିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଜୋର ଧରିଲା ଚରମ୍ପା ଗଳାପୋଲ ସମ୍ପ୍ରସାରଣ ଦାବି

ଭଦ୍ରକ ଅଫିସ,୩।୨-ଭଦ୍ରକ ଜିଲା ଚରମ୍ପା ଗଳାପୋଲ ସମ୍ପ୍ରସାରଣ ଦାବି ଜୋର ଧରିଛି। ଚରମ୍ପା ଜାତୀୟ ରାଜପଥ ସମ୍ପ୍ରସାରଣ କମିଟିର ୩ୟ ବୈଠକ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଚରମ୍ପା ଗଳାପୋଲ ସମ୍ପ୍ରସାରଣ ନେଇ ଆଲୋଚନା କରାଯାଇଥିଲା। ପୂର୍ବତନ ବିଧାୟକ ନରେନ ପଲେଇ ପୂର୍ବରୁ ହୋଇଥିବା ବୈଠକର ଆଲୋଚନା ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ବରିଷ୍ଠ ଅଧିକାରୀମାନେ ଦାବି ନ ମାନିଲେ ଚରମ୍ପା ଅଞ୍ଚଳବାସୀ ଜାତୀୟ ରାଜପଥରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସ୍ଥିର ହୋଇଥିଲା। ସଭାପତିଙ୍କ ପ୍ରସ୍ତାବକ୍ରମେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୧୦ ଜଣିଆ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏହି କମିଟି ଆଗାମୀ ଦିନରେ ଆନ୍ଦୋଳନକୁ ଉଗ୍ର ରୂପ ନେବା ପାଇଁ ସ୍ଥିର ହୋଇଥିଲା।

'ସାଧନା'ର ବାର୍ଷିକ ସଂସ୍କରଣ ଉନ୍ମୋଚିତ

ଚାନ୍ଦବାଲି,୩।୨ (ଡି.ଏନ.ଏ.)-ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଷାଣ୍ମାସିକ ସାହିତ୍ୟ ପତ୍ରିକା 'ସାଧନା'ର ବାର୍ଷିକ ସଂସ୍କରଣ ଉନ୍ମୋଚନ ଓ ସାଧନା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଭାପତି ଶ୍ରୀକାନ୍ତ ମହାଳିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୟାଧର ବେହେରା ମୁଖ୍ୟଅତିଥି, ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟବକ୍ତା, ଭଦ୍ରକ ଡିଏଫ୍‌ଓ ଅମ୍ଳାନ ନାୟକ ଓ ସ୍ତମ୍ଭକାର ଇଂ. ଅଭୟ ସୂତାର ସମ୍ମାନିତ ଅତିଥି ଏବଂ ସାହିତ୍ୟିକ ବ୍ରଜ ନାୟକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ପତ୍ରିକାର ବାର୍ଷିକ ସଂସ୍କରଣ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

ଆର୍‌ଡି ରୋଡ୍ ଅବସ୍ଥା ବେହାଲ

- ନିମ୍ନମାନର କାମ ଯୋଗୁ ରାସ୍ତାରୁ ପିଚୁ ଉଠିଯାଇଛି
- ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

ଆରଡ଼ି, ୩।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଞ୍ଚାୟତ ମଠଡିହସ୍ଥିତ ୨୦ ନମ୍ବର ଜାତୀୟ ରାଜପଥଠାରୁ ପାରଡିଆ ପର୍ଯ୍ୟନ୍ତ ଆର୍‌ଡି ରୋଡ (ଗ୍ରାମ୍ୟ ଉନ୍ନୟନ ବିଭାଗ)ର କୁଳେଇପଦା ବାଇପାସ ରୋଡ ଅବସ୍ଥା ବେହାଲ ହୋଇଯାଇଛି। ସ୍ଥାନୀୟ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

୨୦୧୪ରେ ନିର୍ମାଣ ଆରମ୍ଭ ହୋଇଥିବା ଏହି ରାସ୍ତା ୨୦୧୫ରେ ପୂର୍ଣ୍ଣାଙ୍ଗ ହୋଇଥିଲା। ଗତବର୍ଷ ବାଇପାସ୍ ରୋଡ୍‌ରୁ ପିଚୁ ଉଠିଯିବା ସହ ରାସ୍ତା ନଷ୍ଟ ହୋଇଯାଇଥିଲା। ଏହାକୁ ମରାମତି କରିବା ଲାଗି ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଡକାଯାଇଥିଲା। ଜଣେ ଠିକାଦାର ରାସ୍ତା ମରାମତି କାମ କରିଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଏବର୍ଷ ସେହି ରାସ୍ତା ଅବସ୍ଥା ପୁଣି ଶୋଚନୀୟ ହୋଇପଡ଼ିଥିବା ସ୍ଥାନୀୟ କେତେକ ବୁଦ୍ଧଜୀବୀ ଅଭିଯୋଗ କରିଛନ୍ତି। ରାସ୍ତାରୁ ପିଚୁ ଉଠି ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ବର୍ଷାଦିନ ଦୂରେ ଥାଉ ଖରାଦିନେ ମଧ୍ୟ ଏହି ରାସ୍ତାରେ ଚାରିଚକିଆ ଯାନ ଚଳାଚଳ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ଏପରି ଦୁରବସ୍ଥା ସମ୍ପର୍କରେ କୁଳେଇପଦା, ଚମ୍ପାସାହି, ପାରଡିଆ ଆଦି ଗାଁ ଲୋକେ ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିବା ସତ୍ତ୍ୱେ ଏଯାଏ କୌଣସି ପଦକ୍ଷେପ ନଆଯାଇ ନାହି। ତହଡ଼ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବାକୁ ଏହି ରାସ୍ତା ଦେଇ ଗାଡ଼ିରେ ଆସିଥାନ୍ତି। ସେହିପରି ଓଳଗ, ସୁନ୍ଦରପୁର, ଆରଡ଼ି, ନାନ୍ଦପୁର, ଶ୍ୟାମସୁନ୍ଦରପୁର, ରଇପୁର, କାଁପଡା, ଈଶ୍ୱରପୁର ଆଦି ପଞ୍ଚାୟତର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଦ୍ରୁତ ବାଇପାସ୍ ରାସ୍ତାର ମରାମତି ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯିବା ବୋଲି କହିଛନ୍ତି। ଆରମ୍ଭ କରାଯିବାକୁ ୩ ଖଣ୍ଡ ଗ୍ରାମର ଅଧିବାସୀ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ କୁଳେଇପଦା ଓ୍ୱାର୍ଡସଭ୍ୟ ରମାକାନ୍ତ ନାୟକ ଦ୍ରୁତ ମରାମତି କାମ ନ ହେଲେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି। ପାରଡିଆ ଗ୍ରାମର ମାଗୁଣ ଚରଣ ମଳିକ କହିଛନ୍ତି, ଉକ୍ତ ବାଇପାସ୍ ରାସ୍ତାରେ ସାଇକେଲ ନେଇ ଯିବା କଷ୍ଟକର ବ୍ୟାପାର। ରାସ୍ତା ମରାମତି ହେବା ଜରୁରୀ ହୋଇପଡ଼ିଛି। ଚାନ୍ଦବାଲି ବିଭାଗୀୟ ଜେଇ ଉତ୍ତମ ନାୟକଙ୍କୁ ପଚାରିବାରୁ ରାସ୍ତା ମରାମତି ନିମନ୍ତେ ୫ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇସାରିଛି, ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

ଆର୍‌ଡି ରୋଡ୍‌ର କୁଳେଇପଦା ବାଇପାସ୍ ରାସ୍ତା।

୬ରୁ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଡାକରା

ଭଦ୍ରକ ଅଫିସ,୩।୨

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ୬ ଦଫା ଦାବି ନେଇ ଆସନ୍ତା ୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର କ୍ୟାଡରଭୁକ୍ତ ପଦ ସୃଷ୍ଟି କରି ଚାକିରିକୁ ନିୟମିତ କରିବା, ୭ମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ ଦାବିରେ ସଂଘର ନିଷ୍ପତ୍ତିକ୍ରମେ ସମସ୍ତ କର୍ମଚାରୀ ଏହି ନିଷ୍ପତ୍ତି ନେଇଛନ୍ତି।

ସଂଘର ଜିଲା ସଭାପତି ଜିତେନ୍ଦ୍ର ନାରାୟଣ ବିଶ୍ୱାଳ ଓ ସମ୍ପାଦକ ଜୟନ୍ତ କୁମାର ଭୋଇଙ୍କ ନେତୃତ୍ୱରେ ଭଦ୍ରକର ସ୍ୱାସ୍ଥ୍ୟ ମିଶନ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜାତୀୟ ଓ ରାଜ୍ୟ ପ୍ରାୟୋଜିତ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ କାର୍ଯ୍ୟକ୍ରମରେ ଅସହଯୋଗ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧୨ବର୍ଷରୁ ଊର୍ଦ୍ଧ୍ୱ ହେଲା ବିଭିନ୍ନ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ଯୋଜନା ପ୍ରଣୟନ ଓ କାର୍ଯ୍ୟକାରିତା, ଆର୍ଥିକ ପରିଚାଳନା, କମ୍ପ୍ୟୁଟର ପରିଚାଳନା ଆଦି କ୍ଷେତ୍ରରେ ଦକ୍ଷ ତଥା ଉଚ୍ଚଶିକ୍ଷିତ ଯୁବତୀ ଯୁବକ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ହେଲେ ସରକାର ସେମାନଙ୍କ ଭବିଷ୍ୟତ କଥା ଚିନ୍ତା କରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଜିଲାର ୬୦ରୁ ଅଧିକ ଏହି କର୍ମଚାରୀ ଆନ୍ଦୋଳନରେ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।

ପାଲା, ଦାସକାଠିଆର ମଜା ନେଲେ ଦର୍ଶକ

ବାସୁଦେବପୁର,୩।୨ ଡି.ଏନ.ଏ.)

ବାସୁଦେବପୁର ଟାଉନ ହଲ୍ ପରିସରରେ ଅବସର ଆନୁକୂଲ୍ୟରେ ଏବଂ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଓ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ମିଳିତ ସହଯୋଗରେ ଆୟୋଜିତ ପାଲା ମହୋତ୍ସବର ୨ୟ ଦିବସରେ ପାଲା ଓ ଦାସକାଠିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାଧିକ ପାଲା, ଭଗବତପ୍ରେମୀ ଯୋଗଦେଇ ପାଲା ଓ ଦାସକାଠିଆର ମଜା ନେଇଥିଲେ। ଏଥିସହିତ ସାହିତ୍ୟ, କଳା, କାବ୍ୟ, କବିତା, ଗୀତା, ଭାଗବତ, ବେଦ, ବେଦାନ୍ତ ଓ ଉପନିଷଦ, ପୌରାଣିକ କାହାଣୀ ସମ୍ପର୍କରେ ସେମାନେ ପାଲାକାରଙ୍କଠାରୁ ଅବଗତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଯୁବନେତା ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ପାଲା ସଂସ୍କୃତିକୁ ମୁଖ୍ୟତଃ ପାଲା ଓ ଦାସକାଠିଆ କଳାକାରମାନେ ବଞ୍ଚାଇ ରଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପାଲା ଆମ ଭାଷା ଓ ସଂସ୍କୃତିକୁ ରୁଦ୍ଧିମନ୍ତ କରିଥାଏ ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ କେନ୍ଦ୍ରୀୟ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଆନନ୍ଦ ଚନ୍ଦ୍ର ମଳିକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମାଜିକ କର୍ମୀ ବୈଲୋଚନ ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ପାଲା ମଣ୍ଡଳ ସଭାପତି ସନାତନ ପୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଅବସର ସମ୍ପାଦକ ବନମାଳୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ କବି ରତ୍ନାକର ପଣ୍ଡା। କବି ପ୍ରହ୍ଲାଦ ବାରିକ, କିଶୋର କୁମାର ମହାପାତ୍ର, ଆଇନଜୀବୀ ସ୍ମୃତିରଞ୍ଜନ ପଳିତା, ଧନେଶ୍ୱର ରାଉତ, ଓକିଲ ସଂଘ ସଭାପତି ନାରାୟଣ ନାୟକ ଓ ଅନୁବାଦକ ଅଭିମନ୍ୟୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଦିବ୍ୟାଙ୍ଗ ଦାସକାଠିଆ ପରିବେଷଣ କରୁଛନ୍ତି।

'ବୌଦ୍ଧିକ, ଶାରୀରିକ ବିକାଶ କରାଏ କ୍ରୀଡ଼ା'

ଭଣ୍ଡାରିପୋଖରୀ, ୩।୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ସୁବର୍ଣ୍ଣମୁଖୀ ସରକାରୀ ସଞ୍ଚୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ବାସୁଦେବ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ବଦ୍ରିନାରାୟଣ ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୁଷ୍ପକ ଚନ୍ଦ୍ର ଭାରତୀ, ଉମାକାନ୍ତ ସାହୁ, ସ୍ୱୟଂପ୍ରଭା ଶତପଥୀ ଅନ୍ୟତମ ଅତିଥି ଏବଂ ରାଜ୍ୟ ପୁରସ୍କୃତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ଶାରୀରିକ ଓ ମାନସିକ ଶକ୍ତିର ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶିର ମହାଳିକ ଧନ୍ୟବାଦ ଦେଇଥିଲେ। ସେହିପରି ଖଡିସିଙ୍ଗା ସଞ୍ଚୁକ୍ତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ସରପଞ୍ଚ ବିଜୟ କୁମାର ସ୍ୱାଇଁ ଏବଂ ଅନ୍ୟତମ ଅତିଥି ଭାବେ ସମିତିସଭ୍ୟା ଲଳିତା ସେନାପତି, ନୃସିଂହ ଚରଣ ସାମଲ ଯୋଗ ଦେଇଥିଲେ। ଶିକ୍ଷକ ଗୌରୀଶଙ୍କର ମିଶ୍ର, ରମାକାନ୍ତ ନାୟକ, ମିତାରାଣୀ ପଣ୍ଡା, ଲକ୍ଷ୍ମୀନାରାୟଣ ପଲେଇ, ଅଜୟ ନନ୍ଦ, ମୃତ୍ୟୁଞ୍ଜୟ ସେନାପତି, ଜ୍ୟୋତ୍ସ୍ନାରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାର୍ଷିକ କ୍ରୀଡ଼ା, ସମ୍ବର୍ଦ୍ଧନା ସଭା

ଚାନ୍ଦବାଲି,୩।୨(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ତେନ୍ତୁଳିଡିହ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଓ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀତାକାନ୍ତ ଜେନା ସଭାପତିତ୍ୱ କରିଥିଲେ। ଏବିଇଓ ମଞ୍ଜୁଳାବାଳା ନାୟକ, ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ସହିତ ୮ ଅବରସପ୍ରାପ୍ତ ଶିକ୍ଷକ ଓ ଶିକ୍ଷାକର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଫୁଲ୍ଲ ବେହେରା ଅତିଥି ପରିଚୟ ପ୍ରଦାନ, ଗୁନା ମହାଳିକ ସ୍ୱାଗତ ଭାଷଣ ଏବଂ ସାର୍ଥକ ନାୟକ ମାନପତ୍ର ପାଠ କରିଥିଲେ। ପୂର୍ବତନ ଛାତ୍ର ବୃନ୍ଦାବନ ସାହୁ ପୂର୍ବତନ ଶିକ୍ଷକଙ୍କ ଶିକ୍ଷାଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସାର୍ଥକ ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

'ଅବହେଳିତ କନ୍ୟାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ସାମୂହିକ ଉଦ୍ୟମ ଲୋଡ଼ା'

ମାନବ ସେବା କନ୍ୟାଶ୍ରମର ବାର୍ଷିକ ଉତ୍ସବରେ ବିଦେଶୀ ଅତିଥିଙ୍କ ସହ ଅନ୍ୟମାନେ।

ଭଦ୍ରକ ଅଫିସ,୩।୨

ଭଦ୍ରକ ବ୍ଲକ ପଗଡସ୍ଥିତ ମାନବ ସେବା କନ୍ୟାଶ୍ରମର ୯ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅକ୍ଷୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଫ୍ରାନ୍ସରୁ ଆସିଥିବା ଦମ୍ପତି ସାଇମନ ଓ ଆଣ୍ଡସାଇମନ ଯୋଗଦେଇ କନ୍ୟାଙ୍କୁ ରତ୍ନ ବୋଲି କହିବା ସହ ଅବହେଳିତ କନ୍ୟାଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଆଶ୍ରମ ସରକାରଙ୍କ ବିନା ଅନୁଦାନରେ ଚାଲୁଥିବାରୁ ମୁଖ୍ୟଅତିଥି ଦୁଃଖ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ମୁଖ୍ୟବକ୍ତା ଭାବେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ଯୋଗ ଦେଇଥିଲେ। ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ସରପଞ୍ଚ ନିରଞ୍ଜନ ମହାକୁଡ, ଫେଲୋସିପର ଲଲାଟେନ୍ଦୁ ମହାନ୍ତି, ନିରଞ୍ଜନ ସେନାପତି, ମହେନ୍ଦ୍ର ପାଢୀ, ପ୍ରାଧ୍ୟାପକ ଚିନ୍ତାମଣି କର, ଶିକ୍ଷାବିତ୍ ଅମିତ ମଳିକ, ଉମର ଅଲ୍ଲି ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ପଞ୍ଚାନନ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅନ୍ତେବାସିନୀମାନଙ୍କ ଦ୍ୱାରା ସଂଗୀତ ନୃତ୍ୟ ପରିବେଷଣ କରାଯାଇଥିଲା।

କ୍ଲିନ ଆଣ୍ଡ୍ ଗ୍ରୀନ କାର୍ଯ୍ୟକ୍ରମ

ଭଦ୍ରକ ଅଫିସ,୩।୨

ଭଦ୍ରକ କୋର୍ଟ ପରିସରରେ ରବିବାର କ୍ଲିନ ଆଣ୍ଡ୍ ଗ୍ରୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ କୋର୍ଟ ହତା ସଫା ଓ ସବୁଜ ରଖିବା ଏହି କାର୍ଯ୍ୟକ

ସଂକ୍ଷେପରେ

୩ ଚୋରା ମଦ ବେପାରୀ ଗିରଫ

ଜଳେଶ୍ୱର, ୩।୨(ଡି.ଏନ.ଏ.): ଜଳେଶ୍ୱର ଅବକାରୀ ଥାନା ପକ୍ଷରୁ ରବିବାର ଜଳେଶ୍ୱର ଥାନାଞ୍ଚଳର ପଞ୍ଚୁଘଣ୍ଟା, ବ୍ଲକ ବଜାର, ଶାଳିକୋଠା, ବର୍ତ୍ତନା, ପଶ୍ଚିମବାର୍ଡ଼, ନନ୍ଦିକା ଆଦି ଗ୍ରାମରେ ଚଢ଼ାଉ କରାଯାଇ ଚୋରାରେ ବିକ୍ରି ହେଉଥିବା ୩୦ ଲିଟର ରନ୍ଧା ଦେଶୀମଦ ଜବତ୍ କରାଯାଇଛି। ଏଥିରେ ସମ୍ପୃକ୍ତ ୨ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ପଞ୍ଚୁଘଣ୍ଟା ଗ୍ରାମର ସିଧ ମୁର୍ମୁ, ଆରୁହା ଗ୍ରାମର ବୁଦୁନୀ ସିଂ ଓ ନନ୍ଦିକା ଗ୍ରାମର ଜବା ମୁର୍ମୁ। ୩ଜଣଙ୍କ ବିରୋଧରେ ୩ ପୃଥକ୍ ମାମଲା ରୁଜୁ କରାଯାଇଛି। ଚଢ଼ାଉ ଟିମ୍‌ରେ ଅବକାରୀ ରେଞ୍ଜ ଇନ୍ସପେକ୍ଟର କରୁଣାଶଙ୍କର ତିୱାରୀ, ଏସ୍‌ଆଇ ହରପ୍ରସାଦ ରଣା, ଏଏସ୍‌ଆଇ ଦଳଗୋବିନ୍ଦ ଧଳ, କନଷ୍ଟେବଳ ରାଜୀବ ଭଞ୍ଜ ଓ ମୀନତି ଜେନା ପ୍ରମୁଖ ସାମିଲ ଥିଲେ।

ବିଜେଡିର ମିଶ୍ରଣ ପର୍ବ

ଖଇରା, ୩।୨(ଡି.ଏନ.ଏ.): ଖଇରା ବ୍ଲକ ଶୁଣ୍ଡିରା-ଗଣ୍ଡିବେଡ ପଞ୍ଚାୟତର ଖାଡିଗୋଛି ଗ୍ରାମରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସରପଞ୍ଚ ଅଞ୍ଜନ କୁମାର ସେଠୀ, ସମିତିସଭ୍ୟା ଅଞ୍ଜଳି ଦାସ, ଯୁବନେତା ପୂର୍ଣ୍ଣଚନ୍ଦ୍ର ନାୟକ, ମଧୁସୂଦନ ଦାସ, ବର୍ତ୍ତନା ସରପଞ୍ଚ ସୁଶାନ୍ତ ମିଶ୍ର, ବ୍ଲକ ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେଡି ସରକାର ଅମଳରେ ହୋଇଥିବା ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ସରକାରଙ୍କ ବିକାଶରେ ଆକୃଷ୍ଟ ହୋଇ ୯ନଂ. ୱାର୍ଡର ସଭ୍ୟା ମନୋରମା ଦାସ, ବାଞ୍ଛାନିଧି ଦାଶ, ମୁରଲାଧର ନାୟକ, କମଳାକାନ୍ତ ନାୟକ, ମଦନମୋହନ ମାଝି, ମହେନ୍ଦ୍ର ପୃଷ୍ଟି, ଶ୍ରୀଧର ମହଲାଙ୍କ ସମେତ ବିଭିନ୍ନ ଦଳର କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଥିଲେ।

'ଛାତ୍ରଙ୍କଠାରେ ଶୃଙ୍ଖଳା ଜ୍ଞାନ ଜରୁରୀ'

ବାହାନଗା, ୩।୨(ଡି.ଏନ.ଏ.): ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ଡ. ନରେଶ କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ସୁବେନ୍ଦୁ ଦେଓ ଯୋଗ ଦେଇ ନିଜର ବୁଦ୍ଧି ଓ ଦୃଢ଼ ନିଷ୍ଠା ବଳରେ ଜଣେ ଅସମ୍ଭବ କାମକୁ ସମ୍ଭବ କରିପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରିଷ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରାଣବନ୍ଧୁ ମହାନ୍ତି ଯୋଗଦେଇ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ପ୍ରାଧାପକ ବିଶ୍ୱନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରି ଯଦି କେହି ଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ ନ ପାରିବ ସେ ଆଉ ଭବିଷ୍ୟତରେ ଭଲମଣିଷ ହୋଇପାରିବ ନାହିଁ ବୋଲି କହିଥିଲେ। ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ଲକ୍ଷ୍ମୀଦେବୀ ହରିହର ପଣ୍ଡା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଲିଟେରାରୀ ଚାମ୍ପିୟନ ଭାବେ ସ୍ନାତକ ଶ୍ରେଣୀର ସୁଜୟ ପ୍ରସନ୍ନ କୁମାର ଦାଶଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁକ୍ତ ୨ ଶ୍ରେଣୀର ରାଜୀବ କୁମାର ବାରିକଙ୍କୁ ଲିଟେରାରୀ ଚାମ୍ପିୟନ ଭାବେ ପୁରସ୍କାର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ପ୍ରାଧାପକ ପୂର୍ଣ୍ଣଚନ୍ଦ୍ର ଦତ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ।

ଅତିଥିଙ୍କ ସହ ସମସ୍ତ ପ୍ରତିଯୋଗୀ ଏବଂ ଅଭିଭାବକ।

ରଙ୍ଗତୂଳୀରେ ପରିବେଶ ସଜାଡ଼ିବାକୁ ଆହ୍ୱାନ

ଖଇରା, ୩।୨(ଡି.ଏନ.ଏ.)

ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ରବିବାର ଧରିତ୍ରୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଓଡିଶା ଉଚ୍ଚ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଖଇରା ଶାଖା ସଭାପତି ମହେନ୍ଦ୍ର ପ୍ରସାଦ କବି ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୦ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇ ରଙ୍ଗ ତୂଳୀରେ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ଓ ଏଥିରୁ ବର୍ତ୍ତିବାର ବିକଳ୍ପ ଉପରେ ଚିତ୍ର ଆଙ୍କି ବାର୍ତ୍ତା ଦେଇଥିଲେ।

ଚିତ୍ରାଙ୍କନ ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଖଇରା ବ୍ଲକର ଧରିତ୍ରୀ ପ୍ରତିନିଧି ଉତ୍କଳବନ୍ଧୁ ପଣ୍ଡା ପୌରୋହିତ୍ୟ କରିଥିଲେ। ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମେ ଘର ଭିତରେ ଓ ବାହାରେ ଅନେକ ପ୍ଲାଷ୍ଟିକ ବ୍ୟବହାର କରୁଛୁ, ହେଲେ ପଲିଥିନର ବ୍ୟବହାର ସର୍ବାଧିକ କ୍ଷତିକାରକ। ସେ ନୀଳଗିରି ଉପଜିଲାପାଳଙ୍କ ଉଦାହରଣ ଦେଇ ନୀଳଗିରିରେ ପଲିଥିନ ନିଷିଦ୍ଧ ଭଳି ପ୍ରଥମେ ପଲିଥିନମୁକ୍ତ ଖଇରା ଗଠନ ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟଅତିଥି ଭାବେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ ଯୋଗଦେଇ କହିଥିଲେ ଯେ, ଧୀରେ ଧୀରେ ଆମ ଅଭ୍ୟାସରେ ପରିବର୍ତ୍ତନ ଆସିବା ଦରକାର। ବଜାରକୁ ଗଲା ବେଳେ ଝୋଟ କିମ୍ବା କପଡା ବ୍ୟାଗ ଧରି ଗଲେ ପଲିଥିନ ବ୍ୟବହାରକୁ ଯଥା ସମ୍ଭବ ନିଷିଦ୍ଧ କରାଯାଇପାରିବ। ସମ୍ମାନନୀୟ ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ନର୍ମଦା ଦେଓ ଯୋଗଦେଇ ଶିଶୁମାନଙ୍କୁ ଖାଦ୍ୟ ଦେବା ସମୟରେ ମା'ମାନେ ରବର ଓ ପ୍ଲାଷ୍ଟିକ ବୋତଲରେ କ୍ଷୀର ଦେଉଛନ୍ତି। ଯାହା ଶିଶୁମାନଙ୍କ ପାଇଁ ଅତ୍ୟନ୍ତ ହାନିକାରକ। ଏଥିଲାଗି ସଚେତନତା ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀମନ୍ତ ସେଠୀ ଯୋଗଦେଇ ପିଲାମାନଙ୍କର ଭବିଷ୍ୟତ ଅନେକ ଲମ୍ବା। ଏବେଠାରୁ ପ୍ଲାଷ୍ଟିକର ଭୟାବହତା ପ୍ରତି ସଚେତନ ନ ହେଲେ ସେମାନେ ଓ ସେମାନଙ୍କର ପରବର୍ତ୍ତୀ ବଂଶଧର କ୍ଷତିର ସମ୍ମୁଖୀନ ହେବେ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀ ଯୋଗଦେଇ ପଲିଥିନ ଏଭଳି ଏକ ଜିନିଷ ଯାହା ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ ଅତ୍ୟନ୍ତ ହାନିକାରକ। ପଲିଥିନ ବର୍ଷ ବର୍ଷ ଧରି ମାଟିରେ ମିଶେ ନାହିଁ। ଏହା କର୍କଟ ଭଳି ମାରାତ୍ମକ ରୋଗର ସୃଷ୍ଟିକାରୀ ବୋଲି କହିଥିଲେ। ୩୦ବର୍ଷ ଧରି ଖଇରା ଅଞ୍ଚଳରେ ଧରିତ୍ରୀକୁ ଘରେ ଘରେ ପରିଚିତ କରାଇଥିବା ଧରିତ୍ରୀ ପରିବାରର ସଦସ୍ୟ ବଳରାମ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଧରିତ୍ରୀ ଖବରକାଗଜର ଏଭଳି ଆହ୍ୱାନରେ ସମସ୍ତେ ସାମିଲ ହୋଇ ଏକ ସ୍ୱଚ୍ଛ ଖଇରା ଗଠନ ଲାଗି ଆହ୍ୱାନ ଦେଇଥିଲେ। ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଧରିତ୍ରୀର ଏହି ପ୍ଲାଷ୍ଟିକମୁକ୍ତ ଅଭିଯାନ ଆଗାମୀ ପିଢି ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ପ୍ରକାଶ କରିଥିଲେ। ଏହାପରେ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପାଣିସାଉଁଳି ଡିସି ଯୁପି ସ୍କୁଲର ଛାତ୍ରୀ ଗାୟତ୍ରୀ ଶଙ୍ଖୁଆ, ଦ୍ୱିତୀୟ ହୋଇଥିବା ଖଇରା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଅଙ୍କିତା ପାତ୍ର, ତୃତୀୟ ହୋଇଥିବା ବନମାଳୀ ଯୁପି ସ୍କୁଲର ଛାତ୍ର ସରୋଜ ମଲ୍ଲିକଙ୍କ ସମେତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଚାରକ ଭାବେ କଳା ଶିକ୍ଷକ ଅରୁଣ କୁମାର ଲେଙ୍କା ଓ ଜ୍ଞାନରଞ୍ଜନ ଜେନା ସମସ୍ତ ଖାତାର ମୂଲ୍ୟାୟନ କରିଥିଲେ। ଧରିତ୍ରୀ ପ୍ରସାରଣ ବିଭାଗର ଜିଲା ମୁଖ୍ୟ ଆଲୋକ କାନୁନଗୋ, ଔପଦା ପ୍ରତିନିଧି ମନୋଜ ଦାଶ, କିଶୋର ବେହେରା, ପୀୟୂଷ ଶତପଥୀ, ରମଣିରଞ୍ଜନ ନାୟକ, ଦିଲୀପ ଲେଙ୍କା, ଖଇରା ହାଇସ୍କୁଲର ଶିକ୍ଷୟିତ୍ରୀ ଶକୁନ୍ତଳା ମାଝି, ମଧୁସ୍ମିତା ଭୂୟାଁ, ଶିକ୍ଷକ ହେମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଆଜିଠୁ କଳାବ୍ୟାଜ୍, ୫ରୁ ଆନ୍ଦୋଳନ

ବାଲେଶ୍ୱର ଅଫିସ, ୩।୨

ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଳ ସଂଘ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଶାଖା ପକ୍ଷରୁ ଶନିବାର ୧୧ଦଫା ଦାବି ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରିବା ସହ ୫ ତାରିଖରେ ଅସ୍ତ୍ରାଗାରରେ ଅସ୍ତ୍ରଶସ୍ତ୍ର ଜମାଦେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ହେବ। ଏଥିସହ ଜିଲାର ସମସ୍ତ ପୋଲିସ କର୍ମଚାରୀମାନେ ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ଜିଲା ସଭାପତି ଶ୍ରୀକାନ୍ତ ଷଡ଼ଙ୍ଗୀ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି।

ସପ୍ତମ ବେତନ ହାରରେ ଥିବା ଅସଙ୍ଗତି ଦୂର କରିବା, ଏକମାସର ଅଧିକ ଦରମା ପ୍ରଦାନ (୧୩ ମାସିଆ କରିବା), ଘରଭଡ଼ା ବୃଦ୍ଧି, ଯାତାୟାତ ଭତ୍ତା ବୃଦ୍ଧି, ପୋଷାକ ରକ୍ଷଣାବେକ୍ଷଣ ଭତ୍ତା, ସ୍ୱତନ୍ତ୍ର ପ୍ରୋତ୍ସାହନ ଭତ୍ତା, ବାଟାଲିୟନ ଭତ୍ତା, କଠିନ ପାରିଶ୍ରମିକ ଭତ୍ତା, ସ୍ୱାସ୍ଥ୍ୟବୀମା, ଠିକାଦାର ନିଯୁକ୍ତ ଉଚ୍ଛେଦ, ମିଳୁଥିବା ଅନ୍ୟାନ୍ୟ ଭତ୍ତା ସବୁର ବୃଦ୍ଧି କରିବା ନିମନ୍ତେ ଦାବି ବାରମ୍ବାର ଉତ୍‌ଥାପନ କରିଆସୁଥିଲେ ମଧ୍ୟ ସରକାର ଏହାକୁ ଭ୍ରୂକ୍ଷେପ ନ କରି ଅଣଦେଖା କରିବା କାରଣରୁ ଆନ୍ଦୋଳନ ପରିସ୍ଥିତି ଉପୁଜିଥିବା ଜିଲା ଶାଖା ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ଉପସଭାପତି ଶ୍ରୀନାଥ ସାହୁ, ସମ୍ପାଦକ-୧ ପ୍ରେମନାଥ ସାମଲ, ସହ ସମ୍ପାଦକ-୨ କହ୍ନେଇ ଚୁଡ଼ୁ, କୋଷାଧକ୍ଷ ଶଶାଙ୍କ ଶେଖର ଉପାଧ୍ୟାୟ, କାର୍ଯ୍ୟକାରୀ ସଭ୍ୟ ଦୀପକ କୁମାର ପରିଡ଼ା, ରତିକାନ୍ତ ନାୟକ, ଚିତ୍ତରଞ୍ଜନ ପୃଷ୍ଟି, ପ୍ରକାଶ କୁମାର ଜେନା ଓ ରଞ୍ଜନ କୁମାର ଦେହୁରୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଭୋଗରାଇ ମହିଳା କଲେଜର ବାର୍ଷିକ ଉତ୍ସବରେ ଅତିଥିଗଣ।

'ମାତୃ ଶକ୍ତି ପ୍ରଚଣ୍ଡ ଶକ୍ତି'

ଭୋଗରାଇ, ୩।୨(ଡି.ଏନ.ଏ.)

ମାତୃଶକ୍ତି ପ୍ରଚଣ୍ଡ ଶକ୍ତି। ଯେଉଁ ଜାତି ନାରୀକୁ ସମ୍ମାନ ଦିଏ ନାହିଁ, ସେ ଜାତି ଉପରକୁ ଉଠି ପାରେ ନାହିଁ। ଆମ ଭଳି ପୁରୁଷ ପ୍ରଧାନ ଦେଶରେ ନାରୀର ଭୂମିକା ଅତୁଳନୀୟ। ନାରୀ ସମାଜରେ ଶାନ୍ତି, ସ୍ନେହ ଓ ପ୍ରେମର ଡୋରିରେ ବାରି ସିଞ୍ଚନ କରିଥାଏ ଓ ଭବିଷ୍ୟତ ପିଢ଼ି ପାଇଁ ବାଟ ଦେଖାଏ ବୋଲି ଭୋଗରାଇ ମହିଳା କଲେଜର ୨୬ତମ ବାର୍ଷିକୋତ୍ସବରେ ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି।

କଲେଜ ପରିଚାଳନା କମିଟି ସମ୍ପାଦକ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧକ୍ଷା ନିବେଦିତା ମହାନ୍ତି ଯୋଗଦେଇ ଛାତ୍ରୀମାନେ ଦୁର୍ବଳା ନ ହୋଇ ନୂତନ ଇତିହାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ଜୁନିୟର ମହାବିଦ୍ୟାଳୟର ଅଧକ୍ଷା ଡ. ମିନତି ସେଠୀ, ସମ୍ମାନନୀୟ ଅତିଥି ଭାବେ ଅଧାପକ ବିମଳଚନ୍ଦ୍ର ନନ୍ଦୀ, ସମ୍ମାନନୀୟ ବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁରାଣୀ ବେହେରା, ସରପଞ୍ଚ ପ୍ରବୀର କୁମାର ଗିରି ଯୋଗଦେଇ ଛାତ୍ରୀମାନେ ସଚେତନ ହେଲେ ଦେଶ ପ୍ରଗତି କରିପାରିବ ବୋଲି ମତପ୍ରକାଶ କରିଥିଲେ। କଲେଜ ଅଧକ୍ଷା କଳ୍ପନାରାଣୀ ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧାପକ ରାମଚନ୍ଦ୍ର ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। କଲେଜର ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଯୁକ୍ତ ୨ର ଛାତ୍ରୀ ଅଙ୍କିତା ଭଞ୍ଜ ଓ ଯୁକ୍ତ ୩ର ଛାତ୍ରୀ ଶୁଭଶ୍ରୀ ସାହୁ ଓ ସସ୍ମିତା ସିଂଙ୍କୁ 'ଦେବିକା ସ୍ମୃତି ସମ୍ମାନ' ଏବଂ 'ଶରତଚନ୍ଦ୍ର ସ୍ମୃତି' ସମ୍ମାନ ଭାବେ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଅଧାପିକା ଜ୍ୟୋତ୍ସ୍ନାରାଣୀ ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀମାନଙ୍କ ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭିନ୍ନ ଏକ ଧର୍ମଯୁଦ୍ଧ' ନାଟକ ପରିବେଷଣ ହୋଇଥିଲା।

ଚାରାରୋପଣ ସହ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ସିମୁଳିଆ, ୩।୨(ଡି.ଏନ.ଏ.)

ସିମୁଳିଆଠାରେ ଥିବା ସାଇଦୁଃଖୀ ଶଙ୍ଖାଳି ଉଚ୍ଚ ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ୩୦ଟି ଚାରାରୋପଣ କରାଯାଇଥିଲା। ପରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଶଙ୍ଖାଳି ଦଳାଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

ପ୍ରଧାନଶିକ୍ଷକ ନିରାକାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଜ୍ଞାନ ଶିକ୍ଷକ ଦିଲୀପ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ପୁରୁଷୋତ୍ତମ ଲେଙ୍କାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯିବା ସହ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାଳୟର କୃତୀ ଛାତ୍ର ଚିନ୍ମୟ ଲେଙ୍କା ଓ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରୀଡ଼ାରେ ପ୍ରଶାନ୍ତ ଶିଅଳ, ଶୁଭଶ୍ରୀ ମହାନ୍ତି ଓ ଗଦାଧର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ରୂପେ ପଦ୍ମାବତୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନବାଳା ମହାରଣା, ମାର୍କୋଣା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି.ଭି. ରାଜଲକ୍ଷ୍ମୀ, ଏମ୍‌ପି ପ୍ରତିନିଧି କ୍ଷିତିଶ କୁମାର ମହାନ୍ତି, ଭାରତ ସେବାନିଧି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣି ବୋଇତି, ଜିଲାପରିଷଦ ସଭ୍ୟ ସରୋଜିନୀ ମହାପାତ୍ର, ଅବସର ବାୟୁସେନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର, ଓଷ୍ଟା ବ୍ଲକ ସଭାପତି କମଳାକାନ୍ତ ପତି, ସମ୍ପାଦକ ପ୍ରସନ୍ନ କୁମାର ଧଳ ଓ ବନମାଳୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନ ସଙ୍ଗଠନ ଦ୍ୱାରା ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଓ ଶିକ୍ଷାରେ ୫୭ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ବାର୍ଷିକ କ୍ରୀଡ଼ା ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ।

ସବୁବର୍ଗକୁ ସୁହାଇବ ବଜେଟ୍

ଜଳେଶ୍ୱର, ୩।୨(ଡି.ଏନ୍.ଏ.)

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱାରା ଶୁକ୍ରବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିବା ବଜେଟ୍‌କୁ ନେଇ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ନିଜ ପ୍ରତିକ୍ରିୟା ରଖି ଉକ୍ତ ବଜେଟ୍‌କୁ ଲୋକାଭିମୁଖୀ କହି ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉକ୍ତ ବଜେଟ୍ ଦେଶର ସୁରକ୍ଷା ସହିତ କୃଷକ, ଶ୍ରମିକ, ମଧ୍ୟମବର୍ଗ ସମେତ ସବୁବର୍ଗର ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି ଜୟନାରାଣ କହିଛନ୍ତି। ଏପରିକି କ୍ଷୁଦ୍ର ବ୍ୟବସାୟୀ ତଥା ଶିକ୍ଷିତ ଯୁବବର୍ଗମାନେ ବିନା ସିକ୍ୟୁରିଟିରେ ବ୍ୟାଙ୍କରୁ ମୁଦ୍ରା

ସଂକ୍ଷେପରେ

ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା
ଆମ୍ବୁଲାନ୍ସରେ ପ୍ରସବ କଲେ ମହିଳା

ରାଉରକେଲା ଅଫିସ,୩।୨: ଆଦିବାସୀବହୁଳ ଗୁରୁଣ୍ଡିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍‌ରେ ଶନିବାର ସନ୍ଧ୍ୟାରେ ତାଲା ଝୁଲୁଥିବାରୁ ୧୦۸ ଆମ୍ବୁଲାନ୍ସ ଯୋଗେ ଏଠାକୁ ଆସିଥିବା ଜଣେ ଗର୍ଭବତୀ ଆମ୍ବୁଲାନ୍ସ ଭିତରେ ହିଁ ପ୍ରସବ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କୁଣ୍ଡେଇଡିହା ପଞ୍ଚାୟତ ସାନବାଲିଆ ଗ୍ରାମର ଚିକନା ଓରାମଙ୍କ ସ୍ତ୍ରୀ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେବାକୁ ୧୦۸ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ୧୦۸ ଆମ୍ବୁଲାନ୍ସ ମହିଳାଙ୍କୁ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ତେବେ ସେତେବେଳକୁ ମେଡିକାଲ ଗେଟ୍‌ରେ ତାଲା ଝୁଲୁଥିଲା। ଫଳରେ ମହିଳା ଜଣକ ଆମ୍ବୁଲାନ୍ସ ଭିତରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ମେଡିକାଲ କର୍ମଚାରୀ ପହଞ୍ଚି ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।କ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ଷଡ଼ଙ୍ଗୀଙ୍କୁ ପଚରାଯିବାରୁ ସେ କହିଥିଲେ, ଚିକନା ଓରାମଙ୍କ ସ୍ତ୍ରୀ ମେଡିକାଲରେ ପହଞ୍ଚିବା ଘଣ୍ଟାକ ପୂର୍ବରୁ ପ୍ରସବ କରି ସାରିଥିଲେ। ଗେଟ୍‌ରେ ତାଲା ନୁହେଁ, ଖାଲି ଆଉଜାଇ ଦିଆଯାଇଥିଲା। ଏବେ ସମ୍ପୃକ୍ତ ମହିଳା ଓ ତାଙ୍କ ଶିଶୁପୁତ୍ର ମେଡିକାଲରେ ରହି ଭଲରେ ଚିକିତ୍ସିତ ହେଉଛନ୍ତି। ଏହାକୁ କେହି ଜାଣିଶୁଣି ଅପପ୍ରଚାର କରିଛି। ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି। ତଥାପି ସତ୍ୟାସତ୍ୟ ନେଇ ତଦନ୍ତ କରୁଛି ବୋଲି ଡା. ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

ଲୁଟ୍ ଘଟଣାକୁ ନେଇ ଥାନାରେ ଉତ୍ତେଜନା

- ପୋଲିସ ସହ ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ
- ଲୁଟ୍‌ର ଶିକାର ହୋଇଛନ୍ତି ଜିଲା କଂଗ୍ରେସ ସଭାପତିଙ୍କ ପୁଅ

ଭୁବନେଶ୍ୱର, ୩।୨ (ବ୍ୟୁରୋ): ଶହୀଦନଗର ଥାନାରେ ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଏକ ଲୁଟ୍ ଘଟଣାକୁ ନେଇ ପୋଲିସ ଅଡୁଆ ପରିସ୍ଥିତିରେ ପଡିଥିବାବେଳେ ପକ୍ଷପାତିତା ଓ ଅବହେଳା ଅଭିଯୋଗ ଆଣି ଦୁଇ ରାଜନୈତିକ ଗୋଷ୍ଠୀ ହୋହଲ୍ଲା କରିଥିଲେ। ମିଳିଥିବା ସୂଚନାନୁସାରେ, ଅପରାହ୍ନ ପ୍ରାୟ ୩ଟାରେ ଶହୀଦନଗର ଲେଭଲକ୍ରସିଂ ଦେଇ କାର୍‌ରେ ଘରକୁ ଫେରୁଥିଲେ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ପୁଅ ବୈଭବ। ଲେଭଲକ୍ରସିଂ ଫାଟକ ପଡ଼ିଥିବାରୁ ସେ ନିଜ କାର୍‌ରେ ବସି ଥିବାବେଳେ ହଠାତ୍ ଦୁଇଜଣ ଯୁବକ ତାଙ୍କ ଗାଡ଼ି ଉପରକୁ ଅଖା ପକାଇଥିଲେ। ଏହାଦେଖି ବୈଭବ କାର୍ ଡୋର୍ ଖୋଲି ବାହାରକୁ ଆସି ଅଖା ବାହାର କରୁଥିବାବେଳେ ଅନ୍ୟ ଦୁଇଜଣ ଯୁବକ ତାଙ୍କୁ ଟାଣିନେଇ ତାଙ୍କ ବେକରୁ ସୁନା ଚେନ୍ ଓ ହାତରୁ ସୁନା ବ୍ରେଶ୍‌ଲେଟ୍ ଲୁଟି ନେଇଥିଲେ। ବୈଭବଙ୍କ ଅଭିଯୋଗ ମୁତାବକ, ଲୁଟେରାଙ୍କୁ ସେ ମୁକାବିଲା କରୁଥିବାବେଳେ ଶାନ୍ତିପଲ୍ଲୀ ବସ୍ତିର ଜଣେ ଯୁବକ ପହଞ୍ଚି ତାଙ୍କୁ ଧରିନେବା ସହ ଲୁଟେରାଙ୍କୁ ଖସାଇ ଦେଇଥିଲେ। ଫଳରେ ବୈଭବ ଉକ୍ତ ଯୁବକଙ୍କୁ କାବୁ କରିବା ପରେ ଶହୀଦନଗର ପୋଲିସକୁ ଡକାଇ ଜିମା ଦେଇଥିଲେ। ଏଥିସହ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ମାତ୍ର ଉକ୍ତ ଯୁବକ ଜଣଙ୍କ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସକ୍ରିୟ କର୍ମୀ ଥିବାରୁ ଥାନାରେ ତାଙ୍କ ସମର୍ଥକଙ୍କ ଭିଡ଼ ଲାଗିଥିଲା। ମିଥ୍ୟା ଆରୋପ ଲଗାଯାଇଥିବା ଅଭିଯୋଗ ଆଣି ତାଙ୍କୁ ଛାଡ଼ି ଦେବାକୁ ଦାବି କରି ହୋହଲ୍ଲା କରିଥିଲେ। ଫଳରେ ପୋଲିସ ଅଡୁଆରେ ପଡିଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଲୁଟ୍ ଘଟଣାରେ କୌଣସି ମାମଲା କିମ୍ବା ପଦକ୍ଷେପ ଗ୍ରହଣ ନ କରିବାରୁ ଲୁଟ୍‌ର ଶିକାର ହୋଇଥିବା ବୈଭବଙ୍କ ପିତା ତଥା ଜିଲା କଂଗ୍ରେସ ସଭାପତି ଓ ତାଙ୍କ ସମର୍ଥକମାନେ ଥାନା ଭିତରେ ନାନା ନାରାବାଜି କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି ଓ ମାମଲା ରୁଜୁ କରିବାରେ କାହିଁକି ପଛଘୁଞ୍ଚା ଦେଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପରିସ୍ଥିତି ବିଗିଡି ଯାଉଥିବାବେଳେ ଜୋନ ଏସିପି କିଶୋର ମୁଣ୍ଡ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମାମଲା ରୁଜୁ କରି ଏତଲା କପି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଶହୀଦନଗର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

■ ଯାଜପୁର ନିର୍ବାଚନମଣ୍ଡଳୀ

ବିଜେଡି ଛାଡ଼ିଲେ ପୁରୁଖା କର୍ମୀ

ବିଧାୟକଙ୍କୁ ଶକ୍ତ ଧକ୍କା

ଯାଜପୁର ଅଫିସ,୩।୨

ଏକଚାଟିଆ ଶାସନ ଓ କର୍ମୀଙ୍କୁ ଉପେକ୍ଷା ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ଭାରି ପଡ଼ିଛି। ଗତ ୨ଦଶନ୍ଧୀରୁ ଊର୍ଦ୍ଧ୍ୱ ଧରି ଦଳ ପାଇଁ କାମ କରି ଆସୁଥିବା କର୍ମୀମାନେ ଏବେ ଦଳର ହାତ ଛାଡ଼ିଛନ୍ତି। ରବିବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କଂଗ୍ରେସର ହାତ ଧରିଛନ୍ତି। ଯାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ଏହା ଶକ୍ତ ଧକ୍କା ଲାଗିଛି । ନିର୍ବାଚନକୁ ଆଉ ମାତ୍ର ୨ମାସ ବାକି ରହିଥିବାବେଳେ ବରିଷ୍ଠ ସଂଗଠକ ତଥା ବହୁ ପୁରୁଖା କର୍ମୀ ବିଜେଡି ଛାଡ଼ିବା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୀତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।

ଗତ ଦୁଇ ଦଶନ୍ଧି ଧରି ବିଜେଡିର ଗତିପଥ ଯାଜପୁର ଜିଲାରେ କୁସୁମିତ ହୋଇଛି। ତେବେ ୨୦୧୯ ଆରମ୍ଭରୁ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳିରେ ବିଜେଡି ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ବିଧାୟକ ବବିଙ୍କ ନିଜ ଘର ଚାଳ ମୁଣ୍ଡରେ ବାଜିଲାଣି। ଦଳ ଭିତରେ ଥିବା କେତେକ ବରିଷ୍ଠ କର୍ମୀ ମେଳି ବାନ୍ଧିବା ସହ ଦଳ ଛାଡ଼ିବା ବବିଙ୍କୁ ଅଡୁଆରେ ପକାଇଛି। ଗତବର୍ଷ ମାର୍ଚ୍ଚରେ ଯାଜପୁର ପୌରପରିଷଦ ୧୫୦ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ ସହରର ରାସ୍ତାଘାଟ ଓସାରିଆ ହେବା ସହିତ ବହୁ ଚର୍ଚ୍ଚିତ କୁସୁମା ପୋଖରୀର ପୁନରୁଦ୍ଧାର ହୋଇଛି। ତେବେ କେତେକ ନିର୍ଦ୍ଦିଷ୍ଟ ବିଜେଡି କର୍ମୀ ଏଥିରେ କୋଟିପତି ହୋଇଛନ୍ତି। ଜିଲା ପ୍ରଶାସନକୁ ହାତରେ ରଖି ଏକାଧିକ ପ୍ରକଳ୍ପରେ ନିମ୍ନମାନର କାର୍ଯ୍ୟ କରି ବିଲ୍ ଭାଉଚରରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି କୁସୁମା ପୋଖରୀରେ ଆବଶ୍ୟକତାଠାରୁ ଢେର ଅଧିକ ଖର୍ଚ୍ଚ ଦର୍ଶାଯାଇ କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ଚର୍ଚ୍ଚା ହେଉଛି । ବିଧାୟକଙ୍କ ଏଭଳି ଏକଚାଟିଆ ନୀତିକୁ କେତେକ ବରିଷ୍ଠ କର୍ମୀ ବିରୋଧ କରି ଆସୁଛନ୍ତି। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଶେଷରେ ଦଳ ଛାଡ଼ିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି । ଧୀରେଧୀରେ ପୁରୁଣା ବିଜେଡି କର୍ମୀଙ୍କ ସହ ଦୂରତା ବଢିବାରେ ଲାଗିଛି। ବିଧାୟକ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବିଫଳ ହେଉଛନ୍ତି । ଦଳ ଭିତରର ବିବାଦକୁ ସାଧାରଣ ଭୋଟରଙ୍କ ନଜରଠାରୁ ହଟାଇବା ପାଇଁ କ୍ରିକେଟ ଖେଳ, ଗଣଦୌଡ଼, ରକ୍ତଦାନ ଶିବିର, ମହୋତ୍ସବ, ରାଜ୍ୟସ୍ତରୀୟ ନେତା, ବଲିଉଡ ଓ ଓଲିଉଡ ସେଲିବ୍ରିଟିଙ୍କ ଉପରେ ଭରସା କରିଛନ୍ତି। ବିଧାୟକ ବବିଙ୍କ ଏହି ନୂଆ ଫଣ୍ଡା ତାଙ୍କୁ ହିଁ ବିପଦରେ ପକାଇଛି। ୨୦୦୦ ମସିହାରୁ ବିଜେଡି ଏଠାରେ ଲଗାତାରଭାବେ ବିଜୟୀ ହୋଇଛି। ୨୦୦୦ରେ ବିଜେଡିର ସୂର୍ଯ୍ୟମଣି ଜେନା ୧୭,୪୭୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାବେଳେ ୨୦୦୪ରେ ପରମେଶ୍ୱର ସେଠୀ ୧୫,୧୭୦ ଭୋଟ, ୨୦୦୯ରେ ବବି ୬୧,୭୧୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେହିପରି ୨୦୧୪ରେ ବବି ୮୪,୬୧୩ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଯାହାକି ବବିଙ୍କଠାରେ ଅହଙ୍କାର ଓ ସ୍ୱେଚ୍ଛାଚାରିତା ବୃଦ୍ଧି କରିବାରେ କାରଣ ସାଜିଥାଇପାରେ ବୋଲି କୁହାଯାଉଛି। ଏପରି କି ବବି ଅଧିକାଂଶ ସମୟ ବାହାରେ ରହୁଥିବାରୁ କର୍ମୀଙ୍କୁ ଏକଜୁଟ କରିବାରେ ସେ ବିଫଳ ହୋଇଛନ୍ତି। ଫଳରେ ଗଡର ମୂଳଦୁଆ ଦୋହଲିବାକୁ ଆରମ୍ଭ କଲାଣି। ଆଉ ଏହା ଆଗାମୀ ନିର୍ବାଚନରେ ବିଜେଡିର ଭୋଟ ହାରକୁ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଲେଣି। ତେବେ ପୂର୍ବତନ ପୌରାଧ୍ୟକ୍ଷ ବେହେରା କହିଛନ୍ତି ବିଜେଡିରେ ନୀତି ଆଦର୍ଶ ବୋଲ କିଛି ନାହିଁ। ଏହି ଦଳରେ ସ୍ୱେଚ୍ଛାଚାରିତା ଶାସନ ଚାଲିଛି। ତେଣୁ ସେ ବିଜେଡି ଛାଡିଥିବା କହିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ମତାମତ ମିଳିପାରି ନ ଥିବାବେଳେ ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ଆଧାର କରି ଜିଲାରେ ବିଜେଡି ସଂଗଠନ ଆହୁରି ସୁଦୃଢ ହୋଇଛି। ତେଣୁ କିଏ ଦଳ ଛାଡ଼ିଲେ ବିଜେଡିକୁ କିଛି ଫରକ ପଡ଼ିବ ନାହିଁ। ଏପରି କି ଯେଉଁମାନେ ଦଳ ଛାଡ଼ି କଂଗ୍ରେସରେ ମିଶିଛନ୍ତି ସେମାନେ ଦୀର୍ଘ ବର୍ଷ ଧରି ସକ୍ରୀୟ ରାଜନୀତିରେ ନାହାନ୍ତି ବୋଲି ମହାପାତ୍ର କହିଛନ୍ତି।

ପ୍ରଦେଶ କଂଗ୍ରେସ ମୁଖ୍ୟାଳୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷଙ୍କୁ ଫୁଲମାଳ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

ଅଲିଭରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା
୧୨୦୦ କିମି ସାଇକେଲରେ ବୁଲିରେ ଦୁଇ ଯୁବକ

ପୁରୀଅଫିସ, ୩।୨

ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ଏବଂ ପୁରୀ ଉପକୂଳକୁ ପ୍ରତିବର୍ଷ ହଜାର ଜହାର ସଂଖ୍ୟାରେ ଅଲିଭ୍‌ରିଡଲେ କଇଁଛ ମିଳନ ଏବଂ ଅଣ୍ଡାଦାନ ଲାଗି ଆସିଥାନ୍ତି। କିନ୍ତୁ ବେଆଇନ ଭାବେ ହେଉଥିବା ଟ୍ରଲର ଚଳାଚଳ ଏବଂ ଜାଲରେ ପଡି ଏମାନଙ୍କ ମୃତ୍ୟୁ ଘଟିଥାଏ। ବିଭିନ୍ନ ସମୟରେ ଏମାନଙ୍କ ମୃତଦେହ ସମୁଦ୍ର ବେଳାଭୂମିରେ ଦେଖିବାକୁ ମିଳେ। ସଚେତନତା ଅଭାବରୁ ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଏହି କଇଁଛଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପୁରୀ ଜିଲାର ଲିମ୍‌କା ରେକର୍ଡଧାରୀ ୨ଯୁବକ ୧,୨୦୦କିମି ସାଇକେଲରେ ଯାତ୍ରା କରିଛନ୍ତି। ଏହି ଦୁଇଯୁବକ ହେଲେ ଅସ୍ତରଙ୍ଗ ଗୁଣ୍ଡଳବାର ସୌମ୍ୟରଞ୍ଜନ ବିଶ୍ୱାଳ (୨୧) ଏବଂ ସାକ୍ଷୀଗୋପାଳ ବଅଁପାଳର ଦିଲୀପ କୁମାର ବିଶ୍ୱାଳ (୨୦)। ଉଭୟ କଇଁଛ ମାସ୍କଟ ପରିଧାନ କରି ସେମାନେ ଓଡ଼ିଶାର ବିଭିନ୍ନ ଜିଲା ବୁଲିଛନ୍ତି। ଏହି ଯାତ୍ରା ସଫଳ କରି ଗତ ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏବଂ ମୁଖ୍ୟ ବନ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି।

■ ମଝିନଈରେ ବୁଡ଼ିଗଲା ଡଙ୍ଗା, ଜଣେ ନିଖୋଜ

ବୃଦ୍ଧଙ୍କୁ ଉଦ୍ଧାର କଲେ ସପ୍ତମ ଶ୍ରେଣୀ ଛାତ୍ର

ଲମତାପୁଟ,୩।୨(ଡି.ଏନ୍.ଏ.)

ଅସୁସ୍ଥ ମା'କୁ ଡାକ୍ତରଖାନା ନେବା ପାଇଁ ନିଜେ ଡଙ୍ଗା ଚଳାଇ ନଦୀ ପାର ହେଉଥିଲେ ସପ୍ତମ ଶ୍ରେଣୀରେ ପଢୁଥିବା ଛୋଟିଆ ବାଳକ ପଦ୍ମନ କିର୍ସାନି। ଡଙ୍ଗା ମଝିନଈରେ ହେବା ବେଳକୁ ତାଙ୍କ ଆଖିରେ ପଡ଼ିଲା, ଜଣେ ବୃଦ୍ଧ ବୁଡ଼ିଯାଉଛନ୍ତି। ଏପଟେ ଅସୁସ୍ଥ ମା', ସେପଟେ ପାଣିରେ ଜଣେ ଅସହାୟ ବୃଦ୍ଧଙ୍କ ଜୀବନ। ଏଭଳି ପରିସ୍ଥିତିରେ ସେ ସାହସ ଜୁଟାଇ ନଦୀକୁ ଲମ୍ଫ ମାରି ସେହି ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି। କୋରାପୁଟ ଜିଲା କୋଲାବ ଜଳଭଣ୍ଡାରର ଏକ ଘାଟରେ ଏଭଳି ସାହସ ଓ ମାନବିକତା ଦେଖାଇଛନ୍ତି ପଦ୍ମନ।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ବାଲିମେଳା ବ୍ଲକ୍ ଚିତାପାରି-୧ର ଗୁରୁ ହନ୍ତାଳ(୫୪) ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁଖବର ଜଣାଇବା ପାଇଁ ଦୁର୍ଲା ଗ୍ରାମକୁ ଆସିଥିଲେ। କୋରାପୁଟ ଜିଲା ଲମତାପୁଟ ବ୍ଲକ୍ କୋଲାବ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳ ଟିକରପଡ଼ା ପଞ୍ଚାୟତରେ ରହିଛି ଦୁର୍ଲା ଗାଁ। ସେଠାରେ ଖବର ଦେବା ପରେ ସମ୍ପର୍କୀୟ ଦାଦା ଗୋପୀ ହନ୍ତାଳ (୭୦)ଙ୍କ ସହ ମାଛଧରା ଡଙ୍ଗାରେ ଫେରୁଥିଲେ। ଦୁର୍ଭାଗ୍ୟକୁ ନଦୀ ମଝିରେ ଡଙ୍ଗା ବୁଡ଼ି ଯାଇଥିଲା। ସେହି ସମୟରେ ଦୁର୍ଲା ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ର ପଦ୍ମନ କିର୍ସାନି ମା'ଙ୍କ ଦେହ ଖରାପ ଥିବା ହେତୁ ତାଙ୍କୁ ହସ୍ପିଟାଲ ନେବା ପାଇଁ ନିଜେ ଅନ୍ୟ ଏକ ଡଙ୍ଗା ଚଳାଇ ନଦୀ ପାର ହେଉଥିଲେ। ଗୋପୀ ପାଣିରେ ବୁଡ଼ିଯାଇ ଚିତ୍କାର କରୁଥିବା ଦେଖିବାକୁ ପାଇଥିଲେ ପଦ୍ମନ। ସାହସ ଜୁଟାଇ ସେ ନଦୀକୁ ଲମ୍ଫମାରି ଗୋପୀଙ୍କୁ ମଝିନଈରୁ ଉଦ୍ଧାର କରିଥିଲେ। କିନ୍ତୁ ଗୁରୁଙ୍କ କୌଣସି ପତ୍ତା ମିଳି ନଥିଲା। କୋରାପୁଟ ଓଡ୍ରାଫ ଟିମ୍ ଏବଂ ନନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ ମଧ୍ୟ ଗୁରୁଙ୍କ ସନ୍ଧାନ ମିଳିପାରି ନାହିଁ।

ଉଦ୍ଧାରକାରି ବାଳକ ପଦ୍ମନ କିର୍ସାନି।

ବିଧାୟକଙ୍କ ବିରୋଧରେ ମେଳି ବାନ୍ଧିଲେ ଅସନ୍ତୁଷ୍ଟ

କଣ୍ଟାମାଳ,୩।୨(ଡି.ଏନ୍.ଏ.)

- ଟିକଟ ଦେଲେ ଦଳ ବିପକ୍ଷରେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ
- ଦୀପ ଛୁଇଁ ବିଜେଡି ନେତୃସ୍ଥାନୀୟବ୍ୟକ୍ତିଙ୍କ ଶପଥ

ବୌଦ୍ଧ ଜିଲା ସିନ୍ଧଗୋରା ଖଡଙ୍ଗ ନଦୀକୂଳରେ ରବିବାର ମଧ୍ୟାହ୍ନରେ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ବିରୋଧରେ ଅସନ୍ତୁଷ୍ଟ ମେଳି ବାନ୍ଧିଛନ୍ତି। ବିଧାୟକ ରଣାଙ୍କୁ ଆଗାମୀ ନିର୍ବାଚନରେ କଣ୍ଟାମାଳରୁ ବିଜେଡି ପ୍ରାର୍ଥୀ କରାଗଲେ ସମସ୍ତେ ଏକଜୁଟ ହୋଇ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ୫ଟି ଜୋନର ନେତୃସ୍ଥାନୀୟ ବ୍ୟକ୍ତି ଦୀପ ଛୁଇଁ ଶପଥ କରି ମହିଧର ହଟାଓ ଅଭିଯାନ ଆରମ୍ଭ କରିଛନ୍ତି।

୧ ନମ୍ବର ଜୋନର ବରିଷ୍ଠ କର୍ମୀ ବେଣୁଧର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନର ଯୁବ ମୋର୍ଚ୍ଚା ରାଜ୍ୟ ଜୋନାଲ ସଭାପତି ଅଶୋକ ସାହୁ କହିଛନ୍ତି ଯେ, ୫ ବର୍ଷରେ କଣ୍ଟାମାଳ ଅଞ୍ଚଳର କୌଣସି ବିକାଶ ହୋଇନାହିଁ। ଏନେଇ କର୍ମୀଙ୍କ ଆତ୍ମସମ୍ମାନ କ୍ଷୁଣ୍ଣ ହୋଇଥିବା ଅଭିଯୋଗ କରିଥିଲେ। କଣ୍ଟାମାଳ ବାର ଆସୋସିଏଶନ ସଭାପତି ଦୁତିଆ ଚରଣ ସାହୁ, ପୂର୍ବତନ ବିଧାୟକ ଭଗବାନ କହଁର, ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ବିଧାୟକଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରି ବିକଳ୍ପ ନେତୃତ୍ୱ ନେଇ ମତବ୍ୟକ୍ତ କରିଥିଲେ। ସେହିଭଳି ଅନ୍ୟ ଜଣେ ବରିଷ୍ଠ ନେତା ବାଳମକୁନ୍ଦ ମେହେର ବିଧାୟକଙ୍କ ବିପକ୍ଷରେ ମତ ରଖିଥିଲେ। ସେହିପରି ଲିଂଗ ଜଗଦଲା, ଶିକ୍ଷାବିତ ସୁଧାଂଶୁ ମିଶ୍ର, ଯୁବନେତା ସୁରଥ ମିଶ୍ର, ଶ୍ରୀକାନ୍ତ ମିଶ୍ର , ଆଇନଜୀବୀ ଯୋଗେଶ ପ୍ରସାଦ ନାୟକ, ମନୋଜ ଶର୍ମା , ଚାଷୀ ଗୋପବନ୍ଧୁ ସାହୁ , ସରପଞ୍ଚ ସଂଘ ସଭାପତି ପ୍ରମୋଦ ରଣା, ଜୀତେନ୍ଦ ପ୍ରସାଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କ ମନୋମୁଖୀ କାର୍ଯ୍ୟକୁ ନାପସନ୍ଦ କରିଥିଲେ। ପୂର୍ବରୁ ଛପରାଠାରେ ବିଧାୟକ ରଣାଙ୍କ ବିପକ୍ଷରେ ଏକ ଜନ ସମାବେଶ ଆୟୋଜିତ ହୋଇଥିଲା।

ତେବେ ଖଡଙ୍ଗ ନଦୀ କୂଳ ସଭାରେ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ଓ ଆଦିବାସୀ ନେତା ଉପସ୍ଥିତ ଥିବାରୁ ବିଧାୟକଙ୍କ ପାଇଁ ଏହା ଚିନ୍ତାର ବିଷୟ ହୋଇଛି ବୋଲି ଆଲୋଚନା ହେଲାଣି। ଏନେଇ ବିଧାୟକ ମହିଧର ରଣାଙ୍କୁ ପଚାରିବାରୁ ଏହା ଆଶୟୀ ପ୍ରାର୍ଥୀଙ୍କ ମେଳି, ମୋ' ଲୋକପ୍ରିୟତାକୁ ସହି ପାରୁ ନାହାନ୍ତି। ଲୋକ ଜାଣିଛନ୍ତି ମୁଁ କ'ଣ କରିଛି ବୋଲି ସେ ମତ ରଖିଛନ୍ତି।

ପାଇକ ମେଳି ନୁହଁ ଓଡ଼ିଶା ମେଳି ହେବା କଥା

ଓଡ଼ିଶାର ସବୁବର୍ଗର ଜନସାଧାରଣ ପାଇକ ଯୁଦ୍ଧରେ ସାମିଲ ଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

୧୮୧୭ ମସିହାର ଯୁଦ୍ଧକୁ ଆମେ ଗଣଯୁଦ୍ଧ କହିବାର ଅର୍ଥ ଖୁବ୍ ସରଳ। ବାସ୍ତବରେ ସମଗ୍ର ଓଡ଼ିଶାର ପାଇକବାହିନୀ ଏବଂ ସାଧାରଣ ଜନତା ଏଥିରେ ସାମିଲ ହୋଇଥିଲେ। ବକ୍ସି ଜଗବନ୍

ଔଷଧ ବ୍ୟବହାର

ଡା. ନିତ୍ୟାନନ୍ଦ ସ୍ୱାଇଁ



ଔଷଧ ସହ ଆମେ ସମସ୍ତେ ପରିଚିତ। ଶରୀରଟି ରୋଗର ବସା ହୋଇଥିବାରୁ କୌଣସି ରୋଗର ଚିକିତ୍ସା ପାଇଁ ଆମେ ଔଷଧ ଉପରେ ନିର୍ଭର କରିବା ଲାଗି ବାଧ୍ୟ। କାରଣ କେତେବେଳେ କେଉଁ ରୋଗ ଆସି ଶରୀରରେ ଉଭା ହୋଇ ପଡିବ ତାହା ଆମକୁ ଅଜଣା। ଯାହାହେଉ ଔଷଧ ପ୍ରତି ଅସାବଧାନ ହୋଇ ବେପରୁଆ ମନୋଭାବ ପୋଷଣ କରିବା ଆଦୌ ନିରାପଦ ନୁହେଁ। ପ୍ରତ୍ୟେକେ ଜାଣି ରଖିବା ଉଚିତ ଯେ ଔଷଧ ଜୀବନ ରକ୍ଷା କରେ, ପୁଣି ଔଷଧ ଜୀବନ ନେଇଯାଏ ମଧ୍ୟ। ଏପରି କି ଯେଉଁ ଔଷଧଟି ଆମ ରୋଗରୁ ଆରୋଗ୍ୟ କରି ବଞ୍ଚେଇ ଦିଏ, ସେହି ଔଷଧଟି ମଧ୍ୟ ଠିକ୍ ଭାବରେ ବ୍ୟବହାର ନ କଲେ ଜୀବନ ପ୍ରତି ସୃଷ୍ଟି କରେ ସଙ୍କଟ। ସେଥିପାଇଁ ଔଷଧ ବ୍ୟବହାର ସମ୍ପର୍କରେ ଆମ ସମସ୍ତଙ୍କର କେତେକ ସାଧାରଣ ଧାରଣା ରହିବା ବାଞ୍ଛନୀୟ।

ଆମେ ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉ ସେତେବେଳେ ସେ ଆମକୁ ନାନା ପ୍ରଶ୍ନ ପଚାରିଥାଆନ୍ତି। ତାଙ୍କର ପ୍ରଶ୍ନଗୁଡିକ ରୋଗ ନିର୍ଣ୍ଣୟ ଓ ଔଷଧ ବ୍ୟବସ୍ଥା କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୟସ କେତେ ବୋଲି ଜାଣିଲେ ସେ ସେହି ଅନୁସାରେ ଔଷଧର ମାତ୍ରା ସ୍ଥିର କରିଥାନ୍ତି। ପିଲା ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଔଷଧର ମାତ୍ରା ସମାନ ନ ହେବା ସ୍ୱାଭାବିକ। ସେହିପରି ରୋଗର ତୀବ୍ରତା ମଧ୍ୟ ଔଷଧର ପ୍ରକାର ଓ ମାତ୍ରା ନିର୍ଦ୍ଧାରଣକୁ ପ୍ରଭାବିତ କରିଥାଏ। ପୁଣି ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ସେହି ରୋଗ ମଧ୍ୟ ଅନ୍ତ୍ରନଳୀରୁ ଔଷଧର ଶୋଷଣ, ଦେହ ଭିତରେ ତା'ର ଚୟାପଚୟ କିମ୍ବା ଔଷଧର ନିଷ୍କାସନ ଉପରେ ପ୍ରଭାବ ପକାଇପାରେ।

ଉଦାହରଣସ୍ୱରୂପ ବୃକକ୍ ବା କିଡ୍‌ନୀ ରୋଗ ଥିଲେ ରୋଗୀ ଶରୀରରୁ କେତେକ ଧରଣର ଔଷଧର ନିଷ୍କାସନ ଆଶାନୁରୂପ ହୋଇ ନ ଥାଏ। ଫଳରେ ନିଷ୍କାସିତ ହୋଇ ନ ପାରି ସେହି ଔଷଧ ଦେହରେ ଜମିଯାଏ ଏବଂ ବିଭିନ୍ନ ଜଟିଳତା ସୃଷ୍ଟିର କାରଣ ହୋଇପଡେ। ସେହିପରି ଯକୃତ ବା ଲିଭର ବେମାରି ଥିଲେ ମଧ୍ୟ କେତେକ ଔଷଧ ଶରୀରରେ ଠିକଭାବରେ ଚୟାପଚୟ ହୋଇ ପାରେନି କି ନିଷ୍କାସିତ ହୋଇପାରେନି। ସୁତରାଂ ଯେଉଁ ରୋଗଟିର ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯିବେ, ସେହି ରୋଗଟିର ଲକ୍ଷଣ ଇତ୍ୟାଦି ଡାକ୍ତରଙ୍କୁ ଜଣେଇବା ସହ ନିଜେ ଭୋଗିଥିବା କିମ୍ବା ଭୋଗୁଥିବା ରୋଗଗୁଡିକ ସମ୍ପର୍କରେ ମଧ୍ୟ ତାଙ୍କୁ ଅବଗତ କରେଇଦେବା ନିରାପଦ। ଏବେ ଭୋଗୁଥିବା ଲକ୍ଷଣଗୁଡିକ ସହ ପୂର୍ବରୋଗର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଏ ସମ୍ପର୍କରେ ଡାକ୍ତରଙ୍କୁ କହିଦେବା ଭଲ । କାରଣ ଏବକାର ରୋଗର ଚିକିତ୍ସା ପାଇଁ ଔଷଧମାନ ନିର୍ବାଚନ କରିବାରେ ଏହା ଡାକ୍ତରଙ୍କ ନିମିତ୍ତ ସହାୟକ ହୋଇଥାଏ।

ଏହା ବ୍ୟତୀତ ଡାକ୍ତରଙ୍କୁ ଜଣେଇବାର ଅଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ତାହା ହେଲା ଆପଣଙ୍କର ଯଦି କୌଣସି ଔଷଧ ପ୍ରତି ଆଲର୍ଜି ଥାଏ, ତେବେ ଏ ସମ୍ପର୍କରେ ତାଙ୍କୁ ନିଶ୍ଚୟ ଅବଗତ କରେଇବେ। ଆଲର୍ଜିକୁ ଚିହ୍ନିବାରେ ବିଶେଷ ସମସ୍ୟା ନାହିଁ। କୌଣସି ଔଷଧ ପ୍ରତି ଆଲର୍ଜି ଥିଲେ ସେହି ଔଷଧ ନେବା ପରେ ଚର୍ମରେ ଅଗିଆବାତ ଫଳିଯାଇ କୁଣ୍ଡେଇ ହୁଏ। ଚର୍ମରେ ରିବି ରିବି ନାଲି ନାଲି ହୋଇ ଫଳିଯାଇପାରେ। ନାକ ଚୁଣ୍ଟି ହୋଇ ଛିଙ୍କ ହୋଇପାରେ। କଷ୍ଟ ହୋଇପାରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ। ପୁଣି କୌଣସି ଔଷଧ ଖାଇବା ପରେ ପେଟ ଗୋଳମାଳ ଆରମ୍ଭ ହୋଇଯାଉଥିଲେ ତାହା ମଧ୍ୟ ଡାକ୍ତରଙ୍କ ଦୃଷ୍ଟିକୁ ଆଣିବା ଦରକାର। ଏହା ଜାଣିଲେ ସେ ଏଥିପାଇଁ ବ୍ୟବସ୍ଥା କରିପାରିବେ।

ଡାକ୍ତରଙ୍କୁ ମଧ୍ୟ ନିଜେ ଖାଉଥିବା ଅନ୍ୟାନ୍ୟ ସବୁ ଔଷଧର ନାଆଁ କହିବେ। ଆପଣ ହୁଏତ ଖାଉଥିବେ ଭିଟାମିନ ଔଷଧ। ଖାଉଥିବେ ଯନ୍ତ୍ରଣା ନିବାରଣ କରିପାରୁଥିବା ଔଷଧ। କେହି କେହି ଥାଇପାରନ୍ତି ଡାଇବେଟିସ, ଉଚ୍ଚ ରକ୍ତଚାପ କି ହୃଦ୍‌ରୋଗ ଚିକିତ୍ସାରେ। ହୋମିଓପ୍ୟାଥି ଏବଂ ଆୟୁର୍ବେଦ ଔଷଧ ବ୍ୟବହାର କରୁଥିଲେ, ଏକଥା ମଧ୍ୟ କହିବେ ଡାକ୍ତରଙ୍କୁ। ତେବେ ଆପଣ ହୁଏତ ଭାବିପାରନ୍ତି, ଅନ୍ୟ ଔଷଧଗୁଡିକ ବିଷୟରେ ଡାକ୍ତରଙ୍କୁ କାହିଁକି ଜଣେଇବେ।

ଜାଣି ରଖନ୍ତୁ ଯେ ବିଭିନ୍ନ ଔଷଧ ମଧ୍ୟ ପାରସ୍ପରିକ କ୍ରିୟାରେ ଜଡିତ ହୋଇପଡନ୍ତି। କୌଣସି ଔଷଧ ଅନ୍ୟ ଔଷଧର ଶୋଷଣକୁ ବାଧା ଦେଇଥାଏ। ସେହିପରି କୌଣସି ଔଷଧ ଅନ୍ୟ କେତେକ ଔଷଧର କାର୍ଯ୍ୟକାରିତାକୁ ବଢେଇ ଦେଇପାରେ କିମ୍ବା କମେଇ ଦେଇପାରେ ମଧ୍ୟ। ସେଥିପାଇଁ ଡାକ୍ତର ଆପଣ ବ୍ୟବହାର କରୁଥିବା ଔଷଧଗୁଡିକ ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ। ତେବେ ଆପଣ ବ୍ୟବହାର କରୁଥିବା ଔଷଧଗୁଡିକର ନାଆଁ ମନେ ରଖି ନ ଥିଲେ ସେହି ଔଷଧଗୁଡିକୁ ସାଙ୍ଗରେ ନେଇ ଡାକ୍ତରଙ୍କ ନିକଟକୁ ଯିବା ଉଚିତ।

ମହିଳା ରୋଗୀ ଗର୍ଭବତୀ ହୋଇଥିଲେ କି ଗର୍ଭ ହୋଇଛି ବୋଲି ସନ୍ଦେହ କରୁଥିଲେ କିମ୍ବା ଶିଶୁକୁ ସ୍ତନ୍ୟପାନ କରାଉଥିଲେ, ଏହା ମଧ୍ୟ ଡାକ୍ତରଙ୍କୁ ଜଣେଇବେ। କାରଣ ଏପରି କେତେକ ଔଷଧ ଅଛି ଯାହା ଗର୍ଭ ଫୁଲ ବା ପ୍ଲାସେଣ୍ଟା ମାଧ୍ୟମରେ ଗର୍ଭସ୍ଥ ଭ୍ରୂଣର ଶରୀରରେ ପ୍ରବେଶକରି ତା'ର କ୍ଷତି କରିଥାଏ। ସେଥିପାଇଁ ଗର୍ଭବତୀ ମହିଳାମାନେ ଡାକ୍ତରଙ୍କୁ ନ ପଚାରି କୌଣସି ଔଷଧ ଖାଇବା ଉଚିତ ନୁହେଁ। କେତେକ ଔଷଧ ମାଆ କ୍ଷୀରରେ କ୍ଷରିତ ହୋଇଥାଏ ମଧ୍ୟ।

ନିଜ ଆଡୁ ଡାକ୍ତରଙ୍କୁ କିଛି ବିଷୟ ପଚାରି ବୁଝିନେବା ଉଚିତ। ଅନେକ ରୋଗୀ ଡାକ୍ତରଙ୍କୁ ପ୍ରଶ୍ନ ପଚାରିବା ପାଇଁ ଭୟ କରିଥାନ୍ତି। କେତେକ ଡାକ୍ତର ମଧ୍ୟ ରୋଗୀଙ୍କୁ ପ୍ରଶ୍ନ ପଚାରିବା ନିମନ୍ତେ ଉତ୍ସାହିତ କରନ୍ତିନି। ବରଂ ରୋଗୀ କିଛି ପଚାରିଲେ ପ୍ରତିକ୍ରିୟା ପ୍ରକାଶ କରି ଚିଡି ଉଠନ୍ତି। ମାତ୍ର ଡାକ୍ତରମାନେ ଏପରି କରିବା ଆଦୌ ଉଚିତ ନୁହେଁ। ତେବେ ଡାକ୍ତରଙ୍କଠାରୁ ସହଯୋଗର ମନୋଭାବ ପ୍ରକାଶ ପାଇଲେ ତାଙ୍କୁ ନିମ୍ନଲିଖିତ କେତୋଟି ପ୍ରଶ୍ନ ପଚାରି ବୁଝିନେଲେ ତାହା ଯଥେଷ୍ଟ ହିତସାଧନ କରିଥାଏ।

ଡାକ୍ତରଙ୍କୁ ପଚାରିବେ : ମୋତେ ଦିଆଯାଉଥିବା ଔଷଧଗୁଡ଼ିକର ନାଆଁ କ'ଣ ଓ ତାହା କିପରି ମୋତେ ସାହାଯ୍ୟ କରିପାରିବ ? ଔଷଧଗୁଡ଼ିକୁ ମୁଁ କେମିତି ଓ କେତେବେଳେ ବ୍ୟବହାର କରିବି ? ଔଷଧ ବ୍ୟବହାର କରିବି କେତେଦିନ ଧରି ?

ଚିକିତ୍ସାରେ ରହିଥିବାବେଳେ : (କି କି ଖାଦ୍ୟ ଖାଇବି/ଖାଇବିନି ? ଚା', କଫି, ମଦ ଇତ୍ୟାଦି ପିଇବି ନା ପିଇବିନି ? ଧୂମପାନ କରିବି କି ନାହିଁ ? ଗାଡ଼ି ଚଳେଇବି କି ନାହିଁ ?) ଔଷଧଗୁଡ଼ିକର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଅଛି କି ? କୌଣସି ଜଟିଳତା ପ୍ରକାଶ ପାଇଲେ ଏହାର କି ପ୍ରତିକାର କରିବି ? ଔଷଧ ବ୍ୟବହାର କରିବା ପାଇଁ ଥରେ ଅଧେ ଭୁଲି ହୋଇଗଲେ କ'ଣ କରିବି ?

ସୁତରାଂ ଡାକ୍ତରଙ୍କ ପରାମର୍ଶ କୋଠରି ଛାଡ଼ିବା ପୂର୍ବରୁ ଡାକ୍ତରଙ୍କୁ ପଚାରି ନିଜର ସମସ୍ତ ସନ୍ଦେହ ଦୂର କରିନେବା ଉଚିତ। ମନେରଖନ୍ତୁ ଯେ, ନିଜ ରୋଗ ଏବଂ ଚିକିତ୍ସା ସମ୍ପର୍କିତ ସମସ୍ତ ପ୍ରେସ୍‌କ୍ରିପ୍‌ସନ, ପରୀକ୍ଷାନିରୀକ୍ଷା ରିପୋର୍ଟ ଇତ୍ୟାଦିକୁ କ୍ରମଅନୁସାରେ ସାଇତି ରଖିବେ। ପରବର୍ତ୍ତୀ ଅସୁସ୍ଥତାର ଚିକିତ୍ସାରେ ଏହା ଖୁବ୍ ସାହାଯ୍ୟ କରିଥାଏ। ଔଷଧର ନାଁ ସହ ପୂର୍ବରୁ ପରିଚିତ ଥିଲେ ମଧ୍ୟ ବଜାରରୁ ଔଷଧ କିଣିବାବେଳେ ଓ ଔଷଧ ବ୍ୟବହାର କରିବା ପୂର୍ବରୁ ଔଷଧର ନାଁ ଓ ତା'ର ପ୍ରୟୋଗବିଧି ପୁନର୍ବାର ପଢ଼ିନେବେ। କେଉଁ ଔଷଧକୁ ଭୋଜନ ପୂର୍ବରୁ ଖାଇବେ ଓ କେଉଁ ଔଷଧକୁ ଭୋଜନ ପରେ ଖାଇବେ ତାହା ପ୍ରେସ୍‌କ୍ରିପ୍‌ସନ୍‌କୁ ପଢ଼ି ଜାଣିନେବେ।

> ''ଔଷଧ ପ୍ରତି ଅସାବଧାନ ହୋଇ ବେପରୁଆ ମନୋଭାବ ପୋଷଣ କରିବା ଆଦୌ ନିରାପଦ ନୁହେଁ । ପ୍ରତ୍ୟେକେ ଜାଣି ରଖିବା ଉଚିତ ଯେ ଔଷଧ ଜୀବନ ରକ୍ଷା କରେ, ପୁଣି ଔଷଧ ଜୀବନ ନେଇଯାଏ ମଧ୍ୟ। ଏପର କି ଯେଉଁ ଔଷଧଟି ଆମ ରୋଗକୁ ଆରୋଗ୍ୟ କରି ବଞ୍ଚେଇ ଦିଏ, ସେହି ଔଷଧଟି ମଧ୍ୟ ଠିକ ଭାବରେ ବ୍ୟବହାର ନ କଲେ ଜୀବନ ପ୍ରତି ସୃଷ୍ଟି କରେ ସଙ୍କଟ । ସେଥିପାଇଁ ଔଷଧ ବ୍ୟବହାର ସମ୍ପର୍କରେ ଆମ ସମସ୍ତଙ୍କର କେତେକ ସାଧାରଣ ଧାରଣା ରହିବା ବାଞ୍ଛନୀୟ।''

–ଅଭୀପ୍‌ସା, ସେକ୍ଟର–୬,
ପ୍ଲଟ୍ ନଂ–୧୧୩୧,
ଅଭିନବ ବିଡ଼ାନାସୀ, କଟକ
ମୋ–୯୪୩୭୭୬୬୧୧୭

ଅଳ୍ପରେ...

ଜିନ୍ କାର୍ଯ୍ୟଧାରା ଓ ଓଜନ ବୃଦ୍ଧି : ଆଜିକାଲି ଅନେକ ଓଜନ ବୃଦ୍ଧି ସମସ୍ୟା ସହ ଜଡିତ। ନିକଟରେ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ସ୍ୱାସ୍ଥ୍ୟବିଜ୍ଞାନୀମାନେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ଏକ ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଆମ ଶରୀର ଭିତରେ ଥିବା କେତେକ ଜିନ୍ କାର୍ଯ୍ୟଧାରାକୁ ପ୍ରତିହତ କରାଯାଏ ତେବେ ଓଜନ କମିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ନେଇ ସେମାନେ ଅଧିକ ତଥ୍ୟ ଜାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

ବ୍ୟବହାରକୁ ପ୍ରଭାବିତ କରେ ଟାଟୁ : ସାଧାରଣତଃ ଟାଟୁ କରିବା ଯୁବପିଢ଼ିଙ୍କ ପାଇଁ ଏକ ଫ୍ୟାଶନ ପାଲଟି ଗଲାଣି। ହେଲେ ଏହାର ପ୍ରଭାବ ସମ୍ପୃକ୍ତ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ବିଷୟବସ୍ତୁକୁ ନେଇ ହୋଇଥିବା ଏକ ସର୍ଭେରୁ ଏହା ଜଣାପଡିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୨୫ ପ୍ରତିଶତ ବ୍ୟକ୍ତିଙ୍କ ବ୍ୟବହାରରେ ଧୀରେ ଧୀରେ ରୁକ୍ଷ ହେଉଥିବାର ଦେଖିବାକୁ ମିଳିଥିଲା।



ଷ୍ଟେମ ସେଲ୍‌ରୁ ହୋଇପାରେ ଡାଇବେଟିସ୍ ଚିକିତ୍ସା : ଡାଇବେଟିସ୍ ଏପରି ଏକ ରୋଗ ଯାହାକୁ ଔଷଧ ହେଉ ଅବା ଖାଦ୍ୟ ଦ୍ୱାରା ନିୟନ୍ତ୍ରଣରେ ରଖାଯାଇଥାଏ। ହେଲେ ଏହା ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ବୋଲି ଯୁକ୍ତି ବାଢ଼ିଛନ୍ତି ୱାଶିଂଟନ୍ ୟୁନିଭର୍ସିଟି ସ୍କୁଲ ଅଫ ମେଡିସିନ୍‌ର ବିଶେଷଜ୍ଞମାନେ। ସେମାନେ ଆଶା ପ୍ରକାଶ କରିଛନ୍ତି ଯେ ଯଦି ଷ୍ଟେମ୍ ସେଲ୍‌କୁ ଇନସୁଲିନ୍‌ରେ ରୂପାନ୍ତରିତ କରାଯାଇପାରନ୍ତା ତେବେ ଏହି ରୋଗକୁ ପ୍ରାୟ ନିୟନ୍ତ୍ରଣରେ ରଖି ହୁଅନ୍ତା। ତେବେ ଏଭଳି ଉକ୍ତି ଉପରେ ଆହୁରି କେତେ ସତ୍ୟତା ରହିଛି ତାହା ଜାଣିବାକୁ ସେମାନେ ଉଦ୍ୟମ ଚାଲୁ ରଖିଛନ୍ତି।

ସ୍ୱାସ୍ଥ୍ୟ ସୂଚନା

❖ଅବସାଦଗ୍ରସ୍ତ ହୋଇଥିଲେ ତାହାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେଥିପାଇଁ ଚେଷ୍ଟା କରନ୍ତୁ।

❖ମାନସିକ ଶାନ୍ତି ପାଇବାର ଏକ ସହଜ ଉପାୟ ରହିଛି। ତାହା ହେଲା ଯୋଗ। ତେଣୁ ପ୍ରତିଦିନ ସକାଳେ କିଛି ସମୟ ଯୋଗ କରନ୍ତୁ।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେଉଥିବା ସମୟରେ କୌଣସି କାରଣକୁ ଲୁଚାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଏହାଦ୍ୱାରା ଚିକିତ୍ସା ପ୍ରଣାଳୀରେ ବାଧା ସୃଷ୍ଟି ହେବା ସହ ଉକ୍ତ ରୋଗରୁ ଆପଣ ଆରୋଗ୍ୟ ହେବାରେ ବାଧକ ସାଜିଥାଏ।

❖ଖାଦ୍ୟ ଖାଇବା ସମୟରେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ। କାରଣ ଅସନ୍ତୁଳିତ ଖାଦ୍ୟ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

❖ସନ୍ତୁଳିତ ଜୀବନଶୈଳୀକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ସୁସ୍ଥ ରଖିଥାଏ।

❖ବୟସ ବଢ଼ିବା ସହ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେଣୁ ଏହି ସମୟରେ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ।

ବେପାରୁଆ ଡ୍ରାଇଭିଂ ରୋକିବ ଡିଭାଇସ୍

ଆଜିକାଲି ବେପାରୁଆ ଡ୍ରାଇଭିଂ ଯୋଗୁ ଅନେକ ଅକାଳରେ ପ୍ରାଣ ହରାଉଛନ୍ତି। ପୁଣି କେତେକ ଗୁରୁତର ଆହତ ହେଉଛନ୍ତି। ତେବେ ଏହାକୁ କିପରି ରୋକଯାଇପାରିବ ତାହାର ଏକ ଉପାୟ ଖୋଜି ପାଇଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ବୈଜ୍ଞାନିକମାନେ। ସେମାନେ ଏପରି ଏକ ଉଚ୍ଚ ଶକ୍ତି ସମ୍ପନ୍ନ ଡିଭାଇସ ପ୍ରସ୍ତୁତ କରିଛନ୍ତି ଯାହା ବେପାରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ସତର୍କ କରାଇ ଦେଇପାରିବ। ଉକ୍ତ ଡିଭାଇସ୍‌କୁ ଗାଡିରେ ସଂଯୋଗ କରିବା ପରେ ତାହା କାର୍ଯ୍ୟ କରିବା ଆରମ୍ଭ କରିଥାଏ। ଯେତେବେଳେ ଡ୍ରାଇଭର ଗାଡି ଚାଳନାରେ ବ୍ୟତିକ୍ରମ ସୃଷ୍ଟି କରେ ସେତେବେଳେ ସେ ଏକ ପ୍ରକାର ସାଉଣ୍ଡ ଦ୍ୱାରା ତାଙ୍କୁ ସତର୍କ କରିଦିଏ। ଫଳରେ ଡ୍ରାଇଭର ସତର୍କ ହୋଇ ନିୟନ୍ତ୍ରଣରେ ଗାଡି ଚଳାଇଥାଏ। ପରୀକ୍ଷାମୂଳକ ଭାବରେ ଏହାକୁ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହାସତ୍ତ୍ୱେ ଗାଡି ଚଳାଇବା ସମୟରେ ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

ପିଲାଙ୍କ ବୁଦ୍ଧିମତ୍ତା ଓ ଡିଜିଟାଲ ଡିଭାଇସ

ବର୍ତ୍ତମାନ ଡିଜିଟାଲ ଯୁଗ। କମ୍ପ୍ୟୁଟର, ମୋବାଇଲ ଏବଂ ବିଭିନ୍ନ ପ୍ରକାର ଇଲେକ୍‌ଟ୍ରୋନିକ ଗେଜେଟ୍‌ର ବ୍ୟବହାର ଦିନକୁ ବଢ଼ି ଚାଲିଛି। କେବଳ ଯୁବପିଢ଼ି ନୁହେଁ, ଛୋଟ ପିଲା ମଧ୍ୟ ନିଜକୁ ଏହା ସହ ସାମିଲ କରିବାକୁ ପଛାଉ ନାହାନ୍ତି। ଯଦି ଛୋଟ ପିଲା ଏଭଳି ଜିନିଷ ବ୍ୟବହାର କରୁଛନ୍ତି, ତେବେ ତାହାର ଅନେକାଂଶରେ ସୁପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ। ଛୋଟ ପିଲା ଡିଜିଟାଲ ଡିଭାଇସଗୁଡିକୁ ବ୍ୟବହାର କଲେ ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ହେଲେ ଏହାର ଅଯଥା ବ୍ୟବହାର ପ୍ରତି ସେମାନେ ସଚେତନ ହେବା ନିହାତି ଦରକାର। ଯଦି ସେମାନେ ଆବଶ୍ୟକତାଠାରୁ ଅଧିକ ସମୟ ଡିଜିଟାଲ ଡିଭାଇସ ବ୍ୟବହାର କରୁଛନ୍ତି, ତେବେ ତାହା ସେମାନଙ୍କର କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଡିଜିଟାଲ ଡିଭାଇସ୍ ବ୍ୟବହାର ଦ୍ୱାରା ପିଲାମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି, ସେ ସମ୍ପର୍କରେ ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ପିଲାମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ପିଲାଙ୍କର ବୁଦ୍ଧିମତ୍ତାର ବିକାଶ ପଛରେ ଡିଜିଟାଲ ଡିଭାଇସ ବ୍ୟବହାରର ଭୂମିକା ଅନେକାଂଶରେ ଥିଲା ବୋଲି ଏହି ସର୍ଭେରୁ ଜଣାପଡ଼ିଥିଲା। ହେଲେ ପିଲାମାନେ ଏକ ସୀମିତ ସମୟ ପାଇଁ ଏହାକୁ ବ୍ୟବହାର କରିବା ଆବଶ୍ୟକ।

ବିଳମ୍ବରେ ଖାଦ୍ୟ ଖାଇଲେ

ବ୍ୟସ୍ତମୟ ଜୀବନଶୈଳୀର କୁପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ କାର୍ଯ୍ୟଚାପ ଯୋଗୁ କେତେକ ଠିକ୍ ସମୟରେ ଖାଦ୍ୟ ଖାଇପାରି ନ ଥାନ୍ତି। ବିଳମ୍ବରେ ଭୋଜନ କରିବା ସହ ଶୟନ କ୍ଷେତ୍ରରେ ଅନିୟମିତତା ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ବିଳମ୍ବରେ ଖାଦ୍ୟ ଖାଇଲେ ବୁଦ୍ଧିମତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞମାନେ। ଯେଉଁମାନଙ୍କର ବିଳମ୍ବରେ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେଭଳି କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା କେତେ ପ୍ରଭାବିତ ହେଉଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା କମୁଥିବାର ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

ସଂକ୍ଷେପରେ

ପି.ଭି. ଭାରତୀ କର୍ପୋରେଶନ ବ୍ୟାଙ୍କ ସିଇଓ

ନୂଆଦିଲ୍ଲୀ,୩-୨: କାନାରା ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପି.ଭି.ଭାରତୀ କର୍ପୋରେଶନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭାବେ ଦାୟିତ୍ୱ ନେଇଛନ୍ତି। ରବିବାର ବ୍ୟାଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ପ୍ରଥମ ମହିଳା ଭାବେ ସେ ବ୍ୟାଙ୍କର ଶୀର୍ଷ ପଦରେ ଅଧିଷ୍ଠିତ ହୋଇଛନ୍ତି। ୨୦୧୬ ସେପ୍ଟେମ୍ବର ୧୫ରୁ ସେ କାନାରା ବ୍ୟାଙ୍କରେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ କାର୍ଯ୍ୟ କରି ଆସୁଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ୩୭ ବର୍ଷର ଅଭିଜ୍ଞତା ରହିଛି। ସେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ତଥା ତାମିଲନାଡୁରେ ବିଭିନ୍ନ ଶାଖାରେ କାମ କରିଛନ୍ତି। ତାଙ୍କ ନିକଟରେ ଗ୍ରାମୀଣ, ଅର୍ଦ୍ଧସହରାଞ୍ଚଳ, ସହରାଞ୍ଚଳ ଏବଂ ମେଟ୍ରୋ ଶାଖାରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି।

୭ରେ ମୁଦ୍ରାନୀତି ଘୋଷଣା

ମୁମ୍ବାଇ,୩-୨: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୬ଷ୍ଠ ମୁଦ୍ରାନୀତି ବୈଠକ ଆସନ୍ତା ୫ରୁ ଆରମ୍ଭ ହୋଇ ୭ରେ ଶେଷ ହେବ। ଗଭର୍ନର ଭାବେ ଶକ୍ତିକାନ୍ତ ଦାସ ଦାୟିତ୍ୱ ନେବା ପରେ ଏହା ହେବ ତାଙ୍କର ପ୍ରଥମ ବୈଠକ ଓ ଏଥିରେ ସେ ଅଧକ୍ଷତା କରିବେ। କେନ୍ଦ୍ରୀୟ ବ୍ୟାଙ୍କ କ୍ରମାଗତ ଭାବେ ଦ୍ୱିତୀୟ ଥର ସୁଧ ହାର ଅପରିବର୍ତ୍ତିତ ରଖିପାରନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଡ.ଉର୍ଜିତ ପଟେଲଙ୍କ ଇସ୍ତଫା ପରେ ଅର୍ଥ ମନ୍ତ୍ରଣାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ପୂର୍ବତନ ବ୍ୟୁରୋକ୍ରାଟ ଶକ୍ତିକାନ୍ତ ଗତ ବର୍ଷ ଡିସେମ୍ବରରେ ଗଭର୍ନର ଭାବେ ଦାୟିତ୍ୱ ନେଇଛନ୍ତି। ବର୍ତ୍ତମାନ ରେପୋ ରେଟ ୬.୫% ରହିଥିବା ବେଳେ ଅନ୍ତରାଣ ବଜେଟ ମୁଦ୍ରା ନୀତି ସମୀକ୍ଷାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି।

୯ରେ ଆର୍‌ବିଆଇ ବୋର୍ଡକୁ ଉଦ୍‌ବୋଧନ ଦେବେ ଗୋୟଲ

ନୂଆଦିଲ୍ଲୀ,୩-୨: ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବେ। ଏଥିରେ ସେ ଅନ୍ତରାଣ ବଜେଟର ମୁଖ୍ୟ ବିନ୍ଦୁଗୁଡ଼ିକୁ ଉପସ୍ଥାପନ କରିବେ। ସୂଚନାଥାଉ କି, ଆର୍‌ବିଆଇର ୬ଷ୍ଠ ମୁଦ୍ରାନୀତି ଘୋଷଣାର ଦୁଇଦିନ ପରେ ଏହି ବୈଠକ ହେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଏହି ବୈଠକରେ ସରକାରଙ୍କୁ ଅନ୍ତରାଣ ଲାଭାଂଶ ପ୍ରଦାନ ନେଇ ଆଲୋଚନା କରାଯିବ। କେନ୍ଦ୍ରୀୟ ବ୍ୟାଙ୍କର ପ୍ରଥମ ୬ମାସର ଆର୍ଥିକ ସ୍ଥିତି ଆଧାରରେ ସରକାରଙ୍କୁ ପ୍ରାୟ ୨୮ ହଜାର କୋଟି ଟଙ୍କାର ଲାଭାଂଶ ମିଳିବାର ସମ୍ଭାବନା ରହିଛି।

୨୦୧୯-୨୦ରେ ୩.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଅସମ୍ଭବ: ମୁଡିଜ

ନୂଆଦିଲ୍ଲୀ, ୩-୨: ଆର୍ଥିକ ବ୍ୟୟ ତଥା ଧୂମା ରାଜସ୍ୱ ଆଦାୟ କାରଣରୁ ସରକାରଙ୍କ ଲାଗି ୨୦୧୯-୨୦ରେ ୩.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଅସମ୍ଭବ ହେବ ବୋଲି ମୁଡିଜ ଇନଭେଷ୍ଟର୍ସ ସର୍ଭିସ ପକ୍ଷରୁ କୁହାଯାଇଛି। ଏକ ରିପୋର୍ଟ ପ୍ରକାଶ କରି ଏହାର ଏମ୍‌ଡି(ସ୍ୱାୟତ୍ତ ବିପଦ ସମୂହ) ଜେନ୍ ଫାଙ୍ଗ କହିଛନ୍ତି ଯେ, ଭାରତ ସରକାରଙ୍କ ଦ୍ୱାରା ଋଣ:ଜିଡିପି ଅନୁପାତ ଅଧିକ ରହିଛି। ଏହାକୁ କମ କରିବାକୁ ହେଲେ କେନ୍ଦ୍ର ସରକାରଙ୍କୁ ବିତ୍ତୀୟ ନିଅଣ୍ଟ ପରିମାଣକୁ ନିୟନ୍ତ୍ରଣରେ ରଖିବାକୁ ହେବ। ଫାଙ୍ଗ କହିଛନ୍ତି ଯେ, ସରକାରଙ୍କ ଅଭିବୃଦ୍ଧି ଅନୁମାନ ତର୍କସଙ୍ଗତ ପରି ମନେହେଉଛି। ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବା ଲାଗି ସରକାରଙ୍କ ସମ୍ମୁଖରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବାର ବହୁ ଆହ୍ୱାନ ରହିବ ବୋଲି ମନେ କରାଯାଉଥିବା ସେ କହିଛନ୍ତି।

ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆର ସିଷ୍ଟମକୁ ନିରନ୍ତର ଭିତ୍ତିରେ ଅପଡେଟ କରିବାର ଆବଶ୍ୟକତା ରହିଛି।
– ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ

୩.୩% ବିତ୍ତୀୟ ନିଅଣ୍ଟ ସହ ସରକାର ୨୦୧୮-୧୯ ଆର୍ଥିକ ବର୍ଷକୁ ଶେଷ କରିପାରନ୍ତି।
– ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ

ଚାଷୀଙ୍କୁ ସହାୟତା ନେଇ ସଙ୍କେତ ଦେଲେ ଜେଟ୍‌ଲୀ

ଏବେ ମିଳୁଛି ୫୦୦, ଆଗକୁ ବଢ଼ିବ

ନ୍ୟୁୟର୍କ,୩-୨

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ୨୦୧୯-୨୦ ଅନ୍ତରୀଣ ବଜେଟରେ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏହାକୁ ହିସାବରେ ନେଲେ ଚାଷୀ ମାସକୁ ୫୦୦ ଟଙ୍କାର ସହାୟତା ପାଇବେ। ତେବେ ଏହାକୁ ଭବିଷ୍ୟତରେ ବଢ଼ାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ରବିବାର ସଙ୍କେତ ଦେଇଛନ୍ତି।

ଆମେରିକାରେ ଚିକିତ୍ସା କରାଉଥିବା ଜେଟ୍‌ଲୀ ଗଣମାଧ୍ୟମ ସହ ସାକ୍ଷାତକାର ବେଳେ କହିଛନ୍ତି, ସରକାରଙ୍କ ରାଜସ୍ୱ ଆଦାୟ ବଢ଼ିବା ମାତ୍ରେ ଚାଷୀଙ୍କ ସହାୟତାକୁ ବୃଦ୍ଧି କରାଯିବ। ଏଥିସହିତ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ରର ସହାୟତା ବ୍ୟତୀତ ନିଜ ଆଡୁ ଚାଷୀଙ୍କ ଲାଗି ଯୋଜନା ଘୋଷଣା କରିପାରିବେ। ସେ କହିଛନ୍ତି, ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତିବର୍ଷ ୬୦୦୦ ଟଙ୍କାର ସହାୟତା ଦିଆଯିବ। ଏହାବ୍ୟତୀତ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ସେମାନଙ୍କୁ ଘର, ସବ୍‌ସିଡିଯୁକ୍ତ ଖାଦ୍ୟଶସ୍ୟ, ମାଗଣା ଚିକିତ୍ସା ସୁବିଧା ଦେବା, ସଫାସୁତୁରା କାର୍ଯ୍ୟକୁ ମାଗଣାରେ କରାଯିବାର ସୁବିଧା ଯୋଗାଇ ଦେବା, ବିଜୁଳି, ସଡ଼କ, ଗ୍ୟାସ୍ ସଂଯୋଗ, ଶସ୍ତା ସୁଧ ହାରରେ ଦୁଇଗୁଣ ଋଣ ଭଳି ଅନେକ ଯୋଜନା ମାଧ୍ୟମରେ ଚାଷୀଙ୍କ ଆର୍ଥିକ ଅସୁବିଧାକୁ ଦୂର କରାଯିବ। ସେ କହିଛନ୍ତି, ଚାଷୀଙ୍କୁ ସର୍ବନିମ୍ନ ଆୟ ସମର୍ଥନ ଦେବାର ଏହା ପ୍ରଥମ ବର୍ଷ। ସରକାରଙ୍କ ଆୟ ବଢ଼ିବା କ୍ଷଣି ସେମାନଙ୍କୁ ଅଧିକ ସହାୟତା ଦିଆଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନର ଏନ୍‌ଡିଏ ସରକାର ଗ୍ରାମାଞ୍ଚଳର ବିକାଶ ଲାଗି ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଉକ୍ତ ସହାୟତା ଏହାଠାରୁ ଭିନ୍ନ ହେବ। କେନ୍ଦ୍ର ସରକାର ଚାଷୀଙ୍କ ଲାଗି ସହାୟତା ପରିମାଣକୁ ୭୫ ହଜାର କୋଟି ଟଙ୍କାରୁ ଆରମ୍ଭ କରିଛନ୍ତି ଏବଂ ଆଗକୁ ଆହୁରି ବଢ଼ିବ। ୧୫ କୋଟି ଭୂମିହୀନ ଚାଷୀ ଉକ୍ତ ସହାୟତାରୁ ବାଦ୍ ପଡ଼ିବା ନେଇ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ସେମାନଙ୍କ ଲାଗି ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଏମ୍‌ଜିଏନ୍‌ଆରଜିଏ ସମେତ ଅନ୍ୟ ଅନେକ ଯୋଜନା ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଚାଷୀ ସହାୟକ ଯୋଜନାକୁ ସମାଲୋଚନା କରିଥିବା ବେଳେ ଜେଟ୍‌ଲୀ ଏଥିଲାଗି ତାଙ୍କୁ ଭର୍ତ୍ସନା କରିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର କେଉଁ ବଡ଼ କାମ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲଙ୍କୁ ସମାଲୋଚନା କରି ଜେଟ୍‌ଲୀ କହିଛନ୍ତି ଯେ, ସେ ଦାୟିତ୍ୱ ସମ୍ପନ୍ନ ହୁଅନ୍ତୁ। ସେ କଲେଜ ବଦଳରେ ଦେଶର ନିର୍ବାଚନ ଲଢୁଛନ୍ତି ବୋଲି ବୁଝିବା ଉଚିତ। ସୂଚନାଥାଉ କି, କେନ୍ଦ୍ରର କୃଷକ ସହାୟତା ଯୋଜନାକୁ ସମାଲୋଚନା କରି ରାହୁଲ କହିଥିଲେ ଯେ, କେନ୍ଦ୍ର ସରକାର ଚାଷୀଙ୍କୁ ଦୈନିକ ମାତ୍ର ୧୭ ଟଙ୍କା ଖର୍ଚ୍ଚ କରିବାକୁ ଦେଇ ସେମାନଙ୍କୁ ପରିହାସ କରୁଛନ୍ତି। ଏହାର ଜବାବରେ ଜେଟ୍‌ଲୀ କହିଛନ୍ତି ଯେ, ନକାରାତ୍ମକ ଚିନ୍ତାଧାରା ଦ୍ୱାରା ପରିଚାଳିତ ନଓ୍ୱାବମାନଙ୍କୁ ଏତିକି କହିବି ଯେ, ସେମାନେ ନିଜ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ସହାୟତା ବ୍ୟତୀତ ଚାଷୀଙ୍କୁ ଆଉ କିଛି ସହାୟତା ଦିଅନ୍ତୁ। ସଂଘୀୟ ବ୍ୟବସ୍ଥାରେ ୬୦:୪୦ ଢ଼ାଞ୍ଚାରେ ଯୋଜନାର କ୍ରିୟାନ୍ୱୟନ ଭଳି ସମସ୍ତ ରାଜନୈତିକ ଦଳଗୁଡିକ ଦଳୀୟ ସ୍ୱାର୍ଥ ଉପରକୁ ଉଠି ଚାଷୀଙ୍କ ପାଇଁ ସହାୟତା ଘୋଷଣା କରନ୍ତୁ ବୋଲି ଜେଟ୍‌ଲୀ ଆହ୍ୱାନ ଦେଇଛନ୍ତି। ଲେଖାନୁଦାନକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କ ବକ୍ତବ୍ୟର ଜବାବରେ ଜେଟ୍‌ଲୀ କହିଛନ୍ତି ଯେ, ଅର୍ଥ ଯେପରି ଖର୍ଚ୍ଚ ହେଉ, ସେଥିରେ କିଛି ଯାଏ ଆସେ ନାହିଁ। କିନ୍ତୁ ଏହା ବ୍ୟକ୍ତିଗତ ଆକାଉଣ୍ଟକୁ ନ ଯାଉ ଏହା ଦେଖିବାକୁ ହେବ।

ଚଳିତ ମାସରୁ ଚାଷୀଙ୍କୁ ମିଳିବ ସହାୟତା

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି(ପିଏମ୍-କିଷାନ) ଯୋଜନା ଅଧୀନରେ କ୍ଷୁଦ୍ର ଚାଷୀଙ୍କୁ ଚଳିତ ମାସରୁ ସେମାନଙ୍କ ଆକାଉଣ୍ଟରେ ଟଙ୍କା ପଠାଇବା ଆରମ୍ଭ କରିବେ। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ବଜେଟ ପରେ ଏକ ସାକ୍ଷାତକାର ବେଳେ ଏହା କହିଛନ୍ତି। ଲାଭାର୍ଥୀଙ୍କ ତାଲିକା ପୂର୍ବରୁ ସରକାରଙ୍କ ନିକଟରେ ରହିଥିବାରୁ ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଅର୍ଥ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ଅନ୍ତରାଣ ବଜେଟ ଉପସ୍ଥାପନ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଲାଗି ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ। ତିନୋଟି କିସ୍ତିରେ ୨ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବ। ଏହାଦ୍ୱାରା ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଗର୍ଗ କହିଛନ୍ତି ଯେ, ଏହି ଯୋଜନାକୁ ୨୦୧୮ ଡିସେମ୍ବରରୁ ଲାଗୁ କରାଯିବ। ଚଳିତ ଆର୍ଥିକ ବର୍ଷ ଲାଗି ୨୦ ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି। ଏଥିଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ସେ କହିଛନ୍ତି ଯେ, ଜମିର ରେକର୍ଡ ମଧ୍ୟ ସରକାରଙ୍କ ନିକଟରେ ରହିଛି। ସରକାର ୨୦୧୫-୧୬ରେ କୃଷି ଗଣନା ଜାରି କରିଥିଲେ। ଅଧିକାଂଶ ରାଜ୍ୟ ଇଲେକ୍ଟ୍ରୋନିକ ମାଧ୍ୟମରେ ରେକର୍ଡ ରଖିଛନ୍ତି ଅଥବା ରଖିବା ଆରମ୍ଭ କରିଛନ୍ତି।

ବଜେଟ ଆଲୋଚନାରେ ଭାଗ ନେବାର ସମ୍ଭାବନା କମ୍

କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ସଂସଦର ବଜେଟ ଆଲୋଚନାରେ ଭାଗ ନେଇପାରିବେ ନାହିଁ ବୋଲି ସଙ୍କେତ ଦେଇଛନ୍ତି। କାରଣ ତାଙ୍କର ଭାରତ ଫେରିବା ଅନିଶ୍ଚିତତା ଭିତରେ ରହିଛି। ଆମେରିକାରେ ତାଙ୍କର ଚିକିତ୍ସା ଶେଷ ହୋଇଛି। କିନ୍ତୁ ଡାକ୍ତର ତାଙ୍କୁ କେବେ ଛୁଟି ଦେବେ ତାହା ଉପରେ ତାଙ୍କର ସ୍ୱଦେଶ ଫେରିବା ନିର୍ଭର କରିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସାକ୍ଷାତ୍‌କାର ବେଳେ ସେ କହିଛନ୍ତି। ତେବେ ଖୁବଶୀଘ୍ର ସେ ଭାରତ ଫେରିବେ ବୋଲି ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ହିଁ ବଜେଟ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି।

ଆନ୍ଦୋଳନ ହୋଇଥିଲେ ନିଯୁକ୍ତିବିହୀନ ଅଭିବୃଦ୍ଧି ମାନିଥାନ୍ତି

ନିଯୁକ୍ତିବିହୀନ ଦେଶରେ ଅଭିବୃଦ୍ଧି ହେଉଛି ବୋଲି ଚର୍ଚ୍ଚା ହେଉଥିବା କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ଗତ ୫ ବର୍ଷ ଭିତରେ କୌଣସି ସାମାଜିକ କିମ୍ବା ରାଜନୈତିକ ଆନ୍ଦୋଳନ ନ ହେବା ଏହା ପ୍ରମାଣ କରୁଛି ଯେ, ଏନ୍‌ଡିଏ ସରକାରଙ୍କ ସମୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଆନ୍ଦୋଳନ ହୋଇଥିଲେ ନିଯୁକ୍ତିବିହୀନ ଅଭିବୃଦ୍ଧି ହୋଇଥିବା ସେ ମାନିଥାନ୍ତେ ବୋଲି ଜେଟ୍‌ଲୀ କହିଛନ୍ତି। ଅନ୍ତରାଣ ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରା ନ ଯିବାକୁ ସେ ଉଚିତ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଅନ୍ତରାଣ ବଜେଟ ସାଧାରଣ ବଜେଟଠାରୁ ଭିନ୍ନ ହୋଇଥାଏ। ଏଥିରେ ରିପୋର୍ଟ କାର୍ଡ ଓ ଭବିଷ୍ୟତର ରୂପରେଖ ହୋଇଥାଏ। ଦେଶରେ ନିଯୁକ୍ତି ସୃଷ୍ଟି ହୋଇନି ବୋଲି କୁହାଯାଉଛି, ଅଥଚ ଦେଶରେ ଗତ ୫ ବର୍ଷ ଭିତରେ କୌଣସି ସାମାଜିକ କିମ୍ବା ରାଜନୈତିକ ଆନ୍ଦୋଳନ ହେଲାନି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।



ଆଇଟି ଅଧିକାରୀଙ୍କୁ ଭେଟିବେନି ଟିକସଦାତା

ନୂଆଦିଲ୍ଲୀ,୩-୨

ଆଗାମୀ ଦୁଇ ବର୍ଷ ଭିତରେ କେନ୍ଦ୍ର ସରକାର ଟିକସ ପ୍ରଦାନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଏହି ସମୟ ଭିତରେ ଆୟକର ଅଧିକାରୀଙ୍କୁ ଆଉ ଟିକସଦାତା ଭେଟିବେ ନାହିଁ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧକ୍ଷ ସୁଶୀଲ ଚନ୍ଦ୍ରା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଏହା କହିଛନ୍ତି। ସରକାର ଆୟକର ପ୍ରଦାନ ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ନୂଆ ପ୍ରକ୍ରିୟାରେ ଟିକସଦାତାଙ୍କୁ ପୂର୍ବରୁ ପୂର୍ଣ୍ଣ ହୋଇଥିବା ରିଟର୍ନ ଫର୍ମ ଉପଲବ୍ଧ କରାଯିବ। ସେ କହିଛନ୍ତି ଯେ, ବିନା ଭେଟଘାଟ ସେବା ଯୋଗାଣ ଲାଗି ଆୟକର ବିଭାଗ ପକ୍ଷରୁ ଗତ ବର୍ଷ ପ୍ରାୟ ୨.୦୬ ଲକ୍ଷ ଆୟକର ଆକଳନ ମାମଲାକୁ ଅନଲାଇନରେ ସମାଧାନ କରାଯାଇଥିଲା। ନିକଟରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରୋସେସିଂ କେନ୍ଦ୍ରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସ୍ରୋତ ଉପରେ ଟିକସ କାଟିବାକୁ ଆଧାର କରି ପୂର୍ବରୁ ପୂର୍ଣ୍ଣ ହୋଇଥିବା ରିଟର୍ନ ଫର୍ମ ଟିକସଦାତାଙ୍କୁ ଦିଆଯିବ ବୋଲି ଚନ୍ଦ୍ରା କହିଛନ୍ତି। ଏହାଦ୍ୱାରା ରିଟର୍ନର ଯାଞ୍ଚ ମାତ୍ର ୨୪ଘଣ୍ଟା ମଧ୍ୟରେ ହୋଇଯିବ। କେନ୍ଦ୍ରୀୟ ପ୍ରୋସେସିଂ ହେବା ମାତ୍ରେ ଗୋଟିଏ ଦିନ ଭିତରେ ଟିକସଦାତାଙ୍କୁ ସେମାନଙ୍କ ଦାବି ପ୍ରଦାନ କରାଯିବ ବୋଲି ଚନ୍ଦ୍ରା ସ୍ପଷ୍ଟ କରିଛନ୍ତି।

ଏସ୍‌ବିଆଇ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣ ଆୟୋଜିତ

ଭୁବନେଶ୍ୱର,୩-୨

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ନିରନ୍ତରତାର ପ୍ରଚାର ପ୍ରସାର ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ୟାଙ୍କର ସିଜିଏମ୍ ପ୍ରବୀଣା କାଲା, ଜିଏମ୍ ଡିଏସ୍ ମିଶ୍ର ଏବଂ ଭୁବନେଶ୍ୱର ସର୍କଲ ଜିଏମ୍ ଜି.ଭଟ୍ଟାଚାର୍ଯ୍ୟ ଏହାକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ତଥା ସିଇଓ ପୁଷଣ ମହାପାତ୍ର ଉପସ୍ଥିତ ଥିଲେ। ଭାରତୀୟ ହକି ଖେଳାଳି ଅଲିମ୍ପିଆନ ଓ୍ୱିଲିୟମ ଖାଲକୋ, ଜାତୀୟ ରେକର୍ଡ ହୋଲ୍ଡର ଅନୁରାଧା ବିଶ୍ୱାଳ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ହକି ତାରକା ପ୍ରବୋଧ ତିର୍କୀ କାର୍ଯ୍ୟକ୍ରମରେ ଯୋଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩,୦୦୦ ରନର ଅଂଶଗ୍ରହଣ କରିଥିଲେ। କ୍ଲିନ ଏବଂ ଗ୍ରୀନ ସିଟିକୁ ପ୍ରୋତ୍ସାହିତ କରିବାକୁ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଗ୍ରୀନ ଟିସାର୍ଟ ପ୍ରଦାନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

ନାଲ୍‌କୋ ପକ୍ଷରୁ ସ୍ମାଇଲ ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୩-୨

ଅନ୍ତର୍ଜାତୀୟ ଆଲୁମିନିୟମ କନ୍‌ଫରେନ୍ସ (ଇନକାଲ)ର ସଫଳ ରୂପାୟନ ପରେ ନାଲକୋ ପକ୍ଷରୁ ସଦଭାବନା ନାମକ ସଂସ୍ଥାକୁ ସ୍ମାଇଲ ପୁରସ୍କାର ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗଙ୍କ ଉନ୍ନତୀକରଣ ଲାଗି ଉକ୍ତ ପ୍ରତିଷ୍ଠାନ କାର୍ଯ୍ୟ କରୁଥିବା ବେଳେ ଏହାକୁ ରାଜ୍ୟପାଳ ଗଣେଶୀ ଲାଲ ପୁରସ୍କୃତ କରିଛନ୍ତି। ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ନାଲକୋ ନାଇଟ ଅବସରରେ ପ୍ରସିଦ୍ଧ ବଲିଉଡ ଗାୟକ କୁମାର ସାନୁ ସଙ୍ଗୀତ ପରିବେଷଣ କରିଥିଲେ।

Health in Your Hand
ଓଡ଼ିଶା ସରକାର
World Cancer Day
4 February

ବିଶ୍ୱ କର୍କଟ ଦିବସ

୪ ଫେବୃଆରୀ ୨୦୧୯

DSPL-380

କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ

ବର୍ଣ୍ଣଗତ ଟିପ୍ପଣୀ ପାଇଁ ମୋ ଉପରେ ଲାଗୁ ହୋଇଥିବା ସସ୍‌ପେଣ୍ଡ ଆଦେଶ ଉଠିବା ପରେ ମୋତେ ପୁଣି ପାକିସ୍ତାନ କ୍ରିକେଟ ଅଧିନାୟକ ପଦ ମିଳିପାରେ।–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟର

ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ଚଳିତ ରଣ୍‌ଜୀ ଟ୍ରଫି ଫାଇନାଲରେ ଆମ ଦଳ ପ୍ରଥମ ଦିବସ ଖେଳରେ ବିଦର୍ଭକୁ ୨୦୦/୭ରେ ସୀମିତ ରଖିପାରିବାରେ ସଫଳ ହୋଇ ପାରିଛି।– ସୀତାଂଶୁ କୋଟାକ୍, ସୌରାଷ୍ଟ୍ର କ୍ରିକେଟ ଟିମ୍ କୋଚ୍

ସଂକ୍ଷେପରେ

■ ଦ୍ୱିତୀୟ ଟେଷ୍ଟ

ଶ୍ରୀଲଙ୍କା ସାମ୍ନାରେ ୫୧୬ ରନ୍ ଟାର୍ଗେଟ

କାନବେରା,୩।୨(ଏଏଫପି)- ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ସ୍ଥିତି ଦୃଢ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୩୪/୫ରେ ଇନିଂସ ଘୋଷଣା କରିଥିଲା। ଜବାବରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୧୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୩୧୯ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ୪୭ ଓଭରରେ ୩ ଉଇକେଟ ହରାଇ ୧୯୬ରନରେ ଇନିଂସ ଘୋଷଣା କରିଥିଲା। ଫଳରେ ଶ୍ରୀଲଙ୍କା ସମ୍ମୁଖରେ ୫୧୬ ରନର ବିଜୟ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଓଭରରେ କୌଣସି ଉଇକେଟ ନ ହରାଇ ୧୭ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଶୀଲଙ୍କା ୧୦ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ୪୯୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଦୁମୁଥ କରୁଣାରତ୍ନେ ଓ ଲାହିରୁ ଥିରିମାନେ ଉଭୟ ୮ ଲେଖାଏ ରନ୍ କରି ଅପରାଜିତ ରହିଛନ୍ତି। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୩/୩ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ଅଲଆଉଟ ହୋଇଥିଲା। ଓପନର କରୁଣାରତ୍ନେ ସର୍ବାଧିକ ୫୯, ଥିରିମାନେ ୪୧ ରନ କରିଥିବାବେଳେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ପକ୍ଷରୁ ଉସ୍‌ମାନ ଖ୍ୱାଜା ୧୦୧ ଓ ଟ୍ରାଭିସ୍ ହେଡ ୫୯ ରନ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କାର କାସୁନ ରଜିଥା ୨ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୩୪/୫ (ପାଳି ଘୋଷଣା)।
ଶ୍ରୀଲଙ୍କା ପ୍ରଥମ ଇନିଂସ: ୨୧୫।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୯୬/୩ ଇନିଂସ ଘୋଷଣା।
ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୬ ଓଭରରେ ୧୭/୦
(କରୁଣାରତ୍ନେ-୮*, ଥିରିମାନେ- ୮*)।

■ ରଣ୍‌ଜୀ ଟ୍ରଫି ଫାଇନାଲ

ପ୍ରଥମ ଦିନର ସମ୍ମାନ ନେଲା ସୌରାଷ୍ଟ୍ର

ନାଗପୁର, ୩।୨(ପି.ଟି.): ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫିର ଫାଇନାଲ ମ୍ୟାଚ୍ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ଷ୍ଟମ୍ପ୍ସ ଅପସାରଣ ସୁଦ୍ଧା ଡିଫେଣ୍ଡିଂ ଚାମ୍ପିୟନ ବିଦର୍ଭ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ୍‌ରେ ୨୦୦ ରନ୍ ସଂଗ୍ରହ କରିଛି। ଫଳରେ ପ୍ରଥମ ଦିନର ସମ୍ମାନ ସୌରାଷ୍ଟ୍ର ହାତେଇ ନେଇଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଘରୋଇ ବିଦର୍ଭ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କିନ୍ତୁ ଦଳର ଅଧିକାଂଶ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଫଳରେ ବିଦର୍ଭ ପ୍ରଥମ ଦିବସରେ ଧିମା ବ୍ୟାଟିଂ କରି ୯୦ ଓଭରରେ ୭ ଉଇକେଟ୍ ବିନିମୟରେ ୨୦୦ ରନ ସଂଗ୍ରହ କରିଛି। ସୌରାଷ୍ଟ୍ର ଅଧିନାୟକ ଜୟଦେବ ଉନାଡକଟ ଫର୍ମରେ ଥିବା ଭେଟେରାନ ଓ୍ୱାସିମ ଜାଫର (୨୩ ରନ)ଙ୍କୁ ଶୀଘ୍ର ପ୍ୟାଭିଲିୟନ ପଠାଇ ଦଳକୁ ବଡ଼ ସଫଳତା ଦେଇଥିଲେ। ସେହିଭଳି ବିଦର୍ଭର ଅନ୍ୟତମ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଅଧିନାୟକ ଫେଜ ଫଜଲ (୧୬ ରନ) ମଧ୍ୟ ନିରାଶ କରିଥିଲେ। ମଧ୍ୟକ୍ରମରେ ମୋହିତ୍ କାଲେ (୩୫), ଗଣେଶ ସତୀଶ (୩୨) ଓ ଉଇକେଟ୍‌କିପର ଅକ୍ଷୟ ଓ୍ୱାଡେକର (୪୫)ଙ୍କ ଉପଯୋଗୀ ଇନିଂସ ଯୋଗୁ ବିଦର୍ଭ ୨୦୦ ରନ୍ ଛୁଇଁପାରିଥିଲା। ଖେଳ ଶେଷବେଳକୁ ଅକ୍ଷୟ କନୱର ୩୧ ଓ ଅକ୍ଷୟ ଓ୍ୱାଖରେ କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ସୌରାଷ୍ଟ୍ର ପକ୍ଷରୁ ଉନାଡକଟ ୨ଟି ଏବଂ ଚେତନ ସାକାରିୟା, ପ୍ରେରକ ମଙ୍କଡ, ଧର୍ମେନ୍ଦ୍ର ଜାଡେଜା ଓ କମଲେଶ ମକଭାନ ଗୋଟିଏ ଲେଖାଏ ଉଇକେଟ୍ ଅକ୍ଟିଆର କରିଛନ୍ତି।

କଟକରେ ଜାତୀୟ ସବ୍‌ଜୁନିୟର କୁସ୍ତି ୧୭ରୁ

କଟକ ଅଫିସ,୩।୨

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ୩୮ତମ ବାଳକ ଫ୍ରି ଷ୍ଟାଇଲ, ଗ୍ରୀକୋ ରୋମାନ ଓ ୨୨ତମ ଫ୍ରି–ଷ୍ଟାଇଲ ସବ୍‌ଜୁନିୟର ଜାତୀୟ କୁସ୍ତି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଦୀର୍ଘ ୧୧ବର୍ଷ ପରେ ଓଡ଼ିଶାରେ ପୁଣିଥରେ ସମ୍ମାନଜନକ ଜାତୀୟ କୁସ୍ତି ଚାମ୍ପିୟନଶିପ ହେବାକୁ ଯାଉଛି। ୨୦୦୮ରେ ପୁରୀରେ ଶେଷ ଥର ପାଇଁ ସିନିୟର କୁସ୍ତି ଚାମ୍ପିୟନଶିପ ହୋଇଥିଲା। ସେହିଭଳି ପୂର୍ବରୁ ୨୨ ବର୍ଷ ତଳେ କଟକରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଚାମ୍ପିୟନଶିପ ହୋଇଥିଲା। ତେବେ ଆଗାମୀ ଜାତୀୟ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି ବୋଲି ଓଡ଼ିଶା କୁସ୍ତି ସଂଘ ପକ୍ଷରୁ କୁହାଯାଇଛି। ରବିବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ସଂଘ ସମ୍ପାଦକ ବିନୋଦ ଦାସଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୮୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟ ଏବଂ ଜାତୀୟ କୁସ୍ତି ଫେଡେରେଶନ ପକ୍ଷରୁ ୫୦ଜଣ ଟେକ୍ନିକାଲ ଅଫିସିଆଲ ଏଥିରେ ଯୋଗ ଦେବେ। ବାରବାଟୀ ଷ୍ଟାଡିୟମ ଓ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଖେଳାଳିମାନଙ୍କ ନିମନ୍ତେ ରହଣି ବ୍ୟବସ୍ଥା ହୋଇଥିବାବେଳେ ବାରବାଟୀ ଗେଷ୍ଟ ହାଉସରେ ଟେକ୍ନିକାଲ ଅଫିସିଆଲମାନେ ରହିବେ। ପ୍ରତିଯୋଗିତା ନିମନ୍ତେ ମୋଟ ୩୫ ଲକ୍ଷ ଟଙ୍କାର ବ୍ୟୟ ଅଙ୍କଳନ କରାଯାଇଛି। ଗତ ଚାମ୍ପିୟନଶିପରେ ଓଡ଼ିଶା ମାତ୍ର ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଆଗାମୀ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କଠାରୁ ଏକାଧିକ ପଦକ ଆଶା ରହିଛି ବୋଲି ରାଜ୍ୟସଂଘ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁଭାଷ ସିଂ, ରାଜ୍ୟ ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ, ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ କିଶୋର ବେହେରା, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଖବରଦାତା ସମ୍ମିଳନୀରେ ରାଜ୍ୟ କୁସ୍ତି ସଂଘର କର୍ମକର୍ତ୍ତାମାନେ।

ସ୍ୱର୍ଣ୍ଣ ପଦକ ଜିତିଲେ ୧୫ ଲକ୍ଷ ଟଙ୍କା ପୁରସ୍କାର

ଆସନ୍ତା ଚାମ୍ପିୟନଶିପ୍‌ରେ ଓଡ଼ିଶାର ଯେଉଁ ଖେଳାଳି ସ୍ୱର୍ଣ୍ଣ ପଦକ ବିଜୟୀ ହେବ ସେ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପାଇବେ। ଏହିଭଳି ଲୋଭନୀୟ ଘୋଷଣା ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କରାଯାଇଛି। ରାଜ୍ୟ ସଂଘ ସଭାପତି ରାମଚନ୍ଦ୍ର ପାଢ଼ୀ ସ୍ୱର୍ଣ୍ଣ ପଦକ ବିଜୟୀଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିବା ପରେ କଳିଙ୍ଗ ଜିମ୍ନାସିୟମର ସମ୍ପାଦକ ବିରଜା ପ୍ରସାଦ ଦାସ ୧୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କହିଥିଲେ।

୩ ସ୍ଥାନରେ ଅଭ୍ୟାସ

ଚାମ୍ପିୟନଶିପ ନିମନ୍ତେ ୩ଟି ସ୍ଥାନରେ ଅଭ୍ୟାସ ଚାଲିଛି। କଟକ, ପୁରୀ ଓ ଢେଙ୍କାନାଳରେ ଖେଳାଳିମାନଙ୍କ ଜୋରଦାର ପ୍ରସ୍ତୁତି ଜାରିରହିଛି। ବାଳକ ବର୍ଗରେ ଥିବା ଥିବା ଖେଳାଳିମାନେ ହେଲେ ଶିବଦେନ୍ଦୁ ସାମଲ, ରାଜୀବ ସୋରେନ, କେଶବ ଚନ୍ଦ୍ର ନାୟକ, ତାପସ ବେହେରା, ଲୋକନାଥ ସୁପକାର, ପ୍ରଶାନ୍ତ କୁମାର, ସାହିଲ ସୁନ୍ଦର ବେହେରା, ଶ୍ୟାମ ରଞ୍ଜନ ପ୍ରଧାନ, ଅରଜିତ ମଲ୍ଲିକ, ଜୟ କିଶାନ ପୂଜାପଣ୍ଡା। ବାଳିକା ବର୍ଗରେ ଶୁଭଶ୍ରୀ ନାୟକ, ମୀତାଞ୍ଜଳି ମହାରଣା, ସନ୍ତୋଷିନୀ ନାୟକ, ପୂର୍ଣ୍ଣିମା ପରିଡ଼ା, ଦିବ୍ୟଜ୍ୟୋତି ନାୟକ, ସାହିଦା ବେଗମ, ଶିଳ୍ପା ସାହୁ। ଏମାନେ ବିଭିନ୍ନ ଓଜନ ବିଭାଗରେ ପ୍ରତିଯୋଗିତାକୁ ଓହ୍ଲାଇବେ ।

ଓଡ଼ିଶା ମହିଳା, ପୁରୁଷ ଟିମ୍ ଚାମ୍ପିୟନ

ଛତ୍ରପୁର,୩।୨(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ଷ୍ଟାଡିୟମରେ ଚାଲିଥିବା ୨୨ତମ ପୂର୍ବାଞ୍ଚଳ ସିନିୟର ଖୋଖୋ ଚାମ୍ପିୟନଶିପରେ ଉଭୟ ଓଡ଼ିଶା ମହିଳା ଓ ପୁରୁଷ ଟିମ୍ ଚାମ୍ପିୟନ ହୋଇଛି। ରବିବାର ମହିଳା ବର୍ଗରେ

ପୂର୍ବାଞ୍ଚଳ ଖୋଖୋ ଚାମ୍ପିୟନଶିପ

ପ୍ରଥମ ସେମିଫାଇନାଲରେ ଓଡିଶା ୧୭–୨ ପଏଣ୍ଟରେ ଝାଡ଼ଖଣ୍ଡ ଟିମ୍‌କୁ ଓ ଦ୍ୱିତୀୟ ସେମିଫାଇନାଲରେ ପଶ୍ଚିମବଙ୍ଗ ଟିମ୍ ୧୩–୧୨ ପଏଣ୍ଟରେ ଆସାମକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗକୁ ୧୧–୭ ପଏଣ୍ଟରେ ହରାଇ ଓଡ଼ିଶା ଟିମ୍ ଚାମ୍ପିୟନ ହୋଇଛି।

ସେହିପରି ପୁରୁଷ ବର୍ଗରେ ପ୍ରଥମ ସେମିଫାଇନାଲରେ ପଶ୍ଚିମବଙ୍ଗ ୧୪–୧୦ ପଏଣ୍ଟରେ ଝାଡ଼ଖଣ୍ଡ ଟିମ୍‌କୁ ଓ ଦ୍ୱିତୀୟ ସେମିଫାଇନାଲରେ ଓଡିଶା ଟିମ୍ ୧୯–୪ ପଏଣ୍ଟରେ ମଣିପୁର ଟିମ୍‌କୁ ହରାଇ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚରେ ଓଡିଶା ୨୩–୧୭ ପଏଣ୍ଟରେ ପଶ୍ଚିମବଙ୍ଗକୁ ହରାଇ ଚାମ୍ପିୟନ ହୋଇଛି। ପୁରୁଷ ବର୍ଗରେ ଓଡ଼ିଶା ୨୫ ବର୍ଷ ପରେ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଜାତୀୟ ଖୋଖୋ ସଂଘର ସାଧାରଣ ସମ୍ପାଦକ ମହେନ୍ଦ୍ର ସିଂ ତ୍ୟାଗୀ, ମଧ୍ୟପ୍ରଦେଶ ସଂଘର ସମ୍ପାଦକ ସଞ୍ଜୟ ଯାଦବ, ପୂର୍ବାଞ୍ଚଳ ଜୋନ୍‌ର ସମ୍ପାଦକ ମଧୁସୂଦନ, ଓଡ଼ିଶା ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଗଞ୍ଜାମ ଜିଲା ଆଥ୍‌ଲେଟିକ୍ ଆସୋସିଏଶନର ସମ୍ପାଦକ ଅଶୋକ ସାହୁ, ଛତ୍ରପୁର ଖୋଖୋ ସଂଘର ସଭାନେତ୍ରୀ ସୁବର୍ଣ୍ଣମାଳା ବିଷୋୟୀ ଯୋଗ ଦେଇଥିଲେ।

ଚାମ୍ପିୟନ ଓଡ଼ିଶା ମହିଳା ଓ ପୁରୁଷ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

■ ଆନ୍ତଃ ଜିଲା ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ

ସୂର୍ଯ୍ୟଶିଖା ଚାମ୍ପିୟନ

ଭଣ୍ଡାରିପୋଖରୀ, ୩।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆଠାରେ ଅନୁଷ୍ଠିତ ଆନ୍ତଃଜିଲା ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ସୂର୍ଯ୍ୟଶିଖା ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଯାଜପୁର ଏମ୍‌ସସିକୁ ଭଦ୍ରକ ସୂର୍ଯ୍ୟଶିଖା କ୍ଲବ ପରାସ୍ତ କରିଛି। ଏମ୍‌ସିସି ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଦଳର ନିଶିକାନ୍ତ ରାଉତ ୫୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସାର୍ଥକ ବିଶ୍ୱାଳ ୩ ଓ ସିଦ୍ଧାର୍ଥ ଅନୁରାଗ ୨ ଉଇକେଟ ନେଇଥିଲେ। ଜବାବରେ ସୂର୍ଯ୍ୟଶିଖା ୧୯.୨ ଓଭରରେ ୬ ଉଇକେଟ ହରାଇ ୧୨୨ ରନ୍ କରି ବିଜୟୀ ହୋଇଥିଲା। ଦଳର ବି. ପ୍ରସନ୍ନ ଦାସ ୩୮ ରନ୍, ବିଷ୍ଣୁସାଗର ବାରିକ ୨୩ ରନ୍ କରିଥିଲେ। ପ୍ରତିପକ୍ଷର ଅମିନ୍ ଇକବାଲ ଖାଁ ୪ ଓଭରରେ ୩ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସାର୍ଥକ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଜୟ ଶତପଥୀ ଓ କାଳନ୍ଦୀ ଚରଣ ପଣ୍ଡା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ବିଶ୍ୱରଞ୍ଜନ ଜେନା, ସନ୍ତୋଷ ଖଣ୍ଡେଇ ସ୍କୋରର ଓ ସୂର୍ଯ୍ୟକାନ୍ତ ଭାରତୀ ରେଫରି ଥିଲେ। ଉଦ୍‌ଯାପନୀ ଉତ୍ସବରେ ଦଶରଥପୁର ବ୍ଲକ ଆସିଷ୍ଟାଣ୍ଟ ଇଂ. ସୁଧାକର ନାୟକ ମୁଖ୍ୟଅତିଥି, ବ୍ଲକ ଚେୟାରମ୍ୟାନ ପ୍ରତିନିଧି ଗୋଲକ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଏବଂ ନାଆଁମୀ କଲେଜ ଅଧ୍ୟାପକ ତରଣୀସେନ ସାହୁ, ସରପଞ୍ଚ ସଦାଶିବ ସାହୁ, ଜଗନ୍ନାଥ ଜେନା, ଗଣେଶ ଚନ୍ଦ୍ର ଭାରତୀ, ସନ୍ତୋଷ କୁମାର ନାୟକ ଅନ୍ୟତମ ଅତିଥିଭାବେ ଯୋଗ ଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ନଗଦ ଅର୍ଥ ଏବଂ ରନର୍ସଅପ୍‌କୁ କପ୍ ସହ ନଗଦ ଅର୍ଥ ପୁରସ୍କୃତ କରିଥିଲେ। ମହାବୀର କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

ZILLA SWASTHYA SAMITI, GANJAM
Advt. No. 2402 Date : 02.02.2019
CORRIGENDUM
Sub : Notice published related to Walk in Interview for filling of vacancies under NHM ref. to Advertisement No. 1984 dated 25.01.2019 of this office.
The scheduled date of Walk in Interview may be read as 07.02.19 & 08.02.19 instead of 07.02.18 & 08.02.18 as published due to typographical error.
Sd./- CDM & PHO, Ganjam

OFFICE OF THE EXECUTIVE ENGINEER RWS&S DIVISION, JAGATSINGHPUR
Tel.No.06724-223485, e-mail-eerwss_ictc@nic.in
e - Procurement Notice
Bid identification No. 85 of 2018-19
No. 1565-O: The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump sump composite bids in Double Cover system in online mode for Execution of 5 Nos. of individual 2nd Villages RPWS schemes under one package including 5 years Operation & Maintenance on Turn key basis from eligible Class of contractors.

1.	Name of work	Execution of 5 nos of individual 2nd villages RPWS Schemes in one package.
2.	No. of work	`1 No.
3.	Estimated Cost	Rs.3,95,71,809.00
4.	Cost of Tender paper	Rs. 10,000/-
5.	Class of contractor	'A' & Special Class
6.	Availability of Tender in website	08.02.2019 to 23.02.2019
7.	Submission of Bid in online	08.02.2019 to 23.02.2019
8.	Date of seeking clarification	08.02.2019 to 15.02.2019
9.	Date of opening of bids	25.02.2019 (11.00 A.M)
10.	Name and address of O.I.T.	Executive Engineer, RWS&S Division, Jagatsinghpur
11.	All other details can be seen from the web site	www.tendersorissa.gov.in
12.	Bid cost and Bid security should be submitted in online mode.	
13.	Subsequent corrigendum/addendum if required shall only be appeared in above website.	

25024/11/0031/1819
Sd/- Executive Engineer RWS&S Divn. Jagatsinghpur

GOVERNMENT OF ODISHA, e-Procurement Notice, NAC Athmallik
Bid Identification No.- Alkn-04/2018-19, email ID: eonacathmallik.hud2012@gmail.com
No. 239/ Dt. 02.02.19
(1) Number of works : 1 (One) number of Building work, (2) Approximate estimated cost put to tender: Rs. 74.36 lakh, (3) Period of Completion: 9 (Nine) calendar months, (4) Date & Time of availability of bid document in the portal: Dt.04.02.2019 at 10.00AM, (5) Last date / time for receipt of bid in the portal: Dt.18.02.2019 upto 5.00 PM, (6) Date of opening Bid: Dt.22.02.2019 at 11.00AM, (7) Name and address of the office inviting Bid: Executive Officer, NAC Athmallik, (8) The bidders have to participate in ONLINE bidding only. Further details can be seen from the e-Procurement portal https:/tendersodisha.gov.in.
Sd./- Executive Officer, NAC Athmallik

COLLECTORATE, GAJAPATI, PARALAKHEMUNDI
(WELFARE SECTION)
No. 196/ Welfare **Date: 01.02.19**
TENDER CALL NOTICE
Sealed Tenders in plain papers are invited from the Authorized Dealers/ Suppliers for procurement Ceiling and Wall Mounting Fan for different schools and hostels under ST and SC Dev. Department of Gajapati district.

Last date receive of sealed tender paper	:	09.02.2019 by 5.00 PM
Opening of tender paper	:	10.02.2019 at 11.00 AM

The detail information regarding submission of Tender Call Notice & terms & conditions is available in the district website i.e. www.gajapati.nic.in of Gajapati district as well as in the Notice Board of Collectorate, ST & SC Dev. Section, Gajapati.
Sd./- District Welfare Officer, Gajapati Paralakhemundi

ତହସିଲଦାରଙ୍କ କାର୍ଯ୍ୟାଳୟ, କେସିଙ୍ଗା, ଜିଲ୍ଲା-କଳାହାଣ୍ଡି
ଲଘୁ ଖଣିଜ ଉତ୍ସ (ପଥର ଓ ବାଲି ଖାଦାନ)ର 5 ବର୍ଷିଆ ଲିଜ୍ ନିମନ୍ତେ
ଜଉମୁଦ ଟେଣ୍ଡର ଆହ୍ୱାନ
ଇସ୍ତାହାର ସଂଖ୍ୟା–202/ତୌଜି ତା.31.01.2019
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଏହି ତହସିଲର ପତ୍ରସଂଖ୍ୟା 2144 ତା.06.06.18 ରେ ବିଜ୍ଞାପିତ ନିମ୍ନ ଲଘୁ ଖଣିଜ ଉତ୍ସଗୁଡ଼ିକ ସେହି ବର୍ଷର ସଫଳ ଆଦେଶିକ (Bidder) ଶ୍ରୀ ସନ୍ତୋଷ କୁମାର ନାୟକ, ପି.ରୋହିଦାସ ନାୟକ, ଗ୍ରା–କୁସ୍ଥା–II, ପୋ/ଥା–କୋରାପୁଟ, ଜି– କୋରାପୁଟ ବାରମ୍ବାର ଚିଠି ମାଧ୍ୟମରେ ଆମନ୍ତ୍ରଣ କରିଥିଲେ ମଧ୍ୟ ଲିଜ୍ ପ୍ରକ୍ରିୟା ସମ୍ପାଦନରେ ବିଫଳ ହେବାରୁ ଉକ୍ତ ଲିଜ ପ୍ରକ୍ରିୟାକୁ ନାକଚ କରି ନୂତନ ଭାବେ ଚଳିତ ବର୍ଷ ଉକ୍ତ ଉତ୍ସ ଗୁଡ଼ିକ ଟେଣ୍ଡର ମାଧ୍ୟମରେ ଦୀର୍ଘମିଆଦି ସୂତ୍ରେ 5 ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିପାଇଁ ନିର୍ଦ୍ଦିଷ୍ଟ ବିହୀତ ଫାରମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। ପୃଥକ ସଇରାତ ଉତ୍ସପାଇଁ ପୃଥକ ପୃଥକ ଫାରମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡ଼ିବ। ଟେଣ୍ଡର ଫାରମ ସହିତ ସବିଶେଷ ବିବରଣୀ ଟ.1000/–ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ

ହାମିଲଟନ ଦିନିକିଆରେ ପରାଜୟ ପରେ ୱେଲିଂଟନଠାରେ ଅସାଧାରଣ ପ୍ରଦର୍ଶନ ଦ୍ୱାରା ମ୍ୟାଚ ଜିତିବା ଲାଗି ଆମେ ସ୍ଥିର କରିଥିଲୁ।–ରୋହିତ ଶର୍ମା, ଭାରତର କାମଚଳା ଅଧିନାୟକ

ବର୍ତ୍ତମାନର ଭାରତୀୟ କ୍ରିକେଟ ଦଳ ନିକଟରେ ବିଶ୍ୱର ଯେକୌଣସି ଦେଶ ଓ ପିଚ୍‌ରେ ମ୍ୟାଚ ଜିତିବାର ସାମର୍ଥ୍ୟ ରହିଛି।
– ସଚିନ ତେନ୍ଦୁଲକର, ବ୍ୟାଟିଂ ଆଇକନ୍

ନ୍ୟୁଜିଲାଣ୍ଡରେ ଭାରତର ସର୍ବବୃହତ ସିରିଜ୍ ବିଜୟ

ୱେଲିଂଟନ,୩।୨(ପି.ଟି.)

ନ୍ୟୁଜିଲାଣ୍ଡ ମାଟିରେ ଭ୍ରମଣକାରୀ ଭାରତ ସର୍ବବୃହତ୍ ଦିନିକିଆ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ୱେଷ୍ଟପ୍ୟାକ୍ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭାରତ ୩୫ ରନରେ ନ୍ୟୁଜିଲାଣ୍ଡକୁ ହରାଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ ୪–୧ରେ ବିଜୟୀ ହୋଇଛି। ୧୯୬୭ରୁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଆସୁଥିଲେ ମଧ୍ୟ ସବୁ ଫର୍ମାଟ ଦୃଷ୍ଟିକୋଣରୁ ଭାରତ ପାଇଁ ଏହା ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୧୮ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହା ପରେ ଅମ୍ବାତି ରାୟୁଡୁ, ବିଜୟ ଶଙ୍କର, କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲଢୁଆ ବ୍ୟାଟିଂ ବଳରେ ଭାରତ ୪୯.୫ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୪୪.୧ ଓଭରରେ ୨୧୭ ରନ କରି ଆଲଆଉଟ ହେବା ସହ ପରାଜୟବରଣ କରିଛି। ୯୦ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ରାୟୁଡୁଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

୨୫୩ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୩୮ ରନରେ ୩ ଉଇକେଟ ହରାଇଥିଲା। ଅଧିନାୟକ କେନ୍ ୱିଲିୟମସନ, ଉଇକେଟ କିପର ବ୍ୟାଟ୍ସମ୍ୟାନ ଟମ ଲଥାମ, ଜିମ୍ମି ନିଶାମ ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଓପନର ହେନେରୀ ନିକୋଲ୍ସ ୮ ରନ କରି ଆଉଟ ହେବାପରେ ଅନ୍ୟତମ ଓପନର କଲିନ୍ ମୁନରୋ ୨୪, ଅଭିଜ୍ଞ ରସ୍ ଟେଲର ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିକୋଲ୍ସ, ମୁନରୋ ସାମିଙ୍କ ଦ୍ୱାରା ଓ ଟେଲର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଲଥାମ ଓ ୱିଲିୟମସନ ୬୭ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୱିଲିୟମସନ ୩୯ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ କେଦାର ଯାଦବ ତାଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଲଥାମ ଅଧିକ ସମୟ ତିଷ୍ଠି ନ ପାରି ୩୭ ରନ କରିଥିବା ବେଳେ ୟୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ ୧୧ ରନକରି ଚହଲଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ଅଲରାଉଣ୍ଡର ଜେମ୍ସ ନିଶାମ ୪୪ ରନ କରି ଜମି ଆସୁଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଅତି ଚମତ୍କାର ଢଙ୍ଗରେ ରନ୍ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ନିଶାମ ଓ ସାଣ୍ଟନର ୪୧ ରନ କରି କରିଥିଲେ। ତେବେ ନିଶାମ ପ୍ୟାଭିଲିୟନ ଫେରିବା ପରେ ନ୍ୟୁଜିଲାଣ୍ଡର ବିଜୟ ଆଶା ମଉଳି ଯାଇଥିଲା। ଟୋଡ ଆଷ୍ଟଲେ ୧୦, ମିଚେଲ ସାଣ୍ଟନର ୨୨, ଟ୍ରେଣ୍ଟ ବୋଲ୍ଟ ଯଥାକ୍ରମେ ଚହଲ, ପାଣ୍ଡ୍ୟା ଓ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ମ୍ୟାଟ ହେନେରୀ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଚହଲ ସର୍ବାଧିକ ୩, ସାମି ଓ ପାଣ୍ଡ୍ୟା ଦୁଇଟି ଲେଖାଏ, ଭୁବନେଶ୍ୱର ଓ କେଦାର ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ମାତ୍ର ୧୮ ରନରେ ଓପନର ରୋହିତ ଶର୍ମା, ଶିଖର ଧାୱନ, ଶୁବମନ ଗିଲ ଓ ଅଭିଜ୍ଞ ଧୋନୀଙ୍କୁ ହରାଇ ବିପଦରେ ପଡିଥିଲା। ରୋହିତ ୨ ଓ ଶୁବମନ ୭ ରନକରି ହେନେରୀଙ୍କ ଦ୍ୱାରା, ଧାୱନ ୬ ଓ ଧୋନୀ ୧ ରନ କରି ବୋଲ୍ଟଙ୍କ ଶିକାର ହୋଇଥିଲେ। ସ୍ୱଳ୍ପ ରନ୍‌ରେ ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିବା ବେଳେ ପଞ୍ଚମ ଉଇକେଟ ଯୋଡିରେ ରାୟୁଡୁ ଓ ବିଜୟ ଶଙ୍କର ୯୮ ରନ କରି ସ୍ଥିତି ସମ୍ଭାଳିଥିଲେ। ଶଙ୍କର ୪୫ ରନ କରିଥିବା ବେଳେ ନିଶାମ ଓ ମୁନରୋଙ୍କ ପ୍ରୟାସରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଷଷ୍ଠ ଉଇକେଟ ଯୋଡିରେ ରାୟୁଡୁ ଓ କେଦାର ୭୪ ରନ କରି ଦଳର ସ୍କୋରକୁ ଆଗକୁ ବଢାଇନେଇଥିଲେ। ତେବେ ରାୟୁଡୁ ୧୧୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୯୦ ରନ କରି ହେନେରୀଙ୍କ ବଲ୍‌ରେ ମୁନରୋଙ୍କୁ କ୍ୟାଚ୍ ଦେଇଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି କେଦାର ୩୪ ରନ କରିଥିବା ବେଳେ ହେନେରୀଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଷ୍ଟମ ଉଇକେଟ ଯୋଡିରେ ପାଣ୍ଡ୍ୟା ଓ ଭୁବନେଶ୍ୱର ଦ୍ରୁତ ୪୫ ରନ କରି ଦଳର ସ୍କୋରକୁ ୨୫୦ ରନ ପାର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପାଣ୍ଡ୍ୟା ମାତ୍ର ୨୨ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୫ ଛକା ସହ ୪୫ ରନ କରି ଆଉଟ ହେବାପୂର୍ବରୁ ଭାରତକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ସେ ଲେଗ୍ ସ୍ପିନର ଆଷ୍ଟଲେଙ୍କୁ କ୍ରମାଗତ ୩ଟି ବିଶାଳ ଛକା ମାରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଭୁବନେଶ୍ୱର ୬ ରନ କରି ବୋଲ୍ଟଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷରେ ସାମି ୧ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହେନେରୀ ସର୍ବାଧିକ ୪, ବୋଲ୍ଟ ୩, ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ରାୟୁଡୁ ପ୍ଲେୟାର ଅଫ୍ ଦି ମ୍ୟାଚ୍, ସାମି ପ୍ଲେୟାର ଅଫ୍ ଦି ସିରିଜ

ଟ୍ରଫି ସହ ଉଲ୍ଲସିତ ଭାରତୀୟ ଦଳ ।

ସଂକ୍ଷିପ୍ତ ସ୍କୋର

■ ଭାରତ ୪୯.୫ ଓଭରରେ ୨୫୨ ଆଉଟ୍
(ରାୟୁଡୁ- ୯୦, ଶଙ୍କର- ୪୫, ପାଣ୍ଡ୍ୟା- ୪୫, ଯାଦବ- ୩୪, ହେନେରୀ- ୪/୩୫, ବୋଲ୍ଟ- ୩/୩୯, ନିଶାମ- ୧/୩୩)।

■ ନ୍ୟୁଜିଲାଣ୍ଡ ୪୪.୧ ଓଭରରେ ୨୧୭ ଅଲଆଉଟ୍
(ନିଶାମ- ୪୪, ୱିଲିୟମସନ- ୩୯, ଲଥାମ- ୩୭, ମୁନରୋ- ୨୪, ସାଣ୍ଟନର- ୨୨, ହେନେରୀ- ୧୭*, ଚହଲ- ୩/୪୧, ପାଣ୍ଡ୍ୟା- ୨/୫୦, ସାମି- ୨/୩୫, ଭୁବନେଶ୍ୱର- ୧/ ୩୮)।

ଅମ୍ବାତି ରାୟୁଡୁ ଏକ ପୁଲ ଶଟ୍ ମାରୁଛନ୍ତି।

ରୋହିତଙ୍କ ଶତକ ଧାରା ଭାଙ୍ଗିଲା

ଭାରତୀୟ ଓପନର ରୋହିତ ଶର୍ମାଙ୍କ ପ୍ରତ୍ୟେକ ସିରିଜ୍‌ରେ ଶତକ ମାରିବାର ଧାରା ଭଙ୍ଗ ହୋଇଛି। ରୋହିତ ଏପର୍ଯ୍ୟନ୍ତ କ୍ରମାଗତ ୯ ସିରିଜ୍‌ରେ ଶତକ ହାସଲ କରିଛନ୍ତି। ହେଲେ ଏହି ଧାରା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଭଙ୍ଗ ହୋଇଛି। ୩୧ ବର୍ଷୀୟ ଷ୍ଟାଣ୍ଡବାଇ ଅଧିନାୟକ ୨୦୧୭ ଚାମ୍ପିୟନ୍ସ ଟ୍ରଫିଠାରୁ ପ୍ରତ୍ୟେକ ସିରିଜ୍‌ରେ ଅତିକମ୍‌ରେ ଗୋଟିଏ ଶତକ ହାସଲ କରି ଆସୁଛନ୍ତି। ସେ ଚାମ୍ପିୟନ୍ସ ଟ୍ରଫିରେ ୧୨୩* ରନ୍ କରିଥିଲେ। ଏହାପରେ ଶ୍ରୀଲଙ୍କା ବିପକ୍ଷରେ ୧୨୪* ଓ ୧୦୪, ଅଷ୍ଟ୍ରେଲିଆ ବିପକ୍ଷରେ ୧୨୫, ନ୍ୟୁଜିଲାଣ୍ଡ ବିପକ୍ଷରେ ୧୪୭, ଶ୍ରୀଲଙ୍କା ବିପକ୍ଷରେ ୨୦୮*, ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୧୫, ଇଂଲଣ୍ଡ ବିପକ୍ଷରେ ୧୦୧*, ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୬୨ ଓ ଶେଷରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୩୩ ରନ୍‌ର ଇନିଂସ ଖେଳିଥିଲେ। ମାତ୍ର ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଶତକ ହାସଲ କରିବାରେ ବିଫଳ ହୋଇଛନ୍ତି। ସେ ୫ ମ୍ୟାଚ୍ ଖେଳି ସମୁଦାୟ ୧୬୯ ରନ୍ କରିଛନ୍ତି। କୌତୂହଳର ବିଷୟ ହେଉଛି ରୋହିତ ୨୦୧୬ ନ୍ୟୁଜିଲାଣ୍ଡ ଗସ୍ତରେ ଶତକ ମାରି ପାରି ନ ଥିଲେ।

ସଂକ୍ଷେପରେ

'ହାଓ ଇଜ୍ ଦି ଜୋଶ' ଧ୍ୱନିରେ ଭାରତୀୟ ଖେଳାଳି ଖୁସି ମନାଇଲେ

ୱେଲିଂଟନ,୩।୨ (ପି.ଟି.): ନ୍ୟୁଜିଲାଣ୍ଡ ବିପକ୍ଷ ଐତିହାସିକ ସିରିଜ ବିଜୟ ପରେ ଭାରତୀୟ କ୍ରିକେଟର 'ଉରି- ଦି ସର୍ଜିକାଲ ଷ୍ଟ୍ରାଇକ୍' ସିନେମାର ଜଣାଶୁଣା ସଂଳାପ 'ହାଓ ଇଜ୍ ଦି ଜୋଶ' ଉଚ୍ଚାରଣ କରି ଖୁସି ମନାଇଥିଲେ। ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରାଯିବା ପରେ କେଦାର ଯାଦବ 'ହାଓ ଇଜ୍ ଦି ଜୋଶ' ଉଚ୍ଚାରଣ କରିଥିଲେ। ଏଥି ସହିତ ଅନ୍ୟ ଖେଳାଳିମାନେ 'ହାଇ ସାର' ଉଚ୍ଚାରଣ କରି ବିଜୟ ଉତ୍ସବ ମନାଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଜୟ ଉତ୍ସବର ଏହି ଭିଡିଓକୁ ଶେୟାର କରିଛି। ଉରି ମୁଭିର ମୁଖ୍ୟ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ଭିକି କୌଶାଲ ମଧ୍ୟ ତାଙ୍କ ଟାଇମ୍ ଲାଇନ୍‌ରେ ଏହି ଭିଡିଓ ପୋଷ୍ଟ କରିଛନ୍ତି। ଆମ କ୍ରିକେଟ ଦଳ ପୂରା ଦେଶର ଜୋଶ ହାସଲ କରି ଆମକୁ ଗର୍ବିତ କରିଛି। ବିଜୟ ପାଇଁ ଅଭିନନ୍ଦନ ବୋଲି ଭିକି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ଟଣ୍ଡନଙ୍କୁ ପିଏସ୍‌ଏ ଟାଇଟଲ

ସିଆଟଲ (ଆମେରିକା), ୩।୨ (ପି.ଟି.): ଭାରତର ପ୍ରଫେଶନାଲ ସ୍କ୍ୱାଶ୍ ଖେଳାଳି ରମିତ ଟଣ୍ଡନ ପିଏସ୍‌ଏ ଚ୍ୟାଲେଞ୍ଜର ସିଆଟଲ ଓପନ୍ ଟାଇଟଲ ହାସଲ କରିଛନ୍ତି। ଛନ୍ତି। ନିକଟରେ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ପାଇଥିବା ଟପ୍ ସିଡ୍ ଟଣ୍ଡନ (୫୮ ତମ ର୍ୟାଙ୍କିଙ୍ଗ) ୧୧-୪, ୧୧-୭, ୨-୧୧, ୧୧-୨ ଗେମ୍‌ରେ ଇଜିପ୍ଟର ମହମ୍ମଦ ଏଲ୍ ଶେର୍‌ବିନିଙ୍କୁ ହରାଇ ଦେଇଛନ୍ତି। ଏହା ହେଉଛି ନୂଆବର୍ଷରେ ପ୍ରଥମ (ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ) ପିଏସ୍‌ଏ ଏବଂ ମୋଟ ଉପରେ ଚତୁର୍ଥ ଟାଇଟଲ। ସେ ସମ୍ପୂର୍ଣ୍ଣ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଗେମ୍ ସଂଘର୍ଷପୂର୍ଣ୍ଣ ବିଜୟ ଦ୍ୱାରା ସେ ସାମାନ୍ୟ ନର୍ଭସ ହୋଇଯାଇଥିଲେ। ଫଳରେ ୩ୟ ଗେମ୍‌ରେ ତାଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ହେଲେ ୪ର୍ଥ ଗେମ୍‌କୁ ଜିତି ଟାଇଟଲ ହାତେଇ ନେଇଥିଲେ।

ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ

ଆଣ୍ଟିଗୁଆ,୩।୨: ଦୀର୍ଘ ୧୦ ବର୍ଷ ପରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଥର ଇଣ୍ଡିଜ ଦଳ ଟେଷ୍ଟ ସିରିଜ ଜିତିଛି। ପ୍ରଥମ ମ୍ୟାଚ୍‌କୁ ଏକତରଫା ଭାବେ ଜିତିଥିବା ଜାଶନ ହୋଲ୍ଡରଙ୍କ ନେତୃତ୍ୱାଧୀନ ଇଣ୍ଡିଜ ଦଳ ଦ୍ୱିତୀୟ ଟେଷ୍ଟକୁ ମାତ୍ର ତିନି ଦିନରେ ଜିତି ନେଇଛି। ଏହି ବିଜୟ ସହ ତିନି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ ବ୍ୟବଧାନରେ ଇଣ୍ଡିଜ ଦଳ ହାତେଇ ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୧୮୭ ରନ୍ କରିଥିବାବେଳେ ଇଣ୍ଡିଜ ୩୦୬ ରନ୍ କରିଥିଲା। ଫଳରେ ୧୧୯ ରନ୍‌ରେ ପଛୁଆ ଥିବା ଇଂଲଣ୍ଡ ଦଳ ଦ୍ୱିତୀୟ ଇନିଂସରେ ୧୩୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ଦଳର ସମସ୍ତ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ ପାଇଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଜୋସ ବଟଲର ୨୪, ଜୋ ଡେନଲି ୧୭ ଓ ରୋରି ବର୍ନ୍ସ ୧୬ ରନ୍ କରିଥିଲେ। ଘରୋଇ ଦଳ ପାଇଁ କେମାର ରୋଚ ଓ ଅଧିନାୟକ ହୋଲ୍ଡର ୪ ଉଇକେଟ ନେଇଥିଲେ। ଏହାପରେ ୧୪ ରନ୍‌ର ବିଜୟ ଲକ୍ଷ୍ୟକୁ ଇଣ୍ଡିଜ ଦଳ ୧୦ ଉଇକେଟରେ ହାସଲ କରି ନେଇଥିଲା। ମ୍ୟାଚ୍‌ର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଇଣ୍ଡିଜ ଦଳରେ ସାମିଲ ଥିବା ଆଲଜାରି ଜୋଶେଫଙ୍କ ମା'ଙ୍କ ଶନିବାର ସକାଳେ ଦେହାନ୍ତ ହୋଇଯାଇଛି। ଏହାସତ୍ତ୍ୱେ ସେ ମ୍ୟାଚ୍‌ରେ ଖେଳିବା ଜାରି ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ଅନ୍ତିମ ଇନିଂସରେ ୨ ଉଇକେଟ ନେବା ସହ ଗୋଟିଏ କ୍ୟାଚ୍ ଧରିଥିଲେ।

ଓଡ଼ିଶାର ଡବଲ୍ ପରାଜୟ

କଟକ ଅଫିସ, ୩।୨

ରବିବାର ଜାତୀୟ ହକି ଚାମ୍ପିୟନଶିପ୍‌ର ୨ଟି ଯାକ ଟୁର୍ନାମେଣ୍ଟରେ ଓଡ଼ିଶା ପରାଜୟର ସମ୍ମୁଖୀନ ହୋଇଛି। କେରଳର କୋଲାମଠାରେ ଚାଲିଥିବା ୯ମ ଜାତୀୟ ଜୁନିୟର ବାଳିକା ହକି ଚାମ୍ପିୟନଶିପ(ଡିଭିଜନ-ଏ)ର ମ୍ୟାଚ୍‌ରେ ଓଡ଼ିଶା ୦-୨ ଗୋଲରେ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଥିଲା। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ୯ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ(ଡିଭିଜନ-ଏ)ରେ ଓଡ଼ିଶା ୩-୬ ଗୋଲରେ ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ(ଏଆଇଏସ୍‌ପିବି) ଠାରୁ ହାରିଥିଲା। ଏଆଇଏସ୍‌ପିବି ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ୩ୟ କ୍ୱାର୍ଟରରେ ୩ଟି ଗୋଲ ଦେଇ ମ୍ୟାଚ୍‌କୁ କବଜା କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ପ୍ରସନ ତିର୍କୀ ଏକ ଗୋଲ ଦେବା ଫଳରେ ସ୍କୋର ୫-୧ ସ୍ଥିତିରେ ପହଞ୍ଚିଥିଲା। ଚତୁର୍ଥ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ସଞ୍ଜୀପ ନିଲମ ଖେସ ଓ ପ୍ରସନ୍ନ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଏଆଇଏସ୍‌ପିବି ପକ୍ଷରୁ ମଧ୍ୟ ଗୋଟିଏ ଗୋଲ ହୋଇଥିଲା।

ଟାଇଗର ଉଡ୍ସଙ୍କ ସହ ଗଲ୍ଫ ଖେଳିଲେ ଟ୍ରମ୍ପ

କ୍ରୁପିଟର,୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ଦୁଇ କିମ୍ବଦନ୍ତୀ ଗଲ୍ଫ ଖେଳାଳି ଟାଇଗର ଉଡ୍ସ ଓ ଜ୍ୟାକ ନିକଲସଙ୍କ ସହ ଗଲ୍ଫ ଖେଳିଛନ୍ତି। ଏ ନେଇ ଟ୍ରମ୍ପ ନିଜ ଟୁଇଟରରେ ଏକ ଫଟୋ ଜରିଆରେ ସୂଚନା ଦେଇଛନ୍ତି। ଫ୍ଲୋରିଡାର କ୍ରୁପିଟରସ୍ଥିତ ନ୍ୟାଶନାଲ ଗଲ୍ଫ କ୍ଲବଠାରେ ଉଡ୍ସ ଓ ନିକଲସଙ୍କ ସହ ଟ୍ରମ୍ପ ଭେଟିଥିଲେ। ଗତ ଦୁଇମାସ ମଧ୍ୟରେ ଏହା ଟ୍ରମ୍ପଙ୍କ ପ୍ରଥମ ଫ୍ଲୋରିଡା ଗସ୍ତ।

ମହିଳା ହକି: ଭାରତର ସହଜ ବିଜୟ

ମୁରସିଆ (ସ୍ପେନ୍), ୩।୨(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ମହିଳା ହକି ଦଳ ରବିବାର ୨୦୧୮ ମହିଳା ବିଶ୍ୱକପ୍ ରୌପ୍ୟ ବିଜେତା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ୩-୦ ଗୋଲରେ ଜିତିନେଇଛି। ଭ୍ରମଣକାରୀ ଭାରତୀୟ ଦଳର ସ୍ପେନ ଟୁର୍ ଅବସରରେ ଏହା ଥିଲା ଶେଷ ମ୍ୟାଚ। ଦଳ ସ୍ପେନ ବିପକ୍ଷ ଏହାର ପୂର୍ବ ମ୍ୟାଚ ୧-୧ରେ ଡ୍ର ରଖିଥିଲା। ରବିବାର ମ୍ୟାଚରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଫରୱାର୍ଡ ଲାଇନ୍ ଆୟର୍ଲାଣ୍ଡ ଷ୍ଟ୍ରାଇକିଂ ସର୍କଲକୁ ଭେଦ କରିବାରେ ସଫଳ ରହିଥିଲା। ନଭଜୋତ କୌର ଦଳ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ। ୧୩ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ସେ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତର ଏକ ତ୍ରୁଟି ଯୋଗୁ ଆୟର୍ଲାଣ୍ଡକୁ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ଭାରତୀୟ ଡିଫେନ୍ସର ଦୃଢ ପ୍ରତିରୋଧ ଯୋଗୁ ଘରୋଇ ଦଳ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାଲାଗି ଆଉ ୧୦ମିନିଟ ଖେଳ ବାକିଥିବାବେଳେ ଅଭିଜ୍ଞ ଖେଳାଳି ଦୀପ ଗ୍ରେସ୍ ଏକ୍କାଙ୍କ ସହାୟତାରେ ରୀନା ଖୋକାର ଏକ ଗୋଲ ସ୍କୋର କରି ଭାରତର ଅଗ୍ରଣୀ ବ୍ୟବଧାନ ୨-୦କୁ ବୃଦ୍ଧି କରିଥିଲେ। ଦଳ ଏହାର ପ୍ରଭାବୀ ଖେଳ ଜାରି ରଖିଥିଲେ ମଧ୍ୟ ତୃତୀୟ କ୍ୱାର୍ଟର ଖେଳର ମାତ୍ର କେଇ ମିନିଟ ମଧ୍ୟରେ ଆୟର୍ଲାଣ୍ଡ ଦଳକୁ ପୁଣି ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ମଧ୍ୟ ଭାରତର ଡିଫେନ୍ସ ଖେଳାଳିମାନେ ଏହାକୁ ଗୋଲରେ ପରିଣତ କରାଇ ଦେଇ ନ ଥିଲେ। ଅନ୍ତିମ କ୍ୱାର୍ଟରେ ଭାରତର ଏକ ଜୋର୍‌ଦାର ଆକ୍ରମଣ ବେଳେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଟୁର୍‌ରେ ଭାରତ ତରଫରୁ ସର୍ବାଧିକ ଗୋଲ ସ୍କୋର କରିଥିବା ଗୁରଜିତ କୌର ଏହାକୁ ଗୋଲରେ ପରିଣତ କରିଥିଲେ।

ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

ବ୍ୟାଟିଂ କରିବାକୁ ଫେରିଲେ କରୁଣାରତ୍ନେ

କାନବେରା, ୩।୨ (ଏଏଫ୍‌ପି): ଶ୍ରୀଲଙ୍କା ଦ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଫେବୃୟାରୀ ୪/୨୦୧୯ Balasore, Monday, February 4/2019

ସଂକ୍ଷେପରେ

ଶିମିଳିପାଳ କୋର୍ ଏରିଆରେ ଦନ୍ତାହାତୀର ମୃତ୍ୟୁ

ବାରିପଦା ଅଫିସ, ୩।୨-ମୟୂରଭଞ୍ଜ ଜିଲାରେ ପ୍ରସ୍ତାବିତ ଜାତୀୟ ଉଦ୍ୟାନ ତଥା ଶିମିଳିପାଳ ଅଭୟାରଣ୍ୟର କୋର ଏରିଆର ଜେନାବିଲ ସେକ୍ସନର ଗୁରୁଣ୍ଡିଆ ବିଟ୍‌ରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ତାର ବୟସ ୮ ବର୍ଷ ହେବ। ଆନ୍ଥ୍ରାକ୍ସ ରୋଗରେ ଆକ୍ରାନ୍ତ ହୋଇ ହାତୀଟିର ମୃତ୍ୟୁ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। ଗତ ୩୦ ତାରିଖ ରାତିରେ ହାତୀଟିର ମୃତଦେହକୁ ବନବିଭାଗ କର୍ମଚାରୀ ଠାବ କରିଥିଲେ। ତେବେ ମୃତହାତୀର ଅବସ୍ଥାକୁ ଦେଖିଲେ ଏହାର ମୃତ୍ୟୁ ୫ରୁ ୭ଦିନ ପୂର୍ବରୁ ହୋଇଥିବା ବନ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ବୁଧବାରଠାରୁ ଜଣାପଡ଼ିଥିଲେ ହେଁ ବନ ବିଭାଗ ରବିବାର ସୂଚନା ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଫେବୃୟାରୀ ୨୦ରେ ରେଳରୋକୋ ନିଷ୍ପତ୍ତି

ରୂପ୍‌ସା, ୩।୨(ଡି.ଏନ.ଏ.): ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା-ବାଙ୍ଗିରିପୋଷି ରେଳଲାଇନ୍‌ର ଭଗବାନପୁରଠାରେ ଲେଭଲ କ୍ରସିଂ ଫାଟକ ନିର୍ମାଣ ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଆମ୍ବଗଡ଼ିଆ ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀ, ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ସମେତ ଏମ୍‌ପି, ବିଧାୟକ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତ ଜାନୁୟାରୀ ୯ ତାରିଖରେ ଭଗବାନପୁର ବିକାଶ ପରିଷଦର କର୍ମକର୍ତ୍ତା ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ କାର୍ଯ୍ୟାଳୟକୁ ଯାଇ ସିନିୟର ଡିଭିଜନାଲ ଇଞ୍ଜିନିୟର (ସାଉଥ)ଙ୍କ ସହ ଆଲୋଚନା କରିଥିଲେ। ଲେଭଲ କ୍ରସିଂ ନିର୍ମାଣ ହୋଇପାରିବ ନାହିଁ ବୋଲି ବିଭାଗୀୟ ଅଧିକାରୀ କର୍ମକର୍ତ୍ତାଙ୍କୁ କହିବା ପରେ ଭଗବାନପୁର ବାମଡ଼ା ଲେଭଲକ୍ରସିଂ ରାସ୍ତା ନିର୍ମାଣ ସମ୍ଭବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏଯାବତ୍ ଏହି ରାସ୍ତା ନିର୍ମାଣ ଦିଗରେ ବିଭାଗୀୟ ପଦକ୍ଷେପ ନିଆଯାଉ ନ ଥିବାରୁ ଆସନ୍ତା ଫେବୃୟାରୀ ୨୦ ତାରିଖରେ ରୂପ୍‌ସା-ବାଙ୍ଗିରିପୋଷି ରେଳ ଲାଇନ୍‌ର ଭଗବାନପୁରଠାରେ ରେଳରୋକୋ ଆନ୍ଦୋଳନ ହେବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ଭଗବାନ ମହାପାତ୍ର, ସମ୍ପାଦକ ସୁଦର୍ଶନ ମହାପାତ୍ର, ସଂଯୋଜକ ଚକ୍ରଧର ଆଚାର୍ଯ୍ୟ, ଉପଦେଷ୍ଟା ସୁଧାକର ଗିରିଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରେଳ ଲାଇନ୍ ପାରି ହୋଇ ପଞ୍ଚାୟତ ଅଧିନ ଭଗବାନପୁର ଟିକିରାସାହି, ଅଙ୍ଗାରଗଡ଼ିଆ, ଗୁଆବଣିଆ, ଚୋରମରା, ଗୋପାଳସାହି ଆଦି ଗ୍ରାମର ଜନସାଧାରଣ ଯା'ଆସ କରିଥାନ୍ତି। ଏଠାରେ ଲେଭଲ କ୍ରସିଂ ନ ଥିବାରୁ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ, ଦମକଳ ଗାଡ଼ି ପ୍ରବେଶ କରିପାରୁନାହିଁ। ଏହି ପଞ୍ଚାୟତରେ ଅଧିକାଂଶ ପରିବାର ଅନୁସୂଚିତ ଜାତି, ଉପଜାତି ବର୍ଗର ହୋଇଥିଲେ ହେଁ ଏହି ମୌଳିକ ସମସ୍ୟାର ସମାଧାନ ଦିଗରେ ରେଳବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜଗୁଆଳି ବିଶିଷ୍ଟ ଲେଭଲ କ୍ରସିଂ ନିର୍ମାଣ ହୋଇପାରିବ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

■ ନାବାଳିକାଙ୍କୁ ଗୁଳି କରି ହତ୍ୟା ଘଟଣା

୩ ଅଭିଯୁକ୍ତ ଗିରଫ

ବାଲେଶ୍ୱର ଅଫିସ, ୩।୨

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଗଳାପୋଲ ନିକଟସ୍ଥ ସେକ୍ ମାଜିଦ୍‌ଙ୍କ ଘରେ ୨୦୧୮ ଡିସେମ୍ବର ୨୨ ତାରିଖ ରାତିରେ ଜଣେ ନାବାଳିକାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ସହଦେବଖୁଣ୍ଟା ଥାନାରେ ଏନେଇ ଏକ ମାମଲା (ନଂ. ୩୫୬/୧୮) ରୁଜୁ କରାଯାଇ ଉକ୍ତ ଘଟଣାରେ ଅଟକ ଥିବା ବାପ ସେକ୍ ମାଜିଦ୍ ଓ ପୁଅ ସେକ୍‌ଦତଙ୍କୁ ପୋଲିସ ଡିସେମ୍ବର ୨୪ ତାରିଖରେ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ। ଉକ୍ତ ଅଭିଯୁକ୍ତମାନଙ୍କୁ ରବିବାର ଗିରଫ କରାଯାଇଛି। ସେମାନେ ହେଲେ ଗଳାପୋଲ ଗ୍ରାମର ସେକ୍ ମାମୁଦ, ସେକ୍ ରୂପା ଓ ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡି ବସ୍ତି ଅଞ୍ଚଳର ସେକ୍ ମେହବୁବ। ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସେକ୍‌ଦତ କିଛିଦିନ ପୂର୍ବରୁ ଅରଡ଼ବଜାର ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରି ଗତ ୩ ତାରିଖରେ ଅପହରଣ କରି ଆଣିଥିଲେ। କିଛିଦିନ ସେମାନେ ବାଲେଶ୍ୱର ବାହାରେ ରହି ଗତ ୨୦୧୮ ଡିସେମ୍ବର ୨୨ ତାରିଖରେ ଘରକୁ ଫେରିଥିଲେ। ନାବାଳିକା ଜଣଙ୍କ ବିବାହ ପାଇଁ ରାଜି ନ ହେବାରୁ ସେକ୍‌ଦତ ପରିବାର ଲୋକେ ତାଙ୍କୁ ବୁଝାଶୁଝା କରିଥିଲେ। ହେଲେ ସମ୍ପୃକ୍ତ ନାବାଳିକା ନିଜ ଜିଦ୍‌ରେ ଅଡି ବସିବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ସେକ୍‌ଦତ ଏକ ପିସ୍ତଲରେ ତାଙ୍କ ବାମପାର୍ଶ୍ୱ କାନ ପାଖକୁ ଗୁଳି କରି ହତ୍ୟା କରିଥିଲେ। ପରେ ଏହି ଘଟଣାକୁ ଲୁଚାଇବା ପାଇଁ ସେ ପରିବାର ଲୋକଙ୍କ ସହ ମିଶି ରାତି ପ୍ରାୟ ୧୧ଟା ବେଳେ ନାବାଳିକାଙ୍କ ମୃତଦେହକୁ ନେଇ ରାସ୍ତା ପାର୍ଶ୍ୱରେ ପକାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାହା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବାପପୁଅଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ଏନେଇ ମୃତ ନାବାଳିକାଙ୍କ ବାପା ୨୦୧୮ ଡିସେମ୍ବର ୩ ତାରିଖରେ ଝିଅ ନିଖୋଜ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଗତ ଡିସେମ୍ବର ୨୨ ତାରିଖରେ ହତ୍ୟା ମାମଲା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଛି।

ହତ୍ୟା ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତ।

ବସ୍‌ରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ତିହିଡ଼ି, ୩।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପୀରହାଟ ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଶନିବାର ଏକ ବସ୍‌ରେ କଣ୍ଡକ୍ଟର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉଭୟ ଛାତ୍ରୀ ଓ ବସ୍ କଣ୍ଡକ୍ଟରଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ୨ଟି ମାମଲା (ନଂ.୩୯/୧୯ ଓ ୪୦/୧୯) ରୁଜୁ ହୋଇଛି। ପୀରହାଟରୁ ବସ୍‌ରେ ସେ ଯାଉଥିବା ବେଳେ ତାଙ୍କୁ କଣ୍ଡକ୍ଟର ଦୁର୍ବ୍ୟବହାର କରିଥିବା ଛାତ୍ରୀ ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ କେତେକ ଛାତ୍ରୀ ବସ୍‌ଭଡ଼ା ଦେଇ ନ ଥିଲେ। ଏହାକୁ ନେଇ କଣ୍ଡକ୍ଟରଙ୍କ ସହ ଛାତ୍ରୀମାନଙ୍କର ପାଟିତୁଣ୍ଡ ହୋଇଥିଲା। ଛାତ୍ରୀମାନେ ତାଙ୍କୁ ବିଭିନ୍ନ ଧମକ ଦେବା ସହ ତାଙ୍କ ନାମରେ ଏଭଳି ଅଭିଯୋଗ କରିଥିବା କଣ୍ଡକ୍ଟର ଅଭିଯୋଗରେ ଦର୍ଶାଇଛନ୍ତି।

ଡାକ୍ତର, କର୍ମଚାରୀଙ୍କୁ ମାଡ଼: ୩ ଗିରଫ

ଚାନ୍ଦବାଲି, ୩।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କୁ ମାଡ଼ ମାରିବା ଏବଂ ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ୩ ଯୁବକଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁ ପାହାଡ଼ପୁରର ବାବାଜୀ ଦାସ, ରଞ୍ଜନ ଦାସ ଓ ଚନ୍ଦ୍ରକାନ୍ତ ଦାସ। ଏ ନେଇ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୨୮/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

ପୋଲିସ ସୂଚନା ଅନୁସାରେ, ପାହାଡ଼ପୁର ୱାର୍ଡର ଜଣେ ରୋଗୀଙ୍କୁ ଡାକ୍ତର ଡିସ୍‌ଚାର୍ଜ କରିବା ବେଳେ ରୋଗୀଙ୍କ ସହ ଆସିଥିବା ଏହି ୩ ଜଣ ଡାକ୍ତରଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେମାନେ ଡାକ୍ତର ଓ କର୍ମଚାରୀଙ୍କୁ ମାଡ଼ ମାରିବା ସହ ସେଠାରେ ଉପସ୍ଥିତ ଥିବା ନର୍ସଙ୍କୁ ଗାଳିଗୁଲଜ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ବିଷ୍ଣୁପ୍ରସାଦ ସାହୁ ଚାନ୍ଦବାଲି ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଡାକ୍ତରଙ୍କ ଅଭିଯୋଗ ଆଧାରରେ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ନମ୍ବର ବିହୀନ ବାଇକ୍, ଛୁରି ଏବଂ ଲୁହା ପାଇପ୍ ପୋଲିସ ଜବତ କରିଛି।

ଭୋଜି ଖାଇ ଶତାଧିକ ଅସୁସ୍ଥ

ଅସୁସ୍ଥଙ୍କୁ ଚିକିତ୍ସା କରାଯାଉଛି।

କେନ୍ଦୁଝର, ୩।୨(ସ୍ୱ.ପ୍ର.)

ଭୋଜି ଖାଇ ଶତାଧିକ ଲୋକ ଅସୁସ୍ଥ ହୋଇ ରବିବାର ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ମହିଳା ଓ ଶିଶୁ ରହିଛନ୍ତି। ସେମାନଙ୍କ ଘର ଟୋଲ ଗ୍ରାମରେ। ସେମାନେ ଶନିବାର ଟୋଲ ଗ୍ରାମର ଫଣ୍ଡି କଟେଇଙ୍କ ମା' ବେଲ କଟେଇ ଦେହାନ୍ତ ପରେ ଏକାଦଶାହ କାର୍ଯ୍ୟ ହୋଇଥିଲା। ଗ୍ରାମର ଶତାଧିକ ଲୋକ ଭୋଜି ଖାଇଥିଲେ। ବିଳମ୍ବିତ ରାତିରେ ଜଣେ ପରେ ଜଣେ ଅସୁସ୍ଥ ହୋଇପଡିଲେ। ସେମାନଙ୍କ ଝାଡା ଏବଂ ବାନ୍ତି ହେବାରୁ ୧୦୮ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ କରାଯାଇଥିଲା। ଗୁରୁତର ରୋଗୀଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଆଣିବାରେ ବିଳମ୍ବ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ବାଂଶପାଳରେ ଥିବା ଡାକ୍ତରଙ୍କୁ ସହାୟତା କରିବା ପାଇଁ ନିକଟସ୍ଥ ଶୁଆକାଟୀ ଏବଂ କାଞ୍ଜିପାଣି ଡାକ୍ତରଖାନାର ଡାକ୍ତର ଆସି ଚିକିତ୍ସା କରୁଥିବା ଜଣାପଡିଛି। ବାଂଶପାଳ ମେଡିକାଲରେ ଆବଶ୍ୟକ ବେଡ ନ ଥିବାରୁ ଅସୁସ୍ଥ ଲୋକ ମେଡିକାଲ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି।

ଡାକ୍ତରଖାନାରେ ଭର୍ତ୍ତି

ଜବତ ଗୋରୁ ଗାଡ଼ି।

ଗୋରୁ ଗାଡ଼ି ଅଟକାଇଲେ ଗ୍ରାମବାସୀ

ବସ୍ତା, ୩।୨(ସ୍ୱ.ପ୍ର.)

■ ବେଆଇନ ଭାବେ ଚାଲାଣ କରାଯାଉଥିଲା

■ ୧୫ରୁ ଊର୍ଦ୍ଧ୍ୱ ଗୋରୁ ଉଦ୍ଧାର

ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ଟାଟା ଏସିଇ (ନଂ. ଓଡ଼ି୦୧ଟି-୬୩୯୩)କୁ ସିଂଲା ଥାନା କୁଣ୍ଡୁଳୀ ପଞ୍ଚାୟତର ତ୍ରୈଲୋକ୍ୟ ଛକରେ ଗ୍ରାମବାସୀ ଅଟକାଇଥିଲେ। ସେମାନେ ଚାଲାଣକାରୀଙ୍କୁ ପଚରାଉଚୁରା କରିବା ପରେ ସ୍ଥାନୀୟ ବଢାଣ ଫାଣ୍ଡିକୁ ଖବର ଦେଇଥିଲେ। ଏଥିରେ ୧୫ରୁ ଊର୍ଦ୍ଧ୍ୱ ଗୋରୁ ଅତି ଦୟନୀୟ ଅବସ୍ଥାରେ ବନ୍ଧା ହୋଇଥିବା ଦେଖି ଗ୍ରାମବାସୀ ସମସ୍ତ ଗୋରୁଙ୍କୁ ମୁକ୍ତ କରିଦେଇଥିଲେ। ଗୋରୁ ବେପାରୀମାନେ ଛୟାଳିୟାପାହି ଗ୍ରାମରୁ ଏହି ଗୋରୁଗୁଡ଼ିକୁ ଆଣିଥିବା ଜଣାଯାଇଛି। ପୋଲିସ ଗାଡ଼ିକୁ ଜବତ କରିବା ସହ ଗୋରୁ ବେପାରୀମାନଙ୍କୁ ଅଟକ ରଖିଛି। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

୨ ଜଣଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ବାସୁଦେବପୁର, ୩।୨ (ଡି.ଏନ.ଏ.)

■ ସୁନା ଅଳଙ୍କାର ସହ ୧.୨୦ ଲକ୍ଷ ଟଙ୍କା, ବାଇକ୍ ଚୋରି

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିରସ ପଞ୍ଚାୟତ କେରସାହି ଗ୍ରାମର ଶିକ୍ଷକ ଅଶୋକ ଜେନା ଓ ବିନୋବାଭାବେ ନଗର ପଞ୍ଚାୟତ ଗାନ୍ଧୀନଗର ଗ୍ରାମର ପୂର୍ବତନ ବ୍ୟାଙ୍କ କର୍ମଚାରୀ ନାରାୟଣ ଚନ୍ଦ୍ର ଦାଶଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଏହି ୨ ଜଣଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି। ଚୋରମାନେ ଟଙ୍କା, ସୁନା ଅଳଙ୍କାର ଓ ବାଇକ୍ ଚୋରି କରି ନେଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, କେରସାହିର ଅଶୋକ ତାଙ୍କ ଝିଅର ଚିକିତ୍ସା ପାଇଁ ଘରେ ତାଲା ପକାଇ କଟକ ଯାଇଛନ୍ତି। ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ଏକ ବାଇକ୍ ସହ ଗଡ୍ରେଜ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ନେଇଯାଇଛନ୍ତି। ସକାଳେ ତାଙ୍କ ବଡ଼ଭାଇ ବିନୋଦଙ୍କ ଲିଖିତ ଅଭିଯୋଗ କ୍ରମେ ନାୟକାଣିତିହୀ ଥାନାରେ ଏକ ମାମଲା (ନଂ.୧୪/୧୯) ରୁଜୁ କରାଯାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଗାନ୍ଧୀନଗରର ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ କର୍ମଚାରୀ ନାରାୟଣଙ୍କ ଘର ଗ୍ରିଲ୍ ଓ ଗୋଟିଏ ଘରର ତାଲା କାଟି ଚୋରମାନେ ୧.୨୦ ଲକ୍ଷ ଟଙ୍କା ସହ ୨ଟି ମୋବାଇଲ ଚୋରି କରି ନେଇଯାଇଛନ୍ତି। ଚୋରମାନେ ଗ୍ରିଲ୍ କାଟି ଘରେ ପଶିବା ସମୟରେ ଭିତରେ ନାରାୟଣ ଓ ତାଙ୍କ ସ୍ତ୍ରୀ ସବିତା ଉପସ୍ଥିତ ଥିଲେ। ହେଲେ ଭୟରେ ସେମାନେ ଘରୁ ବାହାରି ନ ଥିଲେ। ବିଦେଇପୁର ମୁନି ମେଳା ଦେଖିବାକୁ ଯାଇଥିବା ତାଙ୍କ ପୁଅ ରାଜେନ୍ଦ୍ରଙ୍କୁ ଚୋରି ସମ୍ପର୍କରେ ସେମାନେ ଜଣାଇଥିଲେ। ରାଜେନ୍ଦ୍ର କେତେଜଣ ପଡ଼ୋଶୀଙ୍କୁ ଫୋନରେ ଜଣାଇ ଘରକୁ ଫେରିବା ବେଳକୁ ଚୋରମାନେ ଖସି ପଳାଇଯାଇଥିଲେ। ୩ଟି ବାଇକ୍‌ରେ ପ୍ରାୟ ୫ ଜଣ ଯୁବକ ଚୋରି କରିବାକୁ ଆସିଥିଲେ ବୋଲି ସବିତା ପ୍ରକାଶ କରିଛନ୍ତି। ଏ ନେଇ ନାରାୟଣ କଷିଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପ୍ରାଥମିକ ତଦନ୍ତ କରିଛି। ତେବେ ଗୋଟିଏ ରାତିରେ ୨ ଘରୁ ଚୋରି ଘଟଣା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।

ଜ୍ଞାନେନ୍ଦ୍ର ଜିଲା ଛାତ୍ର କଂଗ୍ରେସ ସଭାପତି

ବାଲେଶ୍ୱର ଅଫିସ, ୩।୨: ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ଜାତୀୟ ସମ୍ପାଦକ ରୋହିତ୍ ମୋଥା ଏବଂ ରାଜ୍ୟ ସଂଯୋଜକ ଇତିଶ ପ୍ରଧାନଙ୍କ ସୁପାରିଶ କ୍ରମେ ବିଭିନ୍ନ ଜିଲାର ଛାତ୍ର କଂଗ୍ରେସ ସଭାପତି ନିଯୁକ୍ତି ହୋଇଛନ୍ତି। ବାଲେଶ୍ୱର ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ଜ୍ଞାନେନ୍ଦ୍ର ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ଦିନରେ ଛାତ୍ର ସଙ୍ଗଠନକୁ ଜିଲାରେ ସୁଦୃଢ କରିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି। ତାଙ୍କୁ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏଥିରେ ରାଜ୍ୟ ମିଡ଼ିଆ ସଂଯୋଜକ ଅଭିଷେକ ବେହେରାଙ୍କ ସହିତ ଶୁଭଦୀପ ଚକ୍ରବର୍ତ୍ତୀ, ଦିବ୍ୟଶକ୍ତି ଜେନା, ହରପ୍ରସାଦ ଷଡ଼ଙ୍ଗୀ, ପ୍ରକାଶ ନାୟକ ଓ ଅନ୍ୟମାନେ ଯୋଗଦେଇଥିଲେ।



ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରୋଗୀମାନଙ୍କ ପାଇଁ ଶୁଭ ଖବର
ଡା. ଅର୍ଥୋ ୬୦ କ୍ୟାପ୍‌ସୁଲର ୧ ଡବା ସହିତ
ଗୋଟିଏ ଡା. ଅର୍ଥୋ ଅଏଣ୍ଟମେଣ୍ଟ ସମ୍ପୂର୍ଣ୍ଣ ମାଗଣା
+ FREE
Dr. Ortho
₹5 ପ୍ରତି କ୍ୟାପ୍‌ସୁଲ
ଏକା ସଦୃଶ ନାମ ପ୍ରତି ସାବଧାନ
ଡା. ଅର୍ଥୋ ପୂରା ନାମ ପଢ଼ି କିଣନ୍ତୁ।
ଡା. ଅର୍ଥୋ ହିଁ କାହିଁକି କିଣିବେ?
WORLD'S GREATEST BRANDS 2015-16 IUA
ଆବୁଧାବିରେ ଆୟୋଜିତ ଏକ ପୁରସ୍କାର କାର୍ଯ୍ୟକ୍ରମରେ ଆୟୁର୍ବେଦିକ 'ଡା. ଅର୍ଥୋ' ତେଲ ଏବଂ କ୍ୟାପ୍‌ସୁଲକୁ "ଦ ୱାର୍ଲଡ୍‌ସ ଗ୍ରେଟେଷ୍ଟ ବ୍ରାଣ୍ଡସ ୨୦୧୫-୧୬" ପୁରସ୍କାରରେ ସମ୍ମାନିତ କରାଯାଇଛି।
SELECTED NO. 1 BRAND INDIA 2014
ଆଇବିସି ଇନ୍‌ଫୋ ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ରେ ଭାରତବର୍ଷରେ ବ୍ୟାପକ ଉପଭୋକ୍ତା ସର୍ବେକ୍ଷଣ ଆଧାରରେ 'ଡା. ଅର୍ଥୋ' ତେଲ ଏବଂ କ୍ୟାପ୍‌ସୁଲକୁ "ନଂ. ୧ ବ୍ରାଣ୍ଡ" ପୁରସ୍କାର ୨୦୧୪ରେ ସମ୍ମାନିତ କରାଯାଇଛି।
ସମଗ୍ର ଭାରତବର୍ଷରେ ମିଳିଲା ପରିଣାମ
Rajasthan
ତେଜ୍ ସିଂ, ବୟସ ୫୦ ବର୍ଷ, ବନ ବିଭାଗରେ କାର୍ଯ୍ୟରତ। ଅନେକ ବର୍ଷ ଧରି ଆଣ୍ଠୁରେ ପୀଡ଼ା ରହୁଥିଲା, କେବଳ ପେନ୍ କିଲର୍ ଖାଇଦେଉଥିଲି। ଜଣେ ବନ୍ଧୁଙ୍କ କଥା ମାନି ଆୟୁର୍ବେଦିକ ଡା. ଅର୍ଥୋ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ କ

ଜଙ୍ଗଲରେ ବିଡୁଛି ଜୀବନ

ହାଟଡ଼ିହୀ, ୩।୨(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବରେ ତାହା ଲୋକଙ୍କ ବିକାଶରେ ଲାଗି ପାରୁନି। ଆଜି ବି ଜଙ୍ଗଲ ଭିତରେ ଲୋକେ ବସବାସ କରୁଛନ୍ତି। ଗାଁକୁ ଯିବାକୁ ରାସ୍ତା ନ ଥିବା ବେଳେ ଯାତାୟାତ ପାଇଁ ହୁଲି ଡଙ୍ଗା ସାହାଭରସା ହୋଇଛି। ଗରିବ ଅସହାୟ ଓ ଆଦିବାସୀ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ସେମାନଙ୍କ ଲାଗି ବିକାଶ ସାତସପନ ହୋଇଛି। ଏପରି ଗାଁର ନାଁ ହେଉଛି ଦଲିକ୍। କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ବଣପାହାଡ଼ ଘେରା ହଦଗଡ଼ ପଞ୍ଚାୟତର ବିଚ୍ଛିନ୍ନା ଅଞ୍ଚଳରେ ଉକ୍ତ ଗାଁ ରହିଛି। ଗ୍ରାମର ସମସ୍ତ ପରିବାର ଆଦିବାସୀ ଓ ଗରିବ ଶ୍ରେଣୀର। ଶ୍ରମିକ ମଜୁରୀ କାର୍ଯ୍ୟ କରି ନିଜର ଗୁଜୁରାଣ ମେଣ୍ଟାଇ ଚଳୁଛନ୍ତି। ହଦଗଡ଼ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ସାଳନ୍ଦୀ ହଦଗଡ଼ ଡ୍ୟାମ ଜଳଭଣ୍ଡାରର ଅତଳତଳ ପାଣି ଭିତରେ ଜୀବନକୁ ବାଜି ଲଗାଇ ହୁଲି ଡଙ୍ଗାରେ ପାର ହେବାକୁ ପଡେ।

ଗ୍ରାମର ଗରିବ ଆଦିବାସୀ।

ଜଙ୍ଗଲ ଜାତଦ୍ରବ୍ୟ ବିକ୍ରି କରି ଲୋକେ ଚଳୁଛନ୍ତି। ଜଙ୍ଗଲ ଜୀବନର ବାସ୍ନାରୁ ଦୂରେଇ ରହିପାରୁ ନ ଥିବା ବେଳେ ସରକାରଙ୍କ ସମସ୍ତ ଯୋଜନା ସେମାନଙ୍କ ପାଖରେ ଅପହଞ୍ଚ ହୋଇଛି। ମୌଳିକ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହୋଇଛନ୍ତି। ପକ୍କାଗୃହ ଆବଶ୍ୟକ ଅନୁଯାଇ ମିଳୁନାହିଁ। ଯେଉଁ ହିତାଧିକାରୀଙ୍କୁ ଘର ମିଳୁଛି ସେମାନେ ବନ ବିଭାଗର ଆଙ୍କୁଶ ପାଇ ନିର୍ମାଣ କାର୍ଯ୍ୟ କରିପାରୁନାହାନ୍ତି। ବିଜୁ ପକ୍କାଗୃହ ଯୋଜନା ଫେଲ ହୋଇଛି। ଗାଁ ରାସ୍ତା ଗୁଡ଼ିକର ୭୦ ଭାଗ ପଥୁରିଆ ହୋଇ ପଡ଼ିରହିଛି। ସାପ୍ତାହିକ ରବିବାର ହାଟକୁ ନିଜର ସାମଗ୍ରୀ ଧରି ବିକ୍ରି ପାଇଁ ହୁଲି ଡଙ୍ଗାରେ ଯାତାୟାତ କରିଥାନ୍ତି। ବର୍ଷାଦିନରେ ଡ୍ୟାମର ପାଣିର ଢେଉ ଓ ଲହଡ଼ି ଭୟରେ କେତେକ ଲୋକ ଜୀବନକୁ ବାଜି ଲଗାଇ ଆସିଥାନ୍ତି। ଜଙ୍ଗଲର ପାଦଚଲା ରାସ୍ତାରେ ଚାଲିକରି ଆସିଥାନ୍ତି। ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ଗରିବ ଲୋକଙ୍କ କଥା ବୁଝୁନାହାନ୍ତି। ଜଙ୍ଗଲ ଓ ଅଭୟାରଣ୍ୟ ଭିତରେ ସେମାନେ ଜୀବନ ବିତାଉଛନ୍ତ। ଗାଁଟି ଅଭିଶପ୍ତ ହୋଇପଡ଼ିଛି। ସେଥିପ୍ରତି କାହାରି ଦୃଷ୍ଟି ପଡୁନି। ହଦଗଡ଼ ଡାକବଙ୍ଗଳା ପାର୍ଶ୍ୱରେ ରାସ୍ତା ନିର୍ମାଣ ହେଲେ ଯାତାୟାତର ସୁବିଧା ହୋଇପାରନ୍ତା ବୋଲି କୁହାଯାଉଛି। ପ୍ରଶାସନ ଏଥିପ୍ରତି ପଦକ୍ଷେପ ନେଉ ନ ଥିବା ସେଠାକାର ଅଧିବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ସଜାଗ ହେବାସହ ଗାଁକୁ ଯାତାୟାତ ପାଇଁ ରାସ୍ତା ଯୋଗାଇ ଦେବାକୁ ସରପଞ୍ଚ ଅଶୋକ ଜେନା, ଦୋରା ହୋ, ରଙ୍ଗ ହୋ, କୃଷ୍ଣ ହୋ, ନର ସିଂ, ଚମ୍ପୁଟ ହୋ ପ୍ରମୁଖ ଦାବି କରିଛନ୍ତି।

ଗାଁର ନାଁ ଦଲିକ୍
- ଏଠି ବିକାଶ ସ୍ୱପ୍ନ
- ଗ୍ରାମକୁ ନାହିଁ ରାସ୍ତା
- ହୁଲି ଡଙ୍ଗା ସାହାଭରସା

ଲୋକେ ହୁଲି ଡଙ୍ଗାରେ ଯାଉଛନ୍ତି।

ବୋଲେରୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

ପାଟଣା, ୩।୨(ସ୍ୱ.ପ୍ର.)

ପାଟଣା ଥାନା ବଡ଼ ଧନୁର୍ଜୟପୁର ଗ୍ରାମ ଛକ ନିକଟରେ ରବିବାର ବୋଲେରୋ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମଦନ ଚନ୍ଦ୍ର ମହାନ୍ତଙ୍କ ପୁଅ ସୁନୀଲ କୁମାର ମହାନ୍ତ। ସୁନୀଲଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୁନୀଲ ବଡ଼ଧନୁର୍ଜୟ ପୁରରୁ ଢେଙ୍କିକୋଟ ଆଡ଼କୁ ଯାଉଥିବାବେଳେ ସମ୍ମୁଖ ପାର୍ଶ୍ୱରୁ ବୋଲେରୋ ଆସି ଧକ୍କା ଦେଇଥିଲା। ପାଟଣା ଥାନା ଏଏସଆଇ ଅଶୋକ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ମହିଳାଙ୍କ ଅନଶନ ନିଷ୍ପତ୍ତି

କୋଳିମାଟି, ୩।୨(ଡି.ଏନ.ଏ.)

ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତ ନାହାଗୁଣା ଗ୍ରାମ ନିକଟ ହରିଜନ ସାହିର ଲୋକଙ୍କୁ ଅଣଦେଖା କରାଯାଉଥିବାରୁ ଅନଶନ ନିଷ୍ପତ୍ତି ହୋଇଛି। ଗାଁକୁ ରାସ୍ତା ନ ଥିବା ବେଳେ ଲୋକେ ଦିନ ମଜୁରିଆ ଭାବେ କାମ କରି ଚଳୁଛନ୍ତି। ସରକାରଙ୍କ ସମସ୍ତ ଯୋଜନାରୁ ଲୋକ ବଞ୍ଚିତ ହେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢା ଯାଉନି। ରାଶନ ସାମଗ୍ରୀ ମିଳୁନି। ସ୍ୱାସ୍ଥ୍ୟ ସଚେତନତା କରାଯାନି। ଚାରି ସଂୟସହାୟକ ଗୋଷ୍ଠୀ ଓ ଗାଁ ଲୋକ ଏକତ୍ରିତ ହୋଇ ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନଶନ ଲାଗି ନିଷ୍ପତ୍ତି ହୋଇଛି।

ଟ୍ରକ୍-କାର ମୁହାଁମୁହିଁ ଧକ୍କା

କୋଳିମାଟି, ୩।୨(ଡି.ଏନ.ଏ.)

ଆନନ୍ଦପୁର ୨୦ନଂ ଜାତୀୟ ରାଜପଥ ଗୁହିରାଛକ ନିକଟରେ ରବିବାର ଟ୍ରକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। କାରରେ ବସିଥିବା ଯାତ୍ରୀ ଆହତ ହୋଇଥିଲେ। ଆହତଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଘସିପୁରା ପୋଲିସ ପହଞ୍ଚି ୨ ଗାଡିକୁ ଜବତ କରିଛି।

ଦଳୀୟ ପ୍ରଗତି ନେଇ ଆଲୋଚନା

ହାଟଡ଼ିହୀ, ୩।୨(ଡି.ଏନ.ଏ.)

ହାଟଡ଼ିହୀ ବ୍ଲକ ଇଞ୍ଚଳ ଗ୍ରାମରେ ବିଜେଡିର ପଞ୍ଚାୟତସ୍ତରୀୟ ୱାର୍ଡ଼ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳ କିପରି ଅଧିକରୁ ଅଧିକ ପ୍ରଗତି କରିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ବିକ୍ରମ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ନାରାୟଣ ଚନ୍ଦ୍ର ନାୟକ, ଅଭିମନ୍ୟୁ ସେଠୀ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସରପଞ୍ଚ କୌଶଲ୍ୟା ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ସୋମନାଥ ପଣ୍ଡା, ବାବୁ ଜେନା, ସତ୍ୟାନନ୍ଦ ଜେନା, ନିର୍ମଳ ପରିଡ଼ା, ସୁଦର୍ଶନ ଜେନା, ଅମୀୟ ସ୍ୱାଇଁ, ଗୋଲଖ ବିହାରୀ ଖଣ୍ଡା, ଯୁବବାହିନୀର ସଦସ୍ୟ ନଗେନ ସା, ଜଗନ୍ନାଥ ରାଉତ, ସୁଶୀଲ ରାଉତ, ନିରଞ୍ଜନ ନାୟକ, ସରୋଜ ସୁଧାର, ଅନିରୁଦ୍ଧ ସ୍ୱାଇଁ, ଅମରେଶ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

ଆନନ୍ଦପୁର, ୩।୨(ସ୍ୱ.ପ୍ର.)

ଦୀର୍ଘ ୫୫ ବର୍ଷର ଆନନ୍ଦପୁର ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ପୁରାତନ ଛାତ୍ର ସଂସଦ ଗଠିତ ହୋଇଛି। ଏ ନେଇ ଏକ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରୁ ପଢା ଶେଷ କରିଥିବା ୧୯୬୯ ବ୍ୟାଚ ସହ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି କଲେଜ ସମୟର ସ୍ମୃତି ସାଉଁଟିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ରାମଚନ୍ଦ୍ର ସୁରଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବୈଠକରେ ସମ୍ବର୍ଦ୍ଧିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ନୃସିଂହ ଚରଣ ନନ୍ଦ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରପେସର ରମାକାନ୍ତ ନାୟକ, ପୂର୍ବତନ ଅଧ୍ୟକ୍ଷ ପ୍ରପେସର ଜଗନ୍ନାଥ ସା, ଡ. ବିଜୟ କୁମାର କର, ଗୋପବନ୍ଧୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସାଧାରଣ ସମ୍ପାଦକ ବିଚିତ୍ର ଚକ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଉମାକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ଦୁର୍ଗାଚରଣ ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପୁରାତନ ଛାତ୍ର ତଥା ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ସରତ କୁମାର ରାଉତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ଧର୍ମ, ବ୍ୟକ୍ତି ଓ ଜ୍ଞାନର ତ୍ରୀବେଣୀ ସଙ୍ଗମ ବୋଲି ଅବିହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡ. ଦିଲ୍ଲୀପ କୁମାର ଦାଶ, ପ୍ରଥମ ଛାତ୍ର ସଂସଦ ସଭାପତି ଚିନ୍ତାମଣି ମିଶ୍ର, ପୁରାତନ ଛାତ୍ରୀ ପଙ୍କଜିନୀ ମିଶ୍ର, ପୁରାତନ ଛାତ୍ର ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଉଦୟ ନାଥ କର ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ସେମାନଙ୍କ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଂସଦର ଯୁଗ୍ମ ସମ୍ପାଦକ ଜ୍ୟୋତିରଞ୍ଜନ ଜେନା, କୋଷାଧ୍ୟକ୍ଷ ନିରାକାର ଦଲେଇ, ପୁରାତନ ଛାତ୍ର ସନ୍ତୋଷ ରାଉତ, ଲଳିତ ଚାନ୍ଦ, ବିଶ୍ୱଜିତ୍ ରାଉତ, ଦିବ୍ୟଜ୍ୟୋତି ସେନ୍, ରମେଶ ସିଂହ, କୀର୍ତ୍ତନ ବିହାରୀ ସାହୁ, ସୌମ୍ୟରଞ୍ଜନ ମହାପାତ୍ର, ମୁନା ସିଂହ, ନିକୁଞ୍ଜ ବିହାରୀ ମିଶ୍ର, ହାଡିବନ୍ଧୁ ଖୁଣ୍ଟିଆ, ବାରିଦ୍ ବରଣ ବେହେରା, ବିନୋଦ ବିହାରୀ ମିଶ୍ର, ଚିରଞ୍ଜୀବ ପଣ୍ଡା, ସନତ କର, କୃଷ୍ଣ ରଣା, ଦେବରଞ୍ଜନ ସାହୁ, ଅନନ୍ତ ଚରଣ ସାହୁ, ବ୍ରଜ କିଶୋର ଓଝା, ହରେକୃଷ୍ଣ ପାତ୍ର, ରତିକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କଂଗ୍ରେସ ସାଙ୍ଗଠନିକ ବୈଠକ

ବୈଠକରେ ଯୋଗ ଦେଇଥିବା କଂଗ୍ରେସ କର୍ମକର୍ତ୍ତା।

ତେଲକୋଇ, ୩।୨(ଡି.ଏନ.ଏ.)

ତେଲକୋଇ ପଞ୍ଚାୟତ ମୁଖ୍ୟାଳୟର ମା' ନାଗପାଟ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସର ସାଙ୍ଗଠନିକ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅନ୍ତର୍ଯ୍ୟାମି ପାତ୍ର ଅଧ୍ୟକ୍ଷତାରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଆଗାମୀ ନିର୍ବାଚନ ପାଇଁ ଖସଡା ପ୍ରସ୍ତୁତି କରିଥିଲେ। ବୈଠକରେ ବ୍ଲକ ସଭାପତି ସାରଙ୍ଗଧର ପ୍ରଧାନଙ୍କ ସମେତ ଜିଲା କାର୍ଯ୍ୟକାରୀ କମିଟିର ସଦସ୍ୟ ଆଇନଜୀବୀ ନାରାୟଣ ପ୍ରଧାନ, ମହିଳା ନେତ୍ରୀ ସୁକେସିନୀ ପାତ୍ର, ପୂର୍ବତନ ବ୍ଲକ ସଭାପତି ଦିଲ୍ଲିପ କୁମାର ସାହୁ, ଗୋଲଖ ସାହୁ, ଶରତ ଚନ୍ଦ୍ର ସାହୁ, ଟଙ୍କଧର ପ୍ରଧାନ, ନୃସିଂହ କିଷାନ, ମଧୁସୁଦନ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

DADLS-265



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୦୪ ଫେବୃଆରୀ, ୨୦୧୯

ସକାଳ ଘ.୧୦.୩୦ମି.
ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ।

ସମୟ: ପୂର୍ବାହ୍ନ ଘ.୧୦.୪୦ମି. ସ୍ଥାନ : ବିଧାନସଭା ପ୍ରାଙ୍ଗଣ

ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ଉପବାଚସ୍ପତି, ମାନ୍ୟବର ବିରୋଧୀ ଦଳ ନେତା, ମାନ୍ୟବର ମନ୍ତ୍ରିମଣ୍ଡଳର ବରେଣ୍ୟ ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ତଥା ବିଧାୟକଗଣ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ : ସଂଧ୍ୟା ୬ ଘଟିକା ସ୍ଥାନ : ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ,
ଶ୍ରୀମତୀ ଜ୍ୟୋତି ରେଖା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, କଟକ

ମୁଖ୍ୟ ବକ୍ତା – ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସ୍ୱରବିତାନ ଅନୁଷ୍ଠାନର କଳାକାର କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନି ଦାସ, ବିଭୁ ପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"
– ଉତ୍କଳଗୌରବ ମଧୁସୂଦନ ଦାସ

15001/13/0568/1819

ଅଧ୍ୟକ୍ଷ ହରିହରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପାଟଣା, ୩।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ରାଜନୀତି ବିଜ୍ଞାନ ବିଭାଗ ବରିଷ୍ଠ ଅଧ୍ୟାପକ ତଥା ଅଧ୍ୟକ୍ଷ ହରିହର ଓଝା ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ସଭାଗୃହରେ ବରିଷ୍ଠ ଓଡ଼ିଆ ଅଧ୍ୟାପିକା ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ବିଦ୍ୟାଧର ଦାଶ ଯୋଗ ଦେଇଥିଲେ। ଏଥିରେ ପରିଚାଳନା ପରିଷଦର ପୂର୍ବତନ ସଦସ୍ୟ ଶ୍ରୀକାନ୍ତ ସେଠୀ, କମଳା କାନ୍ତ ପଲେଇ, ପୂର୍ବତନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ, ଅଧ୍ୟାପକ ଅଶ୍ୱିନୀ ସାହୁ, ଜୟନ୍ତ ଦ୍ୱିବେଦୀ, ଶୈଳେନ୍ଦ୍ର ଡାଳୁଆ, ଜଗନ୍ନାଥ ମହାନ୍ତ, ପର୍ଶୁରାମ ପଣ୍ଡା, ରଜତ ଦାଶ, ସୁସ୍ମିତା ଶୋଭାଲିନ ମହାପାତ୍ର, ରତ୍ନାକର ମହାକୁର ପ୍ରମୁଖ ଯୋଗଦେଇ ହରିହରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ସାହୁ, ବଜେନ୍ଦ୍ର ପତି ଓ ଶରତଚନ୍ଦ୍ର ମିଶ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ। ଶେଷରେ ହରିହରଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସଭାରେ ଯୋଗଦେଇଥିବା ଅତିଥି।

ଆଲ୍ଲାହାବାଦ ବ୍ୟାଙ୍କ

ମଣ୍ଡଳ କାର୍ଯ୍ୟାଳୟ : ୩/୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

ଇ-ନିଲାମ ତାରିଖ ଓ ସମୟ: ତା ୦୮.୦୩.୨୦୧୯ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୦୬.୦୩.୨୦୧୯ ରିଖ ଅପରାହ୍ନ ୫.୦

ସଂକ୍ଷେପରେ

ମଣ୍ଡିରେ ଧାନକିଣା ବନ୍ଦ

ତେଲକୋଇ, ୩।୨(ଡି.ଏନ.ଏ.): ତେଲକୋଇ ବ୍ଲକ ଅନ୍ତର୍ଗତ ଏକ ସମବାୟ ସମିତି ଚାଷୀଙ୍କଠାରୁ ଧାନ କ୍ରୟ ଆରମ୍ଭ କରିଥିଲା। ୧୦ ହଜାର କ୍ୱିଣ୍ଟାଲ ଧାନ କିଣା କେନ୍ଦ୍ରକୁ ବନ୍ଦ କରାଯାଇଛି। ଏ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀଙ୍କଠାରୁ ୬୦ ହଜାର ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ କିଣା ପାଇଁ ଯୋଜନା ରହିଥିଲା। କମ ଧାନ କିଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଚାଷୀ ଧାନ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜିଲାପାଳଙ୍କରେ ଅଭିଯୋଗ ହୋଇଛି। ଏ ନେଇ ନାରାୟଣ ପ୍ରଧାନ, ଭଦ୍ରସେନ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ବାବୁଲି ପ୍ରଧାନ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ସମବାୟ ସମିତିର ଏମଡି କେଶବ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସିଷ୍ଟମ ବନ୍ଦ ଯୋଗୁଁ ଚାଷୀଙ୍କ ଧାନ କ୍ରୟ ହୋଇପାରୁ ନାହିଁ। ଜିଲା ପ୍ରଶାସନ ଅନୁମତି ଦେଲେ କ୍ରୟ ହୋଇ ପାରିବ ବୋଲି ସେ କହିଛନ୍ତି।

୯ମ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଝୁମ୍ପୁରା, ୩।୨(ଡି.ଏନ.ଏ.): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଶାଖା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଦୁର୍ଗା ପଡ଼ିଆରେ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ପ୍ରଜ୍ଞା ପୁରାଣ କଥା ଯଜ୍ଞ ଆରମ୍ଭ ହୋଇଛି। ବିଶ୍ୱ ଗାୟତ୍ରୀ ପରିବାର ଶାଖାର ସୂଚନା ଅନୁସାରେ ଧର୍ମ ଧ୍ୱଜା ଉତ୍ତୋଳନ, ମଙ୍ଗଳ କଳସ ଯାତ୍ରା, ସଂଗୀତ ଓ ପ୍ରଜ୍ଞା ପୁରାଣ କଥା, ଜପ, ଯୋଗାସନ, ପ୍ରାଣାୟମ, ଗାୟତ୍ରୀ ମହାଯଜ୍ଞ, ସନ୍ଧ୍ୟା ସମୟରେ ପ୍ରବଚନ ଓ ଦୀପ ଯଜ୍ଞ ହେବାର କାର୍ଯ୍ୟ ରହିଥିଲା। ଉଦଘାଟନୀରେ ଗାୟତ୍ରୀ ପରିବାର ସହିତ ସମ୍ପୃକ୍ତ କେନ୍ଦୁଝର ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଧର୍ମ ଧ୍ୱଜା ଉତ୍ତୋଳନ କରିଥିଲେ। ପ୍ରବଚନ ଶୁଣିବା ପାଇଁ ବହୁ ସଂଖ୍ୟାରେ ଗ୍ରାମବାସୀ ଆସି ଦୁର୍ଗା ପଡିଆରେ ଠୁଳ ହୋଇଥିଲେ।

ଖେଳ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ହାଟଡ଼ିହୀ,୩।୨(ଡି.ଏନ.ଏ.): ହାଟଡ଼ିହୀ ବ୍ଲକ ମୁଗୁପୁର ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ୟାମ ସୁନ୍ଦର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କେନ୍ଦୁଝର ଜିଲା ପିଇଟି ସଂଘ ସଭାପତି ସଦାଶିବ ନାୟକ, ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ଅଶୋକ ନାହାକ, ଦୀପକ ସାହୁ, ପ୍ରତିଲତା ସେଠୀ, କାମିନୀ ଦେହୁରୀ, ପଦ୍ମନାଭ ମାଝୀ, ଦୟାନିଧି ନାୟକ, ସଞ୍ଜୟ ବରାଳ, ସନାତନ ଓଝା, ପ୍ରମୋଦ ସାହୁ, ପରିଦିପ୍ତ ସେଠୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦରଙ୍କ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ଆଲୋକପାତ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବ

ପାଟଣା, ୩।୨(ସ୍ୱ.ପ୍ର.): ପାଟଣା ବ୍ଲକ ଚେମେଣା ପଞ୍ଚାୟତସ୍ଥିତ ଅଙ୍ଗିକଳା ଏବିସିଡିଆର ଜ୍ଞାନ ମନ୍ଦିରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ହୃଷୀକେଶ ମହାନ୍ତ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧାପକ କୁଳମଣି ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଧାପିକା ସ୍ମୃତି ବାନାର୍ଜୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ମହାନ୍ତ, ସଚ୍ଚିଦାନନ୍ଦ ସାହୁ, ସରପଞ୍ଚ ଉଦୟ ନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ୬୦ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କେନ୍ଦୁଝର ଜିଲା ଗସ୍ତ

ଲୋକପ୍ରିୟତାରେ 'କାଳିଆ ଯୋଜନା'

କେନ୍ଦୁଝର, ୩।୨(ସ୍ୱ.ପ୍ର.)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କେନ୍ଦୁଝର ଜିଲା ଗସ୍ତରେ ଆସି ୬୬ କୋଟି ଟଙ୍କାର ୧୭ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୨୧ ଶହ କୋଟି ଟଙ୍କାର ୪୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଶାଳ ଚାଷୀ ସମାବେଶ ଓ ମିଶନ ଶକ୍ତି କାର୍ଯ୍ୟକ୍ରମରେ ମଞ୍ଚରେ ମୁଖ୍ୟମନ୍ତ୍ରୀ ୧୩ ଚାଷୀ ଓ ୧୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାଙ୍କ ସହ ବସିଥିଲେ। ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଜୟ ମା' ତାରିଣୀ ବୋଲି ଉଚ୍ଚାରଣ କରିବା ସହ କେନ୍ଦୁଝର ଜିଲାବାସୀଙ୍କୁ ଶୁଭକାମନା ଜଣାଇଥିଲେ। କୃଷକଙ୍କ ଜୀବିକା ଓ ଆୟ ବୃଦ୍ଧି ପାଇଁ ସହାୟତା ନିମନ୍ତେ 'କାଳିଆ' ଯୋଜନା ଲୋକପ୍ରିୟତା ହାସଲ କରିଛି। ଏହା ସମଗ୍ର ଭାରତ ବର୍ଷରେ ଗ୍ରହଣୀୟ ହୋଇଛି ବୋଲି ସେ କହିଥିଲେ। ଚାଷୀଙ୍କ ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ 'କାଳିଆ ଛାତ୍ରବୃତ୍ତି' ଘୋଷଣା କରିଥିଲେ। ମିଶନ ଶକ୍ତିର ଯେଉଁ କାର୍ଯ୍ୟକ୍ରମ ହୋଇଛି ସେଥିପାଇଁ ଆପଣମାନେ ଖୁସି ତ ବୋଲି ମହିଳାଙ୍କୁ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡିଓ ବାର୍ତ୍ତାର ପ୍ରସାରଣ କରାଯାଇଥିଲା।

ଚାଷୀଙ୍କ ମେହେନତ ପାଇଁ ଜାତୀୟସ୍ତରରେ ଓଡ଼ିଶା ୫ ଥର କୃଷି କର୍ମଣ ପୁରସ୍କାର ପାଇବାର ସୌଭାଗ୍ୟ ପାଇଛି। କୃଷି ଓ କୃଷକର ବିକାଶ ପାଇଁ ଜଳସେଚନ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବା ସହ ଗରିବ ସୀମାରେଖା ତଳେ ଥିବା ଲୋକଙ୍କୁ ସରକାର ଉପରକୁ ଉଠାଇଛି। 'କାଳିଆ' ଯୋଜନା ମାଧ୍ୟମରେ ରାଜ୍ୟ ସରକାର ୯୨ ପ୍ରତିଶତ ଚାଷୀ ଏବଂ ପ୍ରାୟ ସମସ୍ତ ଅଭାବଗ୍ରସ୍ତ, ଭୂମୀହୀନ ଚାଷୀଙ୍କୁ ପରିସରଭୁକ୍ତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ରାଜ୍ୟର ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତି ରବି ଓ ଖରିପ ଋତୁରେ ଚାଷ କାର୍ଯ୍ୟ କରିବା ପାଇଁ ୫ ଗୋଟି ଫସଲ ଋତୁରେ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ, ଭୂମୀହୀନ ଚାଷୀ ପରିବାର ପାଇଁ କୃଷିଭିତିକ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ପାଇଁ ୧୨୫୦୦ ଟଙ୍କାର ଆର୍ଥିକ ସହାୟତା, ଯେଉଁ କ୍ଷୁଦ୍ର ଓ ନାମମାତ୍ର ତଥା ଭୂମୀହୀନ କୃଷି ପରିବାର ଚାଷୀ ବାର୍ଦ୍ଧକ୍ୟ ଓ ଅକ୍ଷମତା କିମ୍ବା ରୋଗଦ୍ୱାରା ଆକ୍ରାନ୍ତ ହୋଇ ଅସମର୍ଥ ଅଟନ୍ତି ସେମାନଙ୍କ ପରିବାରର ଜୀବିକା ନିର୍ବାହ ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବଟନ ଟିପି କାଳିଆ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରେରଣ କରିଥିଲେ। କାଳିଆ ସହାୟତା ପତ୍ର ଚାଷୀଙ୍କୁ ପ୍ରଦାନ କରିଥିଲେ। ଏହି ସମାବେଶରେ ୨ ଜଣ ଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୨ କର୍ମକର୍ତ୍ତା ନିଜର ଅଭିଜ୍ଞତା ଓ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। କୃଷି ବିଭାଗର କମିଶନର ତଥା ଶାସନ ସଚିବ ଡ. କିଶନ କୁମାର ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗର ନିର୍ଦ୍ଦେଶକ ବଲୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଆଶିଷ ଠାକରେ, ଏସ୍‌ପି ଡିଆଇଜି କେନ୍ଦୁଝର ଜେ.ଏନ୍. ପଙ୍କଜ ଏବଂ ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବୋଧନାରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଜିଲା ଗସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା।

ପୋଲିସ ବିଭାଗର ନୂତନ ଆବାସିକ ଗୃହ କେନ୍ଦୁଝର, ୫୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ବୋଦାପଳଶା, ୫୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ, ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ବୋଦାପଳଶା, ନୂତନ ଗୃହ ଧରଣୀଧର ମହାବିଦ୍ୟାଳୟ, ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ଧରଣୀଧର ମହାବିଦ୍ୟାଳୟ, ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଧରଣୀଧର ମହାବିଦ୍ୟାଳୟ, ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ବଳଭଦ୍ରପୁର, ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ରଘୁନାଥପୁର, ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ ପଞ୍ଚରା ଓ ପଣ୍ଡୁଆ, ୧୯.୪ କି.ମି. ସଡକ ଆଧୁନିକୀକରଣ–ହାଟଡିହୀ, ମରେଗାଁ, ବସନ୍ତିଆ, ପନ୍ଦାଡୋ, ଇଞ୍ଚଳୋ, ଜମ୍ବୀରା, ବାଲିପୁର, ନନ୍ଦିପଦା, ମରେଗାଁଠାରୁ ବଳିପୁର ପର୍ଯ୍ୟନ୍ତ, ବୈତରଣୀ ବନ୍ୟା ନିୟନ୍ତ୍ରଣ ନଦୀବନ୍ଧ ପ୍ରକଳ୍ପ–ଫଂକୀରପୁର, ମୁଗୁପୁର, ସୂର୍ଯ୍ୟନାରାୟଣପୁର, ପଞ୍ଚୁଗୋଛିଆ, ବଂଚୋ, ତରଭା ଆନନ୍ଦପୁରଠାରୁ ତରଭା ବାଲେଶ୍ୱର ପର୍ଯ୍ୟନ୍ତ, ବୈତରଣୀ ନଦୀବନ୍ଧର ସୁରକ୍ଷାକରଣ ପ୍ରକଳ୍ପ–ବରିଲୋ, ପଞ୍ଚୁପଲ୍ଲୀ, ଖପରାଖାଇ, ଜଅଁରା, ଟୁକୁଣା, ନୂଆଗଡ ଓ ଜଳସୁଆଁଠାରେ ଖପରାଖାଇଠାରୁ ପଞ୍ଚୁପଲ୍ଲୀ ପର୍ଯ୍ୟନ୍ତ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆନନ୍ଦପୁର ପୌରାଞ୍ଚଳ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ, ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଖେଣ୍ଡରା, ଚମ୍ପୁଆରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଓରିଆରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏତଦ୍‌ବ୍ୟତୀତ ୨୧ ଶହ କୋଟି ଟଙ୍କାର ୪୭ ଟି ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶୁଭ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଚାଷୀ ସମାବେଶ
- ୬୬ କୋଟି ଟଙ୍କାର ୧୭ ପ୍ରକଳ୍ପ ଉଦ୍‌ଘାଟିତ
- ୨୧ ଶହ କୋଟି ଟଙ୍କାର ୪୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ମଞ୍ଚରେ ଚାଷୀ, ମହିଳାଙ୍କ ସହ ବସିଲେ ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ଗସ୍ତର ଏପାଖ ସେପାଖ...

କେନ୍ଦୁଝର, ୩।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଗସ୍ତରେ ଆସି ରବିବାର ପଣ୍ଡାପଡ଼ାଠାରେ କୃଷକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଉଦ୍‌ଘାଟନ କରିଥିଲେ। ଏଥିସହ କାଳିଆ ଯୋଜନାରେ କାଳିଆ ଛାତ୍ରବୃତ୍ତି ନାମକ ଆଉ ଏକ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା ମଧ୍ୟ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଦେଖା ଦେଇଥିବା କିଛି ଝଲକ।

ଏୟାରକ୍ରାଫ୍ଟରେ ଆସି ହେଲିକପ୍ଟରରେ ସଭାସ୍ଥଳକୁ ଗଲେ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିନିକିଆ କେନ୍ଦୁଝର ଗସ୍ତ ବ୍ୟୟବହୁଳ ଥିଲା। ଭୁବନେଶ୍ୱରରୁ ଏକ ଏୟାରକ୍ରାଫ୍ଟରେ ଆସି ସଦର ବ୍ଲକ ରାଇସୁଆଁ ଏୟାରଷ୍ଟ୍ରିପ ପଡ଼ିଆରେ ଓହ୍ଲାଇ ଥିଲେ। ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ଯାଇଥିଲେ। ସେଠାରୁ ପୁଣି ହେଲିକପ୍ଟରରେ କେନ୍ଦୁଝର ଘଟଗାଁ ବ୍ଲକ ପଣ୍ଡାପଡାକୁ ଆସି ସଭା ପରେ ପୁଣି ହେଲିକପ୍ଟରରେ ରାଇସୁଆଁ ଏୟାରଷ୍ଟ୍ରିପକୁ ଆସି ଥିଲେ। ସେଠାରୁ ୟାରକ୍ରାଫ୍ଟରେ ଭୁବନେଶ୍ୱର ଫେରିଥିଲେ। ସିଧାସଳଖ ହେଲିକପ୍ଟରରେ କାର୍ଯ୍ୟକ୍ରମସ୍ଥଳକୁ ନ ଆସି ଦୁଇଟି ବ୍ୟମ ଯାନ ବ୍ୟବହାର ବ୍ୟୟବହୁଳ ବୋଲି ଆଲୋଚନା ହୋଇଥିଲା।

ସଭା ଉପରକୁ ମନ୍ତ୍ରୀ, ଲୋକ ପ୍ରତିନିଧିଙ୍କୁ ମନା

ମୁଖ୍ୟମନ୍ତ୍ରୀଙ୍କ ସଭାରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ସଭା ମଞ୍ଚ ତଳେ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର, ଏମ୍‌ପି ଶକୁନ୍ତଳା ଲାଗୁରୀ ଓ ଅନ୍ୟ ବିଧାୟକ ବସିଥିଲେ। ମଞ୍ଚ ଉପରେ ଭାରତୀୟ ସେବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଆଲୋଚ୍ୟର ବିଷୟ ହୋଇଥିଲା। ସରକାରୀ କାର୍ଯ୍ୟକ୍ରମ ପାଇଁ ନେତାଙ୍କୁ ସ୍ଥାନ ମିଳି ନ ଥିଲା ବୋଲି ଚର୍ଚ୍ଚା ହେଉଛି।

ଭାଷଣ ବେଳେ ଚେୟ୍ୟାର ଖାଲି

ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳେ ଅଧାଅଧି ଚେୟ୍ୟାର ଖାଲି ପଡ଼ିଥିଲା। ପୂର୍ବରୁ ବହୁ ଚେୟ୍ୟାର ବାହାରେ ଗାଡିରେ ଲୋଡ ହୋଇ ରହିଥିଲା। ବହୁ ଲୋକ ବାହାରେ ଠିଆ ହୋଇ ଦେଖୁଥିଲେ ବସିବାକୁ ଗଲେ ନାହିଁ। ବହୁ ସମୟ ବସି ଭୋକ ହେବାରୁ ଖାଇବାକୁ ଚାଲିଯାଉଥିବାରୁ ଚେୟ୍ୟାର ଖାଲି ପଡିଥିଲା ବୋଲି କେତେକ ନେତା ସଫେଇ ଦେଇଥିଲେ। ଅନ୍ୟ ପକ୍ଷରେ କାଳିଆ ଗଞ୍ଜି, ବିସ୍କୁଟ ଓ ପାଣି ବୋତଲ ଥିବା ବ୍ୟାଗ ପାଇବା ପରେ ସଭାରୁ ଜଣେ ଜଣେ କରି ଲୋକେ ପଳାଇଗଲେ ବୋଲି ଆଲୋଚନା ହେଉଛି।

ସଭାରେ ପଲିଥିନ ମନ୍ୟ

ସରକାର ପଲିଥିନ ବ୍ୟାନ କରି ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା ବେଳେ ସଭା ସ୍ଥଳରେ ବହୁ ପରିମାଣରେ ପଲିଥିନ ପଡ଼ିଥିଲା। ମଇଳା ଆବର୍ଜନା ପକାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ପାଣି ଓ ଅନ୍ୟ ସାମଗ୍ରୀ ବାଣ୍ଟୁଥିବା କର୍ମୀ ଓ ନେତା ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ପାଣି ବୋତଲ, ଦହି ପାଉଚ ମଧ୍ୟ ଏଣେ ତେଣେ ପଡି ଥିଲା।

ପାଣି ପାଇଁ ଡହଳବିକଳ

ସମାବେଶକୁ ଆସିଥିବା ଚାଷୀ ଓ ମହିଳା ପାଣି ପାଇଁ ଡହଳ ବିକଳ ହୋଇଥିଲେ। ଗାଡିରୁ ପାଣି ବୋତଲ ନେବା ବେଳେ ଲୋଲେ ଛଡ଼ାଛଡି ହୋଇଥିଲେ। ଅଲଗା ବ୍ୟବସ୍ଥା ନ ଥିବାରୁ ମହିଳାମାନେ ଅସୁବିଧା ଭୋଗିଥିଲେ। ଦହି ପାଣି ବ୍ୟବସ୍ଥା କରାଯାଇଥିଲେ ହେଁ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଗାଡି ଉପରୁ ପାଣି ବୋତଲ ଫୋପଡା ଯିବାରୁ ଅନେକ ମହିଳାପୁରୁଷ ଲୋକଙ୍କ ମୁଣ୍ଡ ଓ ଦେହରେ ବାଜିଥିଲା।

ସ୍କୁଲ ବସ୍‌ରେ ଲାଗିଲା ଦଳୀୟ ପତାକା

ସ୍କୁଲ ବସ୍‌ରେ ଦଳୀୟ ପତାକା ଲାଗାଇ ଲୋକଙ୍କୁ ନେବା ଆଣିବା କରିବା ବିରୋଧୀ ସମାଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ବସ ଓ ଯାତ୍ରୀବାହୀ ଜିପ ଆଦି ବୁକିଂ କରାଯାଇଥିବାରୁ ସାଧାରଣ ଯାତ୍ରୀ ଯାତାୟାତ କରିବାକୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ସଭାକୁ ଯାଇ ନ ପାରିବାରୁ ରାସ୍ତାରୋକୋ

ଚାଷୀ ସମାବେଶଷକୁ ଯାଇ ନ ପାରିବାରୁ ପାଟଣା ବ୍ଲକର କେନ୍ଦେଇପଶି ଗ୍ରାମର କେତେକ ମହିଳା ରବିବାର ରାସ୍ତା ଅବରୋଧ କରିଥିଲେ। ଗାଡି ନ ମିଳିବାରୁ ସେମାନେ ଯାଇ ପାରି ନ ଥିଲେ। ସାହାରପଡା ଅଞ୍ଚଳରେ ଗାଡି ନ ପାଇ ମହିଳା ରାସ୍ତାରେ ଅପେକ୍ଷା କରିଥିଲେ। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପାଟଣା ତହସିଲଦାର ଶିବ ପ୍ରସାଦ ମୁର୍ମୁ କେନ୍ଦେପଶିରେ ପହଞ୍ଚି ଗାଡି ବ୍ୟବସ୍ଥା କରିବା ପରେ ରାସ୍ତାରୋକୋ ହଟିଥିଲା।

■ କାନପୁର ନଦୀବନ୍ଧ କାର୍ଯ୍ୟ ମନ୍ଥର

ମାଠିଆ ଧରି ଭାଜପାର ହରତାଳ

ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

ଚମ୍ପୁଆ, ୩।୨(ଡି.ଏନ.ଏ.)

ଚମ୍ପୁଆ ନିର୍ବାଚନମଣ୍ଡଳୀ ମହେଶ୍ୱରପୁରଠାରେ ନିର୍ମାଣାଧୀନ କାନପୁର ନଦୀବନ୍ଧ କାର୍ଯ୍ୟର ମନ୍ଥରତା ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରବିବାର ହରତାଳ ସହ ବିକ୍ଷୋଭ କରାଯାଇଥିଲା। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଜୋଯାକ ଶ୍ରୀମନ୍ତ ତ୍ରୀପାଠୀଙ୍କ ନେତୃତ୍ୱରେ ୩ଶହରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇଥିଲେ। ମହେଶ୍ୱରପୁରଠାରେ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ହରତାଳ କରାଯାଇଥିଲା। ଚାଷୀ ମାଠିଆ ଓ ବାଲଟିରେ ପାଣି ନେଇ ମହେଶ୍ୱରପୁରଠାରେ ଅଧାପନ୍ତରା ଥିବା କାନପୁର କେନାଲରେ ଢାଳି ବିରୋଧ ପର୍ଦଶନ କରିଥିଲେ। କୃଷକଙ୍କୁ ଚାଷ ଉପଯୋଗୀ ପାଣି ଯୋଗାଇ ଦେବାକୁ ଦାବି ହୋଇଛି। ଖଣି କମ୍ପାନୀ ବୈତରଣୀରୁ ପାଣି ଶୋଷୁଛନ୍ତି। ତାଙ୍କପ୍ରତି ଅଙ୍କୁଶ ନ ଥିବା ଓ କାଳିଆ ଯୋଜନାକୁ ତ୍ରିପାଠୀ ସମାଲୋଚନା କରିଥିଲେ। କାଳିଆ ଯୋଜନାର ଅର୍ଥ ବଡବଡିଆଙ୍କ ପକେଟକୁ ଯାଉଥିବା ବେଳେ କେନ୍ଦୁଝର ପଣ୍ଡାପଡାଠାରେ ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଯାତ୍ରୀଙ୍କୁ ହଇରାଣ କରାଗଲା ତାହାକୁ ବିରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ମହାନ୍ତ, ଖଗେଶ୍ୱର ମହାନ୍ତ, ପର୍ଶୁରାମ ମୁଣ୍ଡା, ସୁଦାମ ମହାନ୍ତ, ଲକ୍ଷ୍ମଣ ମହାନ୍ତ, ସୁରେଶ ମହାନ୍ତ, ରେଣୁବାଳା ମହାନ୍ତ, କାଙ୍ଗାଳି ମହାରଣା ପ୍ରମୁଖ ଯୋଗ ଦେଇଥିବା ବେଳେ ଜର୍ମାନୀ ମହାନ୍ତ ସଭା ପରିଚାଳନା କରିଥିଲେ।

ପୁ